
୧୨ ଡିସେମ୍ବରରେ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-121 •TUESDAY •28 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୧ •ମଙ୍ଗଳବାର •୨୮ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜି ରାତିରେ ବାତ୍ୟା ମାଡ଼

## ଆନ୍ଧ୍ରରେ ପବନ; ଓଡ଼ିଶାକୁ ବର୍ଷା ଭୟ

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ମୋନ୍ଥା' ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ୍) ର ରୂପ ନେଇ ଉତ୍ତର-ପଶ୍ଚିମ ଦିଗରେ ଆନ୍ଧ୍ର ଉପକୂଳ ମୁହାଁ ହୋଇଛି । ଏହା ଆସନ୍ତାକାଲି (ମଙ୍ଗଳବାର) ରାତିରେ ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଧ୍ୟବର୍ତ୍ତୀ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍ଡି) ଆକଳନ କରିଛି ।


ପାଣିପାଗ ବିଭାଗର ସୂଚନା ଅନୁସାରେ, 'ମୋନ୍ଥା' ଲ୍ୟାଣ୍ଡଫଲ୍ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି. ଓ ଝଟକା ପବନର ବେଗ ୧୧୦ କିମି. ପର୍ଯ୍ୟନ୍ତ ରହିପାରେ । କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବା ପରେ 'ମୋନ୍ଥା' ମାଲକାନଗିରି ଜିଲ୍ଲା ଦେଇ ୨୮ ତାରିଖ ବିଳମ୍ବିତ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ଓଡ଼ିଶାକୁ ପ୍ରବେଶ କରିବ । ଏହାପରେ 'ମୋନ୍ଥା' ଦୁର୍ବଳ ହୋଇ ଗଭୀର ଅବପାତ ଅବସ୍ଥାରେ ଗତି କରିବ । ତେଣୁ 'ମୋନ୍ଥା' ପ୍ରଭାବରେ ଆନ୍ଧ୍ରପ୍ରଦେଶରେ ଅଧିକ ପବନ ହେବାକୁ ଥିବାବେଳେ ଓଡ଼ିଶାରେ ଏହାର ପ୍ରକୋପ ନ୍ୟୂନ ରହିବ । ତେବେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ 'ମୋନ୍ଥା' ପ୍ରଭାବରେ ୬୦-୭୦ କିମି ବେଗରେ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

କାକିନାଡ଼ାର ଦୂରତା ମାଲକାନଗିରିଠାରୁ ମାତ୍ର ୨୦୦ କିମି. ହୋଇଥିବାରୁ ଏହି ଜିଲ୍ଲା ଉପରେ ବାତ୍ୟାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ▶ପୃଷ୍ଠା-୯

**୨୮-୨୯ରେ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା**

**ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି**

**୩୨ଟି ଟ୍ରେନ୍ ବାତିଲ୍; ୨ଟିର ଗତିପଥ ପରିବର୍ତ୍ତନ**




## ଆଜିଠୁ ୧୨ ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ

■ **ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି):** ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ କରିବାକୁ ନିର୍ବାଚନ କମିସନ ଘୋଷଣା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, କେରଳ, ଉତ୍ତରପ୍ରଦେଶ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଗୁଜରାଟ, ଗୋଆ, ଲାକ୍ଷାଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ । ଏହି ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରାଯାଇନାହିଁ । ସେହିପରି ଆସାମରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏସ୍ଆଇଆର୍ ପ୍ରକ୍ରିୟାରେ ଏହାକୁ ସାମିଲ କରାଯାଇ ନାହିଁ । ଆସାମ ପାଇଁ ସ୍ୱତନ୍ତ୍ର ନାଗରିକତା ଆଇନ ଥିବାରୁ ସେଠାରେ ପୃଥକ ଭାବେ ଏସ୍ଆଇଆର୍ କରାଯିବ । ଆସନ୍ତା ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରି ଏବଂ କେରଳରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୭ରେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବ ।




**ଓଡ଼ିଶାରେ ଏବେ ନୁହେଁ, ଆସାମ ପାଇଁ ପୃଥକ ଏସ୍ଆଇଆର୍**

ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି, ଏସ୍ଆଇଆର୍ ହେବାକୁ ଥିବା ଉପରୋକ୍ତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲିଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବୁଥ୍ସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯିବ । ନଭେମ୍ବର ୪ରୁ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ପୂରଣ ସହିତ ▶ପୃଷ୍ଠା-୯

## ଆଜିଠାରୁ ୨ ଦିନ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

**ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା, ଖୋର୍ଦ୍ଧା ଓ ପୁରୀରେ ଛୁଟି**

**ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ**

■ **ଭୁବନେଶ୍ୱର, ୨୭ ।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨ଦିନ ଯାଏଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି । ମାତ୍ରାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା ସମେତ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ । ▶ପୃଷ୍ଠା-୯

## ମରାମତି କାର୍ଯ୍ୟ ବନ୍ଦ; କଳିଙ୍ଗା ଘାଟି ରାସ୍ତା ସିଲ୍



■ **ଜି.ଉଦୟଗିରି, ୨୭।୧୦(ସମିସ):** ଭୂ-ସ୍ଖଳନ ପରେ କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହୋଇପାରି ନଥିବା ବେଳେ ଏବେ ପୁଣିଥରେ ବାତ୍ୟା ମୋନ୍ଥା ଯୋଗୁଁ ଭୟ ଦେଖାଦେଇଛି । ଅତ୍ୟଧିକ ବର୍ଷା ହେଲେ ପୁଣି ଭୂ-ସ୍ଖଳନ ହୋଇ ରାସ୍ତା ଧୋଇନେବା ଡର ରହିଛି । ଅପରପକ୍ଷେ, ବାତ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମ ବନ୍ଦ କରାଯାଇଛି । ତିନି ଦିନ ▶ପୃଷ୍ଠା-୯

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଅସୁସ୍ଥ

**ଖାଦ୍ୟ ବିଷକ୍ରିୟାରୁ ପଦ୍ମିନୀଙ୍କ ଝିଆରୀ ମୃତ, ଅନ୍ୟ ଦୁଇ ଜଣ ଗୁରୁତର**

■ **କୋରାପୁଟ, ୨୭।୧୦ (ସମିସ):** ଫୁଡ୍ ପଏଜନ ହୋଇ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଅସୁସ୍ଥ ହୋଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ପଦ୍ମିନୀଙ୍କ ସମ୍ପର୍କୀୟ ଝିଆରୀ ପାର୍ବତୀ ମାଝି(୫୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ପଦ୍ମିନୀଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।



ସୂଚନା ଅନୁଯାୟୀ, ଗତକାଲି ପଦ୍ମିନୀଙ୍କ ଘରେ ଭୋଜି ଥିଲା । ଏହି ସମୟରେ ସମସ୍ତେ 'ଆମଟୁ' ନାମକ ପାରମ୍ପରିକ ଖାଦ୍ୟ ଖାଇଥିବା କୁହାଯାଉଛି । ଏହି ଖାଦ୍ୟ ଖାଇବା ପରେ ସମସ୍ତେ ଅସୁସ୍ଥ ହୋଇ ପଡିଥିଲେ । ସେମାନଙ୍କୁ ଚିକିତ୍ସା ପାଇଁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ପଦ୍ମିନୀଙ୍କ ଝିଆରୀ ପାର୍ବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଟପାଡ଼ ହସ୍ପିଟାଲରୁ ଜୟପୁର ହସ୍ପିଟାଲକୁ ▶ପୃଷ୍ଠା-୯

## ଉପନିର୍ବାଚନ ବେଳେ ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ାରେ ଉପ ନିର୍ବାଚନ ଅନୁଷ୍ଠିତ ହେବ । ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏତିକିବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ ଛୁଟିରେ ଯାଇଛନ୍ତି । ବ୍ୟକ୍ତିଗତ କାରଣରୁ ସେ ଆସନ୍ତା ନଭେମ୍ବର ୧୫ ତାରିଖ ଯାଏଁ ଛୁଟିରେ ରହିବେ ବୋଲି ସୂଚନା ମିଳିଛି । ଗୃହ ବିଭାଗ ପକ୍ଷରୁ ଡିଜିଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ତେବେ ଉପ ନିର୍ବାଚନ ▶ପୃଷ୍ଠା-୯

**ଦାୟିତ୍ୱରେ ରହିବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ**

## ହରଡ଼ଘଣାରେ ସରକାରୀ ବାବୁ

## ସମ୍ପତ୍ତି ତାଲିକା ଦେଲେ ନାହିଁ; ମିଳିବନି ପଦୋନ୍ନତି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଏବେ ହରଡ଼ଘଣାରେ ପଡ଼ିଛନ୍ତି ସରକାରୀ ବାବୁ । ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ଚଳିତ ବର୍ଷ ସେମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ । ଯେଉଁମାନେ ଏହି ତାଲିକା ଦାଖଲ କରିବାରେ ବ୍ୟର୍ଥ ହେବେ, ସେମାନଙ୍କୁ ଆଗାମୀ ବର୍ଷ ବି ପଦୋନ୍ନତି ମିଳିବ ନାହିଁ ବୋଲି ସୂଚନା ମିଳିଛି । ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗରୁ ନିର୍ଦ୍ଦେଶନାମା ଜାରି ହୋଇଛି ।


**ଆଉ ବଢ଼ିବ ନାହିଁ ସମ୍ପତ୍ତି ତାଲିକା ଦାଖଲ ଅବଧି**

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବହୁ ସରକାରୀ କର୍ମଚାରୀ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଦାଖଲ କରିନାହାନ୍ତି । ସମ୍ପତ୍ତି ତାଲିକା ଦାଖଲ କରିବାର ସମୟସୀମା ବୃଦ୍ଧି ପାଇଁ ଇତିମଧ୍ୟରେ ବହୁ ଅନୁରୋଧ ବିଭାଗ ପାଖରେ ହସ୍ତଗତ ହୋଇଥିଲା । ବିଭାଗୀୟସ୍ତରରେ ଏହି ଅନୁରୋଧକୁ ବିଚାର କରାଯିବା ପରେ ପ୍ରଶାସନିକ ଶୃଙ୍ଖଳାକୁ ▶ପୃଷ୍ଠା-୯

**ଇଣ୍ଡିଆ ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

## ବନ୍ଦର ବିକାଶ ପାଇଁ ୫୦ ହଜାର କୋଟିର ଏମ୍ଓୟୁ

■ **ଭୁବନେଶ୍ୱର,୨୭।୧୦(ସମିସ):** ଓଡ଼ିଶା ଏକ ସୁଦୃଢ଼ ବନ୍ଦର-ଆଧାରିତ ଅର୍ଥବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ । ଆମର ଏହି ପ୍ରୟାସ ରାଜ୍ୟର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତି ଇଞ୍ଜିନରେ ପରିଣତ କରିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସୋମବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍



ସପ୍ତାହ ୨୦୨୫ର ଉଦଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବନ୍ଦର କ୍ଷମତା ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ରାଜ୍ୟରେ ବନ୍ଦର ଭିତ୍ତିକ ଅର୍ଥନୀତିକୁ ବଳ ଦେବା ପାଇଁ ପ୍ରାୟ ୫୦ ହଜାର କୋଟିର ଏଓୟୁ ମଧ୍ୟ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସୁଯୋଗ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ▶ପୃଷ୍ଠା-୯







ସକାଳ
THE SAKALA
www.sakalaepaper.com

## ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କଲେ ସିଜେଆଇ ଗଭାଇ

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶ ତଥା ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିଷ ଭୂଷଣ ରାମକୃଷ୍ଣ ଗଭାଇ ସୋମବାର କେନ୍ଦ୍ର ସରକାରଙ୍କୁ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଛନ୍ତି । ଏଥିସହ ସିଜେଆଇ ନିଯୁକ୍ତି ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଆଇନ ମନ୍ତ୍ରଣାଳୟ ତରଫରୁ ନିର୍ଦ୍ଦେଶ ମିଳିବା ପରେ ପରମ୍ପରା ଅନୁଯାୟୀ ସିଜେଆଇ ହିଁ ନିଜର ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିଥାନ୍ତି । ଏବେ ଦାୟିତ୍ୱରେ ଥିବା ପ୍ରଧାନ ବିଚାରପତି ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ । ତାଙ୍କପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ ଓ ୨୦୨୭ ଫେବୃଆରୀ ୯ରେ ଅବସର ନେବେ । ସେ ୧୪ ମାସ ପାଇଁ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ନିୟମ ଅନୁସାରେ ସୁପ୍ରିମକୋର୍ଟଙ୍କ ବିଚାରପତି ୬୫ ବର୍ଷ ବୟସରେ ହିଁ ଅବସର ଗ୍ରହଣ କରିଥାନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାର ପ୍ରଥମ ବିଚାରପତି ଭାବେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ । ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନିଜର ସ୍ମରଣୀୟ ରାୟ ପ୍ରଦାନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

## ବାଂଲାଦେଶ ନକ୍ସାରେ ଉତ୍ତରପୂର୍ବ ଭାରତ

ଢାକା, ୨୭ ।୧୦(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ପାକିସ୍ତାନ ସେନାର ଅନ୍ୟତମ ଜେନେରାଲ ସାହିର ସମସାଦ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାରରେ ପ୍ରଦାନ କରିଛନ୍ତି । ଏହି ମାନଚିତ୍ରରେ ଭାରତର ଉତ୍ତରପୂର୍ବ ରାଜ୍ୟଗୁଡିକୁ ବାଂଲାଦେଶ ନିଜର ଅଞ୍ଚଳ ବୋଲି ଦର୍ଶାଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ । ଏହି ମାନଚିତ୍ରରେ ଆସାମ ସମେତ ଅନ୍ୟ ଉତ୍ତରପୂର୍ବର ରାଜ୍ୟଗୁଡିକୁ ବାଂଲାଦେଶରେ ସାମିଲ କରାଯାଇଥିବାର ଦେଖା ଯାଇଛି । ୟୁନୁସ ମିର୍ଜାଙ୍କୁ 'ଆର୍ଟ ଅଫ୍ ଟ୍ରମ୍ଫ' ନାମକ ଏକ ବହିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ବହିର ପ୍ରଚ୍ଛଦରେ ବାଂଲାଦେଶର ବିବାଦୀୟ ମାନଚିତ୍ର ଦେଖିବାକୁ ମିଳିଛି । ବହିର କଭରରେ ଉତ୍ତରପୂର୍ବରୁ ୭ଟି ରାଜ୍ୟକୁ ବାଂଲାଦେଶର ଅଂଶ ବୋଲି ଦର୍ଶାଯାଇଛି । ଏହାକୁ କଠୋରପନ୍ଥୀ ଇସ୍‌ଲାମିକ୍ ସଂଗଠନଗୁଡିକ ଗ୍ରେଟର ବାଂଲାଦେଶ ବୋଲି କହୁଛନ୍ତି ।

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କରିଛ କ'ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ରୋକିବା ପାଇଁ କି ପଦକ୍ଷେପ ନେଇଛ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ପଚାରିଛନ୍ତି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆତ୍ମହତ୍ୟା ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ମାର୍ଗଦର୍ଶିକାକୁ କିପରି ଭାବେ ପାଳନ କରାଯାଇଛି ତାହାର ସୂଚନା ଦେବା ପାଇଁ ରାଜ୍ୟ ଏବଂ କେନ୍ଦ୍ରମାନଙ୍କୁ ୮ ସପ୍ତାହ ସମୟ ଦେଇଛନ୍ତି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ । ଜୁଲାଇ ୨୫ରେ ସୁପ୍ରିମକୋର୍ଟ ୨ ମାସ ଭିତରେ ଘରୋଇ କୋଚିଂ କେନ୍ଦ୍ରର ପଞ୍ଜିକରଣ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଅଭିଯୋଗର ସମାଧାନ ପାଇଁ ନିୟମ ବନାଇବାକୁ କହିଥିଲେ ।

## ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା, ୨୭ ।୧୦(ଏଜେନ୍ସି): ଅଯୋଧ୍ୟାରେ ଭଗବାନ ଶ୍ରୀରାମ ଜନ୍ମଭୂମୀ ମନ୍ଦିର କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି । ସବୁ ମୂର୍ତ୍ତି ସ୍ଥାପନ କରାଯାଇଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସୋମବାର ଘୋଷଣା କରିଛି । ମନ୍ଦିରରେ ଧ୍ୱଜଦଣ୍ଡ ସହ କଳସ ସ୍ଥାପନ କରାଯାଇଛି । ମୁଖ୍ୟ ମନ୍ଦିର ସମେତ ଭଗବାନ ଶିବ, ଗଣେଶ, ହନୁମାନ, ସୂର୍ଯ୍ୟଦେବ, ଦେବୀ ଭଗବତୀ, ଦେବୀ ଅର୍ଣ୍ଣପୂର୍ଣ୍ଣା ଓ ଶେଷ ଅବତାର ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସବୁ ପ୍ରତିମାଗୁଡିକୁ ମଧ୍ୟ ସ୍ଥାପନ କରାଯାଇଛି ।

## ପୁଣି ହାତକଡ଼ି ପିନ୍ଧାଇ ୫୦ ଭାରତୀୟଙ୍କୁ ବିଦାକଲା ଆମେରିକା

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ଆମେରିକାରୁ ପୁଣିଥରେ ଅପଦସ୍ଥ କରାଇ ପ୍ରବାସୀ ଭାରତୀୟଙ୍କୁ ପ୍ରତ୍ୟର୍ପଣ । ଶନିବାର ବିଳମ୍ବିତ ରାତିରେ ପ୍ରବାସୀଙ୍କୁ ନେଇ ଏକ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ଅବତରଣ କରିଥିଲା । ଏମାନଙ୍କ ହାତରେ ହାତକଡ଼ି ପଡ଼ିଥିଲା । ପ୍ରତ୍ୟର୍ପଣ ହୋଇଥିବା ୫୦ଜଣ ଭାରତୀୟଙ୍କ ମଧ୍ୟରେ କେବଳ ୩୫ ଜଣ ହରିୟାଣାର ଥିଲେ । ବିମାନରେ ଦୀର୍ଘ ୨୫ ଘଣ୍ଟା ଧରି ସେମାନଙ୍କ ହାତରେ ହାତକଡ଼ି ଥିଲା । ଏହି ୩୫ଜଣଙ୍କ ମଧ୍ୟରୁ ହରିୟାଣା କର୍ଣ୍ଣାଲ୍‌ର ୧୬, କଇଥାଲର ୧୪ ଓ କୁରୁକ୍ଷେତ୍ରର ୫ ଜଣ ସାମିଲ ରହିଛନ୍ତି । ସମସ୍ତଙ୍କୁ ନିଜ ଜିଲ୍ଲାକୁ ଅଣାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଏମାନେ ସମସ୍ତେ ଡଙ୍କି ରୁଟ୍ ଅର୍ଥାତ ଅବୈଧ ଭାବେ ପ୍ରବେଶ କରି ଆମେରିକାରେ ରହୁଥିଲେ ବୋଲି କଇଥାଲ ଡିଏସ୍‌ପି ଲଳିତ କୁମାର କହିଛନ୍ତି । ଏମାନଙ୍କ ବୟସ ୨୫ରୁ ୪୦ ବର୍ଷ ବୋଲି କୁହାଯାଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏମାନେ ରୋଜଗାର ତଥା ଚାକିରି ପାଇଁ ଆମେରିକା ଯାଇଥିଲେ । କିନ୍ତୁ ଶେଷରେ ଏମାନଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ବେରୋଜଗାର ଥିବାରୁ ଭାରତୀୟ ଯୁବକମାନେ ଉପାର୍ଜନ କରିବା ଲକ୍ଷ୍ୟରେ ବିଦେଶ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ବିଦେଶରେ ଏହି ଭଳି ସମସ୍ୟାର ସମ୍ମୁଖୀନ ହେବା ସହ ଅପଦସ୍ତ ତଥା ଅପମାନିତ ହେବାକୁ ପଡୁଛି । ପୂର୍ବରୁ ମଧ୍ୟ ଆମେରିକା



ପଞ୍ଜାବ, ହରିୟାଣା, ଗୁଜରାଟର ଅବୈଧ ପ୍ରବାସୀଙ୍କୁ ପର୍ଯ୍ୟାୟକ୍ରମେ ଭାରତକୁ ପ୍ରତ୍ୟର୍ପଣ କରିଥିଲା । ଏହାକୁ ନେଇ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ନିନ୍ଦା କରାଯାଇଥିଲା । ଏ ନେଇ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା ।

## ବିଶ୍ୱରେ ପ୍ରଥମ: ରୁଷ କ୍ରୁଜ୍ କ୍ଷେପଣାସ୍ତ୍ରକୁ ରୋକିପାରିବନି କୌଣସି ଡିଫେନ୍ସ ସିଷ୍ଟମ

ମସ୍କୋ, ୨୭ ।୧୦(ଏଜେନ୍ସି): ବିଶ୍ୱରେ ପ୍ରଥମଥର ପାଇଁ ରୁଷିଆ ପରମାଣୁ ଶକ୍ତି ଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରର ନାମ ବୁରେଭେସ୍ତିନିକ୍-୯ଏମ୍‌୭୩୯ ରଖାଯାଇଛି । ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କ୍ଷମତା ଅସୀମ ବୋଲି କୁହାଯାଇଛି । ଏହାର ସବୁ ପରୀକ୍ଷା କରାଯାଇ ସାରିଛି ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରବିବାର ଭିଡିଓ କନଫରେନ୍ସରେ କହିଛନ୍ତି । ଏଭଳି କ୍ଷେପଣାସ୍ତ୍ର ବିଶ୍ୱରେ କୌଣସି ଦେଶ ପାଖରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଥମ ଏଭଳି ଅସ୍ତ୍ର ତିଆରି କରିବା ଅସମ୍ଭବ ବୋଲି ବିଶେଷଜ୍ଞମାନେ କହୁଥିଲେ । କିନ୍ତୁ ଏବେ ଏହା ସତରେ ପରିଣତ ହୋଇଛି । ଅକ୍ଟୋବର ୨୧ରେ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଥିଲା ବୋଲି ରୁଷ ସେନା ମୁଖ୍ୟ ଵେଲେରି ଗେରେସିମୋଭ କହିଛନ୍ତି । ପରୀକ୍ଷା ଅବସରରେ ଏହି କ୍ଷେପଣାସ୍ତ୍ର ଦୀର୍ଘ ୧୫ ଘଣ୍ଟାର ଉଡାଣ ଭରିଥିଲା । ଏହି ଅବସରରେ ମିସାଇଲ ୧୪ ହଜାର କିମି ଦୂର ଯାତ୍ରା କରିଥିଲା ।



ତେବେ ଏହା ତା'ର ସର୍ବାଧିକ ଲକ୍ଷ୍ୟଭେଦ କ୍ଷମତା ନୁହଁ । ଏହି କ୍ଷେପଣାସ୍ତ୍ର ୧୪ ହଜାର କିମିରୁ ଅଧିକ ଦୂର ଯାତ୍ରା କରିପାରିବ । ଅର୍ଥାତ ଏହା ଅସୀମିତ ଦୂର ପର୍ଯ୍ୟନ୍ତ ଯାଇ ଟାର୍ଗେଟକୁ ମାଡ଼ କରିପାରିବ । ଏହା ଘଣ୍ଟାକୁ ୧୩୦୦ କିମି ବେଗରେ ଗତି କରିବ । ବୁରେଭେସ୍ତେନିକ ମିସାଇଲକୁ କୌଣସି ଡିଫେନ୍ସ ସିଷ୍ଟମ ଅଟକାଇପାରିବ ନାହିଁ ବୋଲି ସେ କହିଛନ୍ତି । ଏହି ମିସାଇଲ ଦ୍ୱାରା ରୁଷିଆ ଆମେରିକା ସମେତ ବିଶ୍ୱର ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିପାରିବ । ଏହି ମିସାଇଲ୍‌ର ଏକ ସ୍ୱତନ୍ତ୍ରତା ରହିଛି । ସାଧାରଣ ବାଲାଷ୍ଟିକ୍ ମିସାଇଲ୍ ଅନ୍ତରିକ୍ଷରେ ପୂର୍ବରୁ ନିଶ୍ଚିତ କରାଯାଇଥିବା ପଥ ଦେଇ ଗତି କରିଥାଏ । କିନ୍ତୁ ଏହି ମିସାଇଲ୍ ଭୂମିଠାରୁ ୫୦- ୧୦୦ ମିଟର ଉଚ୍ଚରେ ଯାତ୍ରା କରିବ ଓ ଗତିପଥ ପରିବର୍ତ୍ତନ କରିପାରିବ । ତେଣୁ ଏହାକୁ ଟ୍ରେସ୍ କରି ନିଷ୍କ୍ରିୟ କରିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଇଛି ।

### ସୁପ୍ରିମକୋର୍ଟରେ ବୁଲାକୁକୁର ମାମଲା

## ସତ୍ୟପାଠ ଦେଉନାହାନ୍ତି ରାଜ୍ୟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ଅଗଷ୍ଟରେ ଦିଆଯାଇଥିବା ରାୟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଗୁଡିକୁ ଭର୍ତ୍ସନା କରିଛନ୍ତି । ବୁଲା କୁକୁରଙ୍କୁ ଧରି ବନ୍ଧ୍ୟାକରଣ କରି ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିବାରୁ ସାରା ଦେଶରେ କୁକୁର କାମୁଡା ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହା ଅତ୍ୟନ୍ତ ବିରକ୍ତି କର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଥିବା ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡ଼ି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି । ପଶୁଙ୍କ ଜନ୍ମ ନିୟନ୍ତ୍ରଣ (ଏବିସି)କୁ ନେଇ କି ପଦକ୍ଷେପ ନିଆଯାଇଛି ତାହା ଉପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ।

### ସୁପ୍ରିମକୋର୍ଟ କ୍ଷୁବ୍ଧ; ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ହାଜିରା ନିର୍ଦ୍ଦେଶ

ନିଜ ଆଡୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ, ସଞ୍ଜୀବ ମେହେଟ୍ଟା ଏବଂ ଏନ. ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଗତ କିଛି ଦିନ ହେଲା ଦେଶରେ ଘଟିଥିବା କୁକୁର କାମୁଡା ଘଟଣାର ଉଦାହରଣ ଦେଇଥିଲେ । ମହାରାଷ୍ଟ୍ର, କେରଳ, ତେଲଙ୍ଗାନାରେ ଘଟଣା ବିଷୟରେ ଉଲ୍ଲେଖ କରି ରାଜ୍ୟ ସରକାରଗୁଡିକ ନିୟମ ପାଳନ କରୁ ନ ଥିବାରୁ କଠୋର ଭାଷାରେ ସମାଲୋଚନା କରିଥିଲେ । ଖଣ୍ଡପୀଠ କହିଥିଲେ ଯେ କୁକୁର କାମୁଡା ଜନିତ ଘଟଣା ବିଦେଶରେ ଦେଶର ଛବିକୁ ଖରାପ କରୁଛି । କୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇ ମାସ ବିତି ଯାଇଥିଲେ ବି ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଉ ନାହିଁ । ଏହାର କାରଣ ଦର୍ଶାଇବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ । ଖବର କାଗଜ ପଢୁଛନ୍ତି କି ନାହିଁ ବୋଲି ପଚାରି ଥିଲେ । ଏହା ପରେ ଆସନ୍ତା ସୋମବାର ୧୦ଟା୩୦ରେ ବ୍ୟକ୍ତିଗତ ଭାବେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ନିର୍ଦ୍ଦେଶ ନ ମାନିବେ ତେବେ ଜୋରିମାନା



ସହିତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ।

ଖଣ୍ଡପୀଠ କହିଥିଲେ ଯେ ଦିଲ୍ଲୀ ପୌରପାଳିକା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡି ଆଉ କୌଣସି ରାଜ୍ୟ ସତ୍ୟପାଠ ଦାଖଲ କରିନାହାନ୍ତି । ଦିଲ୍ଲୀ ସରକାର ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ବିଫଳ ହୋଇଛନ୍ତି । ଅନେକ ରାଜ୍ୟ ନିୟମ ପାଳନ କରିନାହାନ୍ତି । ଏପରିକି କୋର୍ଟରେ ରାଜ୍ୟମାନଙ୍କ ପ୍ରତିନିଧି ମଧ୍ୟ ଉପସ୍ଥିତ ନ ଥିଲେ ।

## ବିନା ଚାକିରିରେ ୩୮ ଲକ୍ଷ ଦରମା ପାଇଛନ୍ତି ପତ୍ନୀ

ଜୟପୁର, ୨୭।୧୦ (ଏଜେନ୍ସି): ରାଜସ୍ଥାନରୁ ଏକ ଚାଞ୍ଚଲ୍ୟକର ମାମଲା ସାମନାକୁ ଆସିଛି । ଆଜିର ଦୁନିଆରେ କାମ ନ କଲେ କେହି ଟଙ୍କାଟିଏ ଦେବାକୁ କୁଣ୍ଠା ହେଉଥିବାବେଳେ ଜଣେ ମହିଳା ବିନା ଚାକିରିରେ ୩୭.୫୪ ଲକ୍ଷ ଟଙ୍କା ଦରମା



ପାଇଛନ୍ତି । ଦିନଟେ ଅଫିସ ନ ଯାଇ ଏହି ମହିଳା ଗୋଟିଏ ନୁହେଁ, ଦୁଇ ଦୁଇଟି କମ୍ପାନୀରୁ ଦରମା ପାଇଛନ୍ତି । ମାସେ କି ଦୁଇ ମାସେ ନୁହେଁ, ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କ ଆକାଉଣ୍ଟକୁ ପ୍ରତି ମାସରେ ଦରମା ଆସିଛି । ଏହା କେବଳ ମହିଳାଙ୍କ ସରକାରୀ ଚାକିରିଆ ସ୍ୱାମୀଙ୍କ ପାଇଁ ସମ୍ଭବ ହୋଇପାରିଛି । ଦିନେ ଅଫିସ ନ ଯାଇ ରାଜସ୍ଥାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦୀକ୍ଷିତଙ୍କ ପତ୍ନୀ ପୁନମ ଦୀକ୍ଷିତ ୩୭.୫୪ ଲକ୍ଷ ଟଙ୍କା ଦରମା ପାଇଛନ୍ତି । ରାଜସ୍ଥାନ ହାଇକୋର୍ଟରେ ଏ ନେଇ ଏକ ଆବେଦନ ଦାଏର ହେବା ପରେ ମାମଲା ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ ପ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କୁ ବେଆଇନ ଭାବେ ଦୁଇ

### ସରକାରୀ ଚାକିରିଆ ସ୍ୱାମୀଙ୍କ କମାଲ

କମ୍ପାନୀ ଓରିଅନପ୍ରୋ ସଲ୍ୟୁସନ ଏବଂ ଟ୍ରିଗ୍ରୀନ ସଫ୍ଟୱାର ଲିମିଟେଡ ଖାଲି କାଗଜପତ୍ରରେ ପୁନମଙ୍କୁ ନିଜ କର୍ମଚାରୀ ଦେଖାଇ ଥିଲେ । ସରକାରୀ ଟେଣ୍ଡର ପାଇବାରେ ଯୁଗ୍ମ ନିର୍ଦ୍ଦେଶକ ସହାୟତା କରିଥିବାରୁ ତାଙ୍କ ପତ୍ନୀଙ୍କ ପ୍ରତି ଏହି ଦୁଇ କମ୍ପାନୀ ଏଭଳି ଅନୁକମ୍ପା ଦେଖାଇ ଥିଲେ । ତେବେ ଏ ସବୁ ଯୁଗ୍ମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ହୋଇଥିଲା । ଗତ ବର୍ଷ ସେପ୍ଟେମ୍ବର ୬ ତାରିଖରେ ରାଜସ୍ଥାନ ହାଇକୋର୍ଟ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଗତ ଜୁଲାଇ ୩ ତାରିଖରେ ଆଣ୍ଟି-କରପସନ ବ୍ୟୁରୋ (ଏସିବି) ଏହାର ତଦନ୍ତ ଆରମ୍ଭ କରିଥିଲା ।


ଯାଞ୍ଚରୁ ଜଣାପଡ଼ିଥିଲା ଯେ ଟେଣ୍ଡର ପାସ୍ କରିବା ବଦଳରେ ପତ୍ନୀଙ୍କୁ ମାସିକିଆ ଦରମା ପ୍ରଦାନ କରିବା ପାଇଁ ପ୍ରଦ୍ୟୁମ୍ନ ଦୁଇ କମ୍ପାନୀଙ୍କୁ କହିଥିଲେ । ୨୦୧୯ ଜାନୁଆରୀରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ପୁନମଙ୍କ ୫ଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ୩୭, ୫୪, ୪୦୫ ଟଙ୍କା ପଠା ଯାଇଥିଲା । ଏହି ଲାଞ୍ଚକୁ ଦରମା ଭାବେ ଦେଖା ଯାଇଥିଲା । ଏହି ଅବଧିରେ ମଧ୍ୟରେ ପୁନମ ଥରଟିଏ ବି କୌଣସି ଅଫିସକୁ କାମ କରିବାକୁ ଯାଇ ନ ଥିଲେ । ପତ୍ନୀଙ୍କ ପାଇଁ ସ୍ୱାମୀ ନିଜେ ଜାଲ୍ ଉପସ୍ଥାନ ଦେଉଥିଲେ । ପୁନମ ଏକାଥରକେ ଦୁଇ କମ୍ପାନୀରୁ ଦରମା ପାଉଥିଲେ । ଏହି ଅବଧିରେ ଉଭୟ କମ୍ପାନୀ ସରକାରୀ ଟେଣ୍ଡର ହାସଲ କରିଥିଲେ ।

## ଭଉଣୀଙ୍କ ଅଶ୍ଳୀଳ ଏଆଇ ଫଟୋ, ଭିଡିଓ ଦେଖାଇ ବ୍ଲାକ୍‌ମେଲ
## ଆତ୍ମହତ୍ୟା କଲେ କଲେଜ ଛାତ୍ର



ଫରିଦାବାଦ୍, ୨୭ ।୧୦(ଏଜେନ୍ସି): ହରିୟାଣାର ଫରିଦାବାଦ୍‌ରୁ ଏକ ବିଚଳିତ କଲା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ ୩ ଭଉଣୀଙ୍କ ଅଶ୍ଲୀଳ ଫଟୋ ଓ ଭିଡିଓ ଦେଖାଇ ବ୍ଲାକ୍‌ମେଲ କରାଯିବା ପରେ ବିଚଳିତ ହୋଇ ଜଣେ ୧୯ ବର୍ଷୀୟ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି । ଏହି ଛାତ୍ର ହେଉଛନ୍ତି ରାହୁଲ ଭାରତୀ । ଅଭିଯୁକ୍ତମାନେ ବ୍ଲାକମେଲ କରି ରାହୁଲଙ୍କୁ ୨୦ ହଜାର ଟଙ୍କା ଦେବାକୁ କହିଥିଲେ । ରାହୁଲ ଡିଏଭି କଲେଜରେ ଦ୍ୱିତୀୟ ବର୍ଷ ଛାତ୍ର । ଭଉଣୀଙ୍କ ଏଆଇ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଛାଡି ଦେବାକୁ ଅଭିଯୁକ୍ତ ମାନେ ଧମକ ଦେଇଆସୁଥିଲେ । ଫଳରେ ସେ ସଫାସ ପେଷ୍ଟିସାଇଡ୍ ଟାବଲେଟ୍ ଖାଇ ଆତ୍ମହତ୍ୟା କରିଥିଲେ । ରାହୁଲ ନିଜ ଭଉଣୀ ଓ ପରିବାର ସହ ଫରିଦାବାଦ୍‌ର ବାସେଲୱା କଲୋନୀରେ ରହୁଥିଲେ । ଏହି ମାମଲାରେ ଦୁଇଜଣଙ୍କୁ ଗିରଫ୍ କରି ପୁଲିସ ମାମଲା ରୁଜୁ କରିଛି । ଏମାନଙ୍କ ମଧ୍ୟରେ ରାହୁଲଙ୍କ ଜଣେ ବନ୍ଧୁ ମଧ୍ୟ ରହିଛନ୍ତି । ଦୁଇ ସପ୍ତାହ ତଳେ ଅଭିଯୁକ୍ତମାନେ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ । ରାହୁଲଙ୍କ ମୋବାଇଲ ଫୋନ୍‌କୁ ହ୍ୟାକ କରାଯିବା ପରେ ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇଥିଲା ବୋଲି ତାଙ୍କ ବାପା ମନୋଜ ପୁଲିସକୁ କହିଛନ୍ତି ।

## ୟୁପିଏସ୍‌ସି ଛାତ୍ରଙ୍କୁ ମାରିଥିଲେ ଲିଭ୍ ଇନ୍ ପାର୍ଟନର



ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଦିଲ୍ଲୀ ଗାନ୍ଧୀ ବିହାର ଅଞ୍ଚଳରେ ଅକ୍ଟୋବର ୬ରେ ଏକ ପୋଡ଼ା ମୃତଦେହ ଉଦ୍ଧାର କରାଯିବାର ରହସ୍ୟ ଉନ୍ମୋଚନ ହୋଇଛି । ହତ୍ୟାର ଶିକାର ହୋଇଥିବା ଯୁବକ ହେଉଛନ୍ତି ରାମକେଶ ମିନା । ସେ ୟୁପିଏସ୍‌ସି ଆଶୟୀ ଥିଲେ । ଏଥିପାଇଁ ପ୍ରସ୍ତୁତି କରୁଥିଲେ । ରାମକେଶଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ୨୧ ବର୍ଷୀୟା ଅମୃତା ଚୌହାନ ହତ୍ୟା କରିଥିଲେ । ସେ ନିଜର ପୂର୍ବତନ ପ୍ରେମିକ ଓ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଏଭଳି ଜଘନ୍ୟ କାଣ୍ଡ କରିଥିଲେ । ପ୍ରଥମେ ତାଙ୍କ ତଣ୍ଟି ଚିପି ମାରି ଥିଲେ । ଏହା ପରେ ମୃତଦେହ ଉପରେ ଘିଅ ଓ ମଦ ଢ଼ାଳି ଜଳାଇ ଦେଇଥିଲେ । ପୁଲିସ ଅମୃତା ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ଅମୃତା ଫରେନସିକ ସାଇନ୍ସର ଛାତ୍ରୀ । ଗତ ମେ ମାସରୁ ଦୁହେଁ ଲିଭ୍ ଇନ୍‌ରେ ରହିଥିଲେ । ରାମେକଶଙ୍କ ପାଖରେ ଅମୃତାଙ୍କର ଅଶ୍ଳୀଳ ଭିଡିଓ ଥିଲା । ବାରମ୍ବାର କହିବା ପରେ ମଧ୍ୟ ସେ ତାଙ୍କ ଭିଡିଓ ଡିଲିଟ୍ କରି ନ ଥିଲେ । ଫଳରେ ଅମୃତା ଚିନ୍ତିତ ହୋଇ ପଡିଥିଲେ । ଶେଷରେ ପୂର୍ବତନ ପ୍ରେମିକ ସୁମିତଙ୍କ ସହ ସେ ରାମକେଶଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ସୁମିତ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ଥିଲେ । ସେ ଗ୍ୟାସ ସିଲିଣ୍ଡରେ ନିଆଁ ଲଗାଇ ବିସ୍ଫୋରଣ ଘଟାଇ ଥିଲେ ।

## ଚାଷୀଙ୍କୁ ପିଟିପିଟି ମାରିଲେ; ଥର୍ ଚଢ଼ାଇଦେଲେ ବିଜେପି ନେତା

ଭୋପାଳ, ୨୭।୧୦ (ଏଜେନ୍ସି): ମଧ୍ୟପ୍ରଦେଶରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । କ୍ଷମତା ଏବଂ ଅର୍ଥ ବଳରେ ମଦମତ୍ତ ଥିବା ଜଣେ ବିଜେପି ନେତା ମଧ୍ୟପ୍ରଦେଶ ଗୁନା ଜିଲ୍ଲାର ଗଣେଶପୁରା ଗ୍ରାମରେ ଆତଙ୍କରାଜ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୁର୍ଦ୍ଧାନ୍ତ ଖଳନାୟକ ଚରିତ୍ରଠାରୁ ବି ସେ ଅଧିକ ନିର୍ଦ୍ଦୟୀ ଏବଂ ନୃଶଂସ ପାଲଟି ଯାଇଛନ୍ତି । ଫିଲ୍ମ ଶୈଳୀରେ ଜଣେ ଚାଷୀ ରାମସ୍ୱରୂପଙ୍କୁ ନିଜ ଗୁଣ୍ଡାଙ୍କ ସହ ଘେରି ପ୍ରବଳ ମାଡ଼ ମାରିଛନ୍ତି । ହାତ ମଧ୍ୟ ଭାଙ୍ଗି ଦେଇଛନ୍ତି । ଏତିକିରେ ନିର୍ଦ୍ଦୟୀଙ୍କ କ୍ଷୁଧା ମେଣ୍ଟିଲାନି ଯେ ଚାଷୀଙ୍କ ଉପରେ ଥାର ଗାଡ଼ି ଚଢ଼ାଇ ଦେଇଛନ୍ତି । ବାପା ମାଡ଼ ଖାଉଥିବା ଦେଖି ଦୁଇ ଝିଅ ଏବଂ ପତ୍ନୀ ଛଡ଼ାଇବାକୁ ଆସିଥିଲା । ମାତ୍ର ବିଜେପି ବୁଥ୍ କମିଟିର ଅଧ୍ୟକ୍ଷ ମହେନ୍ଦ୍ର ନାଗର ଏବଂ ତାଙ୍କ ଚାମ୍‌ଚାମାନେ ଚାରିପଟୁ ଘେରି ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଝିଅ ନେହୁରା ହେଉଥିବା ମାଆ ଏବଂ ଝିଅଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିଲେ । ଯୌନ ନିର୍ଯାତନା ମଧ୍ୟ ଦେଇଥିଲେ । ଏପରିକି ଝିଅମାନଙ୍କ ପୋଷାକ ଚିରି ଦେଇଥିଲେ । ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପାଇଁ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିଲେ । ବନ୍ଧୁକ ଦେଖି କୌଣସି ଗ୍ରାମବାସୀ ଏହି ଗରିବ ଚାଷୀଙ୍କ ପରିବାରକୁ ବିଜେପି ନେତାଙ୍କ କବଳରୁ ଛଡ଼ାଇବାକୁ ଆସି ନ ଥିଲେ । ଯିଏ ଆସିବ ତାକୁ ଗୁଳି କରିଦେବେ ବୋଲି ବିଜେପି ନେତା ଧମକ ଦେଇଥିଲେ । ଶେଷରେ ଅଧମରା କରି ଚାଲି ଯାଇଥିଲେ । କିନ୍ତୁ ଚାଷୀଙ୍କ ପ୍ରତି କେହି ଦୟା ଦେଖାଇ ମେଡିକାଲ ନେଲେ ମାରିଦେବେ ବୋଲି କହିଥିଲେ । ତେଣୁ ଲୋକେ ସବୁ ଦେଖି ବି କିଛି କରି ନ ଥିଲେ । ଏମିତିକି ଅଧମରା ଅବସ୍ଥାରେ ଚାଷୀ ପଡ଼ିଥିବାବେଳେ ବିଜେପି ନେତାଙ୍କ ଗୁଣ୍ଡା ତାଙ୍କୁ ଜଗି ରହିଥିଲେ । ଚାଷୀଙ୍କୁ ମେଡିକାଲ ନେବାକୁ ବି ଅନୁମତି ଦେଇ ନ ଥିଲେ । ଶେଷରେ ଚିକିତ୍ସା ନ ପାଇ ଚାଷୀ ପଡ଼ି ପଡ଼ି ପ୍ରାଣ ହରାଇ ଥିଲେ ।

ଜମି ବିବାଦ ପାଇଁ ବିଜେପି ନେତା ଏଭଳି ଜଘନ୍ୟ କାଣ୍ଡ କରିଛନ୍ତି । ଦୀର୍ଘ ଦିନ ହେଲା ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ସରକାରରେ ଆଇନ ଶୃଙ୍ଖଳା ସ୍ଥିତି କେମିତି ରହିଛି ଏହା ତାହାର କରୁଣ ଉଦାହରଣ । ଗତ ରବିବାର ଦ୍ୱିପହରେ ରାଜଧାନୀ ଭୋପାଳଠାରୁ ମାତ୍ର ୨୦୦ କିମି ଦୂରରେ ଏଭଳି ଘଟଣା ଘଟିଥିଲା । ଏହି ଅଞ୍ଚଳ ଫତେଗଡ଼ ଥାନା ଅଧିନରେ ଆସୁଛି । କିନ୍ତୁ ବିଜେପି ନେତା ମହେନ୍ଦ୍ରଙ୍କ ଭୟରେ ସ୍ଥାନୀୟ ପୁଲିସ ବି ମାମଲାରେ ହସ୍ତକ୍ଷେପ କରି ନ ଥିଲା । ଚାଷୀଙ୍କ ଝିଅ କାନ୍ଦି କାନ୍ଦି କହିଛନ୍ତି ଯେ ମାଆ ଏବଂ ବାପା କ୍ଷେତକୁ ଯାଉଥିବା ସମୟରେ ମହେନ୍ଦ୍ର, ହରିଶ ଏବଂ ଗୌତମ ସେମାନଙ୍କୁ ଆକ୍ରମଣ କରିଥିଲେ । ବାପା ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ବି ଅପରାଧୀଙ୍କ ବନ୍ଧୁକ ଦେଖି କେହି ସହାୟତା ପାଇଁ ଆସି ନ ଥିଲେ । ବଞ୍ଚାଇବାକୁ ଯିବାରୁ ମୋତେ ତଳେ ପକାଇ ଦେଇଥିଲେ । ପୋଷାକ ଚିରି ଧମକାଇ ଥିଲେ । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ରାମସ୍ୱରୂପଙ୍କ କ୍ଷତାକ୍ତ ଶରୀର ଗାଁରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକ କହିଛନ୍ତି ଯେ ଅଭିଯୁକ୍ତ ଏବଂ ତାଙ୍କ ଲୋକମାନେ ଆହତଙ୍କୁ ଡାକ୍ତରଖାନା ନ ନେବା ପାଇଁ କହିଥିଲେ । ସେମାନେ ଗଲା ପରେ ଚାଷୀଙ୍କୁ ଗୁନା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଗ୍ରାମବାସୀ କହିଛନ୍ତି ଯେ ମହେନ୍ଦ୍ର ନାଗର ନାମ ଶୁଣିଲେ ଲୋକେ ଭୟ କରୁଛନ୍ତି । କେହି ତାଙ୍କ ବିରୋଧରେ କହିବାକୁ ସାହସ କରନ୍ତି ନାହିଁ । ସେ ବର୍ଷ ବର୍ଷ ଧରି ଅନ୍ୟମାନଙ୍କ ଜମି ହଡ଼ପ କରିଆସୁଛନ୍ତି । ମହେନ୍ଦ୍ର ଭୟରେ ୨୫ ଜଣ ଚାଷୀ ନିଜ ଚାଷ ଜମିକୁ



କମ୍‌ଦାମରେ ବିକ୍ରି କରି ଗାଁ ଛାଡ଼ି ପଳାଇଛନ୍ତି । ଏହାକୁ ପ୍ରତିବାଦ କଲେ ମାଡ଼ ମରାଯାଏ କିମ୍ବା ଗାଁରୁ ବାହାର କରିଦିଆଯାଏ । କିନ୍ତୁ ରାମସ୍ୱରୂପ ମୁଣ୍ଡ ନୁଆଁଇବାକୁ ମନା କରିଦେଇଥିଲେ । ଏହା ନ ମାନିବାରୁ ତାଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା । ରାଜସ୍ଥାନର ପଚଲାୱାଡାରେ ଛଅ ବିଘା ଜମିକୁ ନେଇ ବିବାଦ କେନ୍ଦ୍ରିତ ଥିଲା ।

ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଧାରା ଅନୁଯାୟୀ ମହେନ୍ଦ୍ର ନଗର, ଜିତେନ୍ଦ୍ର ନଗର ଏବଂ ସେମାନଙ୍କ ପରିବାରର ତିନି ଜଣ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି । ରାଜସ୍ଥାନ ଫଚତାୱାଡାର ୬ ବିଘା ଜମିକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା । ଅନ୍ୟପଟେ ମହେନ୍ଦ୍ର ଦଳର କାର୍ଯ୍ୟକର୍ତ୍ତା ବୋଲି ଜିଲ୍ଲା ବିଜେପି ଅଧ୍ୟକ୍ଷ ଧର୍ମେନ୍ଦ୍ର ସିକାରୱାର ସ୍ୱୀକାର କରିଛନ୍ତି । ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି ବୋଲି ସେ କହିଛନ୍ତି । କିନ୍ତୁ ଏ ନେଇ ମହେନ୍ଦ୍ରଙ୍କ ବିରୋଧରେ କି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଲା ।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

# ତିନି ସପ୍ତାହରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ

କଟକ, ୨୭ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମିରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଲାଗି ରହିଛି । ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ଲୋଡ଼ିଥିବା ବେଳେ ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ ।

ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସେହିଭଳି ସରକାରଙ୍କ ଜବାବ ଦାଖଲ କରିବାର ଏକ ସପ୍ତାହ ଭିତରେ ଆବେଦନକାରୀ ଚାହିଁଲେ ପ୍ରତିଜବାବ ଦାଖଲ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ’ ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି । ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ ୧୯ ପରଠାରୁ ଅଚଳ ହୋଇପଡ଼ିଛି । ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିପାଇଁ ୫ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା । ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି ।

■ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ପ୍ରସଙ୍ଗ

# ହାଇକୋର୍ଟରେ ଏଜିଙ୍କ ଜବାବ ଦାଖଲ

କଟକ, ୨୭।୧୦(ସମିସ): ବହୁଚର୍ଚ୍ଚିତ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାର ସିବିଆଇ ତଦନ୍ତ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଛି । ଅନ୍ତଃରାଜ୍ୟ ରାକେଟ୍ ସମ୍ପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବା ପରେ ଏହାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ଜବାବ ରଖିଥିଲେ । ଆବେଦନକାରୀ ଉତ୍ଥାପନ କରିଥିବା ପ୍ରସଙ୍ଗର ଆଉ ପ୍ରାସଙ୍ଗିକତା ନ ଥିବାରୁ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି । ପ୍ରକାଶଥାଉକି, ଏହି କେଳେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି । ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ ।

ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି

# ୮ ଜିଲ୍ଲାରେ ୧୪୦ ଉଦ୍ଧାରକାରୀ ଦଳ ମୁତୟନ

■ ୧୪୪୫ ବାତ୍ୟା ଆଶ୍ରୟସ୍ଥଳୀକୁ ୩ ହଜାର ଲୋକ ସ୍ଥାନାନ୍ତର
■ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିହେଲେ ୧୪୯୬ ଆସନ୍ନପ୍ରସବା

ଭୁବନେଶ୍ୱର,୨୭।୧୦(ସମିସ): ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତଟରକ୍ଷୀ ବାହିନୀ ସହିତ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ୍ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସଂସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ସୋମବାର ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି ସମୀକ୍ଷା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଉନ୍ନୟନ କମିଶନର ଅନୁ ଗର୍ଗ, ଏସ୍ଆରସି ଡିକେ ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା ପରେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥି ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ




ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହଛନ୍ତି, ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

# ବିଜେପି ପାଇଁ କାମ କରୁଛନ୍ତି ନୂଆପଡ଼ା ଜିଲ୍ଲାପାଳ ଓ ଏସ୍ପି

ଭୁବନେଶ୍ୱର,୨୭।୧୦(ସମିସ): ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହେଉଥବା ବେଳେ ଶାସକ ବିଜେପି ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି । ଏପରିକି ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି ।




ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ରରେ ବିଜେପି ସପକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡା ଏସପି ଅମ୍ରିତପାଲ ସିଂ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଦଳ ଅଭିଯୋଗ କରିଛି । ଉଭୟ ଜିଲ୍ଲାପାଳ ଓ ଏସପି ନିଜ ସରକାରୀ ପଦବୀର ଅପବ୍ୟବହାର କରି କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା

**ବିଜେପି ପାଇଁ କାମ କରିବାକୁ ବିଜେଡିର କର୍ମୀ ଓ ସମର୍ଥକଙ୍କ ଉପରେ ଚାପ**

ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ମାରକପତ୍ରରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ ମହାନ୍ତି, ମିହିର ରାୟ, ତ୍ରମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ ।

ପରକୀୟା ପ୍ରୀତି

# ପ୍ରେମିକ ସହ ମିଶି ଶଶୁରକୁ ମାରିଲା ବୋହୂ

ବାରିପଦା/ରାଇରଙ୍ଗପୁର,୨୭ ।୧୦(ସମିସ): କାଳ ହେଲା ବୋହୂର ପରକୀୟା ପ୍ରୀତି । ପରପୁରୁଷ ସହ ମିଳାମିଶା ଦେଖିଦେବାରୁ ପ୍ରେମିକ ସହ ମିଶି ଶଶୁରକୁ ପିଟିପିଟି ମାରିଦେଲା ବୋହୂ । ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଧାଙ୍ଗିଡ଼ିମୁତା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବସଲୋ ସିଙ୍କୁ । ଖବର ପାଇ ସାଇଣ୍ଟିଫିକ୍ ଟିମ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବୋହୂ ଯମୁନା ସିଙ୍କୁ ଓ ତାଙ୍କ ପ୍ରେମିକ ସେହି ଗ୍ରାମର ଟୁନୁ ସିଙ୍କୁଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ଯମୁନା ଓ ଟୁନୁଙ୍କ ମଧ୍ୟରେ ଅବୈଧ ସଂପର୍କ ଗଢ଼ି ଉଠିଥିଲା । ସ୍ୱାମୀଙ୍କ ଅନୁପସ୍ଥିତିରେ ଯମୁନା ଓ ଟୁନୁ ମିଳାମିଶା କରୁଥିଲେ । ତେବେ ବସଲୋ ଦୁହିଁଙ୍କୁ ଏକାଠି ଦେଖି ବିରୋଧ କରିବାରୁ ଦୁହେଁ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ । ତାଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କୁ ବାଟରୁ ହଟାଇ ଦେଇଥିଲେ । ଦୁହେଁ ମିଶି ବସଲୋଙ୍କ ବେକରେ ଦୌଡ଼ି ବାନ୍ଧିବା ସହ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ ।

# ନୂଆପଡ଼ା ତହସିଲଦାର ଓ ଡିଏଫ୍ଓଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

କଟକ,୨୭।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ବେଆଇନ ଭାବେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଘରୋଇ ଜାଗାକୁ ଜଙ୍ଗଲ ଜମି କିସମ ଘୋଷଣା ପ୍ରସଙ୍ଗରେ ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ଏହି ମାମଲାର ଆଜି ଶୁଣାଣି କରି ପ୍ରତିପକ୍ଷ ତଥା ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍ଓଙ୍କୁ ଅଦାଲତରେ ଭର୍ଚୁଆଲ ମାଧ୍ୟମରେ ଆସନ୍ତାକାଲି ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅମ୍ରିତଲାଲ ସୁଡ୍ଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କିଭଳି ଓ କେଉଁ ଆଧାରରେ ଆବେଦନକାରୀଙ୍କ ଘରୋଇ ସମ୍ପତ୍ତିକୁ ଜଙ୍ଗଲ ଜମି କିସମ ଘୋଷଣା କରାଯାଇଛି, ସେ ସଂକ୍ରାନ୍ତରେ ଉଭୟ ଅଧିକାରୀ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିବା ଜାଣିବାକୁ ପାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । କିଛି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ ହୋଇଛି ।

ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

# ଲୁଟିନେଲେ ୨୫ ଲକ୍ଷ; କୋଟିଏ ଟଙ୍କାର ଗହଣା

ବଣାଇଁ,୨୭।୧୦(ସମିସ): ବଣାଇଁ ମୁଖ୍ୟ ସହରରେ ପ୍ରଥମଥର ପାଇଁ ଜଣେ ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି । ବ୍ୟବସାୟୀଙ୍କ ଘରେ ପଶି



୪ଜଣ ମୁଖାଧାରୀ ବନ୍ଧୁକ ମୁନରେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ୨୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ବଣାଇଁ ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂର ବଜାର ଦାଣ୍ଡ ନିକଟରେ ଥିବା ରଶ୍ମି ଇଲେକ୍ଟ୍ରିକାଲ ଦୋକାନ ମାଲିକଙ୍କ ଘରେ ଏହି ସଶସ୍ତ୍ର ଡକାୟତି ହୋଇଛି ।

ସୂଚନାନୁଯାୟୀ, ଘରେ ଦୋକନ ମାଲିକାଣୀ ତୃପ୍ତିରେଖା ସାହୁ ଓ ତାଙ୍କ ଝିଅ ନିକିତା ସାହୁ, ଦୋକାନରେ କାମ କରୁଥିବା ସହାୟକ ଶୋଇଥିଲେ । ମଧ୍ୟରାତ୍ରିରେ ହଠାତ୍ ୫ଜଣ ଦୁର୍ବୃତ୍ତ ଘରେ ପଶି ତଳେ ଶୋଇଥିବା ସହାୟକକୁ ପ୍ରଥମେ ପ୍ରବଳ ମାଡ଼ ମାରିବା ସହ ବାନ୍ଧି ଦେଇଥିଲେ । ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକ ଦେଇ ବ୍ୟବସାୟୀଙ୍କ ପତ୍ନୀଙ୍କୁ କବାଟ ଖୋଲିବାକୁ କହିବାକୁ କହିଥିଲେ । ସମ୍ପୃକ୍ତ କର୍ମଚାରୀ ଦୁର୍ବୃତ୍ତଙ୍କ ‘ଭୟରେ ପେଟ ବିନ୍ଧୁଛି ଔଷଧ ଦିଅ’ ବୋଲି ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ଫୋନ ଯୋଗେ କହିଥିଲେ । ମାଲିକାଣୀ ଓ ତାଙ୍କ ଝିଅ ଔଷଧ ଦେବାକୁ କବାଟ ଖୋଲିବା ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ତାଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ । ଉଭୟଙ୍କ ମୁହଁ, ଗୋଡ଼ ହାତ ବାନ୍ଧିବା ସହ ଅଲମାରୀ ଚାବି ମାଗିଥିଲେ । ଚାବି ନ ଦେଲେ ଝିଅକୁ ଦୁଷ୍କର୍ମ କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ । ଭୟରେ ମାଲିକାଣୀ ଚାବି ଦେବା ପରେ ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ଲକ୍ଷ ଟଙ୍କା ସହ ସୁନା ଅଳଙ୍କାରକୁ ମିଶାଇ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଲୁଟି ନେଇଥିଲେ । ଲୁଟ୍ ପରେ ଦୁର୍ବୃତ୍ତମାନେ ସିସିଟିଭି କ୍ୟାମେରା ଭାଙ୍ଗି ହାର୍ଡ ଡିସ୍କକୁ ନେଇ ପଳାଇଥିବା ବ୍ୟବସାୟୀ ଜଣକ ଅଭିଯୋଗ କରିଛନ୍ତି । ଏନେଇ ଝିଅ ନିକିତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ସପ୍ତାହେ ବଢ଼ିଲା ଛାତ୍ରବୃତ୍ତି ଆବେଦନ ଅବଧି

ଭୁବନେଶ୍ୱର,୨୭ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆବେଦନ ଅବଧି ସପ୍ତାହେ ବୃଦ୍ଧି ପାଇଛି । ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ଶିକ୍ଷାନୁଷ୍ଠାନ ପକ୍ଷରୁ ୧୪ ତାରିଖ ମଧ୍ୟରେ ସମସ୍ତ ଆବେଦନକୁ ଯାଞ୍ଚ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଜ୍ଞପ୍ତି ଅନୁଯାୟୀ, ଇ-ମେଧାବୃତ୍ତି ଅଧୀନରେ ଆସୁଥିବା ୟୁଜି ମେରିଟ୍, ପିଜି ମେରିଟ୍ ଓ ଟେକ୍ନିକାଲ୍ ଆଣ୍ଡ ପ୍ରଫେସନାଲ୍ ମେରିଟ୍, ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଆବେଦନ ଅବଧି ଗତ ୨୫ ତାରିଖରେ ଶେଷ ହୋଇଥିଲା । ପୂର୍ବରୁ ୱେବସାଇଟ୍ ଧିମା ଚାଲିବା ସହ ଶେଷ ଦିନରେ

**ନଭେମ୍ବର ୪ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ**

ୱେବସାଇଟ୍ କ୍ରାସ୍ କରିଯିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରିନଥିଲେ । ଫଳରେ ବହୁ ଛାତ୍ରଛାତ୍ରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଆବେଦନ ଅବଧିକୁ ବଢ଼ାଯିବା ସହ ଡିଜି-ଲକର୍ ମାଧ୍ୟମରେ ସାର୍ଟିଫିକେଟ୍ ଅପଲୋଡ୍ କରିବା ବାଧ୍ୟତାମୂଳକକୁ ଉଠାଇ ଦିଆଯାଇଛି ।

# ପୂର୍ବତନ ପୁଲିସ କର୍ମଚାରୀଙ୍କ ପୁଅକୁ ହତ୍ୟା



ବଚସାରୁ ମାରିଦେଲେ ସାଙ୍ଗ; ୩ ବନ୍ଧୁ ଗିରଫ


ଦେଓଗାଁ, ୨୭ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗାଁ ନିକଟରେ ଜଣେ ଯୁବକଙ୍କୁ ତାଙ୍କ ତିନିବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ, ଅନ୍ତର୍ଲା ଗ୍ରାମର ପୂର୍ବତନ ପୁଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ(୩୦) । ସୋମବାର ସକାଳେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା, ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ । ଶବକୁ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ସୁଜିତର ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ କେନ୍ଦ୍ର କରି ଥାନାରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ, ବନ୍ଧପଡ଼ା ଗ୍ରାମର ରାଜା କଟା(୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡା ଗ୍ରାମର ଇରଫାନ ଛତ୍ରିଆ (୧୯) ।

ସୂଚନାନୁସାରେ, ରବିବାର ୪ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ । ଏହି ସମୟରେ ତାଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ର କରି ବଚସା ହେବା ପରେ ରାଜାର ମାଆ ରାଜାକୁ ବାରମ୍ବାର ଫୋନ୍ କରି ଘରକୁ ଆସିବା ପାଇଁ କହୁଥିଲେ । ସେହି ସମୟରେ ସୁଜିତ ରାଜାର ମାଆକୁ ଫୋନରେ ଅସଭ୍ୟ ଭାଷାରେ ଗାଳି କରିବାରୁ ରାଜା ଉତ୍ତ୍ୟକ୍ତ ହୋଇ ସାଇକେଲ ପେଡାଲ ହ୍ୟାଲରେ ସୁଜିତକୁ ଆକ୍ରମଣ କରିଥିଲା । ପରେ ତିନି ଜଣ ତାକୁ ବିଅର ବୋତଲ ଓ ଠେଙ୍ଗାରେ ମଧ୍ୟ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତର ମୃତ୍ୟୁ ଘଟିଥିଲା । ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା ।

# ମାରିଟାଇମ୍ ସପ୍ତାହ ୨୦୨୫ରେ ଓଡ଼ିଶା ଷ୍ଟଲ୍ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭।୧୦(ସମିସ): ମୁମ୍ବାଇ ନେସ୍କୋ ଗ୍ରାଉଣ୍ଡରେ ଆୟୋଜିତ ମାରିଟାଇମ ସପ୍ତାହ ୨୦୨୫ ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ୍ ଖୋଲାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି । ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା ଆମର ମୂଳ ଲକ୍ଷ୍ୟ । ଏହି ଅବସରରେ ମୁଖ୍ୟ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୁଲ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ନୌବାଣିଜ୍ୟ ଉପରେ ଆଧାରିତ ବାଲୁକା କଳାକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ।



# ସମ୍ପାଦକୀୟ



ଧର୍ମ, ସତ୍ୟ ଓ ନ୍ୟାୟର ପଥରେ ପରିଚାଳିତ ହୁଅ।
-ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

ସକାଳ
THE SAKALA

## ସାଇବର ଠକଙ୍କୁ ଲଗାମ ନାହିଁ

ଲାଭରୁ ଲୋଭ। ନିବେଶ ମାଧ୍ୟମରେ ଅତିରିକ୍ତ ଆର୍ଥିକ ଫାଇଦା ହାସଲର ସୁଯୋଗ ପଛରେ ଧାଇଁଥିବା ଲୋକେ ଯେ ଶେଷରେ ଠକାମୀର ଶିକାର ହୋଇଥା'ନ୍ତି ତାହାର ଉଦାହରଣ କିଛି କମ ନୁହେଁ। ତଥାପି ନିଶାଖୋରଙ୍କ ପରି ବେଆଇନ ନିବେଶରୁ ସେମାନଙ୍କ ମୋହ ହଟୁନି। ଏହାର ଭରପୂର ସୁଯୋଗ ନେଉଛନ୍ତି ସାଇବର ଠକମାନେ। ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ଏହି ଠକେଇ ଚାଲିଥିବା ବେଳେ ସେମାନଙ୍କୁ ରୋକିବା ସମ୍ଭବ ହେଉନାହିଁ। ଏଥିରେ ସରକାରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସାଇବର ସେଲର ନିଷ୍ଫଳତା ଯେତିକି ଦାୟୀ, ତା'ଠାରୁ ଅଧିକ ଦାୟୀ ହେଉଛନ୍ତି ଅତିରିକ୍ତ ଆର୍ଥିକ ଫାଇଦା ପାଇଁ ମାତ୍ରାଧିକ ଉଚ୍ଛୁକ ହୋଇପଡ଼ିଥିବା ନିବେଶକ। ଏପ୍ରକାର ଠକେଇ ସଂପର୍କରେ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପାଇ ଆସୁଥିଲେ ମଧ୍ୟ ସଚେତନତା ବୃଦ୍ଧି ପାଇନି। ଗତ ଛଅମାସ ମଧ୍ୟରେ ଦେଶର ପ୍ରାୟ ୩୦ ହଜାର ଲୋକ ୧୫୦୦ କୋଟି ଟଙ୍କାର ଠକେଇ ସମ୍ମୁଖୀନ ହୋଇଛନ୍ତି। ଏହି ଠକେଇରେ ଆମ ରାଜ୍ୟର ତଥାକଥିତ ନିବେଶକ ପଛରେ ପଡ଼ିନାହାନ୍ତି। ଗତ ୯ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ୩୪୨ କୋଟି ଟଙ୍କା ଲୁଟି ନେଇଛନ୍ତି। ଅବଶ୍ୟ ଆମର ଏଠାରେ ସ୍ୱଚ୍ଛଳ ବର୍ଗଙ୍କ ସଂଖ୍ୟା ଅପେକ୍ଷାକୃତ କମ ହୋଇଥିବାରୁ ନିବେଶ ପରିମାଣ କମ ଏବଂ ଠକି ହୋଇଥିବା ଲୋକଙ୍କ ସଂଖ୍ୟା ୩୭ ହଜାର। ଏକଥା ସତ ଯେ ସାଇବର ସେଲ କିଛି ହାତ ଗଣତି ଠକଙ୍କୁ ଧରିବାକୁ ସକ୍ଷମ ହୋଇଛି ଏବଂ ଏ ପ୍ରକାର ଠକେଇ କମିବା ପରିବର୍ତ୍ତେ ବଢୁଛି।

ଅତିରିକ୍ତ ଫାଇଦା ଭଳି ମରୀଚିକା ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା ବଢୁଛି କାହିଁକି? ଆର୍ଥିକ ସ୍ଥିତିର ଅନିଶ୍ଚିତତା, ଦିନକୁ ଦିନ ବ୍ୟୟଭାର ବୃଦ୍ଧି ଏବଂ ବ୍ୟାଙ୍କରେ ଥିବା ଜମାରାଶିର ସୁଧହାର ହ୍ରାସ ଯୋଗୁଁ ନିବେଶର ବିକଳ୍ପ ପନ୍ଥାକୁ ଆଦରି ନେଉଛନ୍ତି ଲୋକେ। ସାମାଜିକ ଗଣମାଧ୍ୟମରେ ସକ୍ରିୟତା ବୃଦ୍ଧି ପାଇଛି। ତେଣୁ ଫୋନ ନମ୍ବର ଓ ଠିକଣା ହାସଲ କରିବାରେ ସାଇବର ଠକଙ୍କ ପାଇଁ ସେଭଳି ଅସୁବିଧା ନାହିଁ। ନିବେଶ ମାଧ୍ୟମରେ ଅତିରିକ୍ତ ଲାଭ ହାସଲର ସୁଯୋଗ ସଂକ୍ରାନ୍ତ ମନଲୋଭା ବିଜ୍ଞାପନ ମାଧ୍ୟମରେ କ୍ରମାଗତ ପ୍ରଲୁବ୍ଧ କରୁଥିବା ଏହି ଠକମାନେ ଆବଶ୍ୟକ ସ୍ଥଳେ ଲୋକଙ୍କ ମୋବାଇଲକୁ ଲିଙ୍କ ପଠାଇ ସିଧାସଳଖ ଯୋଗାଯୋଗ ଆରମ୍ଭ କରୁଛନ୍ତି। ହାତପାଆନ୍ତାରେ ମିଳୁଥିବା ଏହି ସୁଯୋଗକୁ ଲୋକେ ହାତଛଡ଼ା କରୁନାହାନ୍ତି। ଠକଙ୍କ ଏହି ବ୍ୟୂହରେ ଥରେ ଫସିଗଲେ ଆଉ ମୁକ୍ତି ନାହିଁ। ତେଣିକି ଆଖି ପିଛୁଳାକେ ସେମାନେ ଆକାଉଣ୍ଟରୁ ଜମାରାଶି ଲୁଟି ନେଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଗତ ଦୁଇମାସ ମଧ୍ୟରେ ଆମ ରାଜ୍ୟରୁ ଏହି ସାଇବାର ଠକମାନେ ୧୧୦ କୋଟି ଟଙ୍କା ଲୁଟି ନେଉଣି। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ସିଲକନ୍ ସିଟି ବେଙ୍ଗାଲୁରୁ, ଦିଲ୍ଲୀ-ଏନସିଆର ଓ ହାଇଦରାବାଦରେ ଏହି ସାଇବର ଅପରାଧ ସବୁଠାରୁ ଅଧିକ।

ଏଠାରେ ଦୁଇଟି କଥା ଉଦ୍‌ବେଗ ସୃଷ୍ଟି କରୁଛି। ସାଇବର ସେଲ ବିଦେଶରେ ସକ୍ରିୟ ଥିବା ଠକଙ୍କ ଚେରକୁ ଉପାଡ଼ିବା ଏତେ ସହଜ ନୁହେଁ। ତେଣୁ ଜନସାଧାରଣ ସଚେତନ ନ ହେବା ପର୍ଯ୍ୟନ୍ତ ଏ ଅପରାଧକୁ ରୋକିବା ସହଜ ନୁହେଁ। ଦ୍ୱିତୀୟତଃ, ବିଭିନ୍ନ ତଥ୍ୟ ମାଧ୍ୟମରେ ଆମେ ଆମର ସମସ୍ତ ଗୋପନୀୟ ତଥ୍ୟ ହସ୍ତାନ୍ତର କରିସାରିଛେ। ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ସେହି ଗୋପନୀୟ ତଥ୍ୟ କ୍ରମାଗତ ଭାବେ ପ୍ରଘଟ ହେଉଛି ଏବଂ ସାଇବର ଠକମାନେ ତାହାର ସୁଯୋଗ ନେଇ ଆମକୁ ଲୁଟିଚାଲିଛନ୍ତି। ଏଭଳି ସ୍ଥିତିରେ ଆମେ ପ୍ରତିକାର ଆଶା କରିବା ବୃଥା।

## ପାକ୍ ଆଣବିକ କୂଟନୀତି

ପାକିସ୍ତାନର ଆଣବିକ କୂଟନୀତିର କିଛି ଗୋପନତଥ୍ୟ ଉନ୍ମୋଚନ କରିଛନ୍ତି ସିଆଇଏର ପୂର୍ବତନ ଅଧିକାରୀ ଜନ କିରିଆକୁ। ଆମେରିକା, ସାଉଦୀ ଆରବ ଓ ପାକିସ୍ତାନର ତ୍ରିମୁଖୀ ସଂପର୍କର ଭିତ୍ତିଭୂମି ଯେ ଆଣବିକ ଅସ୍ତ୍ରଶସ୍ତ୍ର, ତାହା ଜନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ 'ଅପରେସନ ସିନ୍ଦୂର'ର ନିର୍ଣ୍ଣାୟକ ଆକ୍ରମଣ ପରେ ଆମେରିକାର ଭାରତ ବିରୋଧୀ ଭୂମିକାରେ ପାକିସ୍ତାନକୁ ପ୍ରୟୋଗ କରିବା ଏବଂ ପରବର୍ତ୍ତୀ ଅବସ୍ଥାରେ ମଧ୍ୟପ୍ରାଚ୍ୟ କୂଟନୀତିରେ ହସ୍ତକ୍ଷେପ କରି ସାଉଦୀ ଆରବକୁ ଇସଲାମାବାଦର ସମର୍ଥନ ଦେବା ଭଳି ଘଟଣାକ୍ରମ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିଲା। କିନ୍ତୁ ଜନ୍ ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇକୁ ଦେଇଥିବା ସାକ୍ଷାତକାର ଆମେରିକା ଏହି ଦୋହରା ନୀତିକୁ ସ୍ପଷ୍ଟ କରିଛି। ପାକ୍ ଆଣବିକ ଅସ୍ତ୍ରର ନିୟନ୍ତ୍ରଣ କ୍ଷମତା ଆମେରିକାକୁ ପ୍ରଦାନ କରିଥିଲେ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁସାରଫ। ଏଥିରୁ ସ୍ପଷ୍ଟ ଯେ ପାକିସ୍ତାନରେ ମହଜୁଦ ଥିବା ଆଣବିକ ଅସ୍ତ୍ରଶସ୍ତ୍ର ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସମସ୍ତ ତଥ୍ୟ ଆମେରିକା ନିକଟରେ ଅଛି। 'ଅପେରେସନ ସିନ୍ଦୂର' ସମୟରେ ଭାରତର କ୍ଷେପଣାସ୍ତ୍ର ମାଡ଼ରେ ନୁରଖାନ୍ ବିମାନ କେନ୍ଦ୍ର ଓ ତତ୍‌ସଂଲଗ୍ନ କିରାନା ହିଲ୍‌ସରେ ଆଣବିକ ମହଜୁଦ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ଖବରକୁ ଉଭୟ ପକ୍ଷ ଅସ୍ୱୀକାର କରିଥିଲେ ମଧ୍ୟ ଆମେରିକାର ବି-୩୫୦ ବିମାନରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଘଟଣାକ୍ରମକୁ ଉପରୋକ୍ତ ତଥ୍ୟ ସହ ସଂଯୋଗ କରିଦେଲେ ପାକିସ୍ତାନ-ଆମେରିକା ଆଣବିକ କୂଟନୀତିର ଅସଲ ଚରିତ୍ର ସ୍ପଷ୍ଟ ହେବ।

ଆଣବିକ ତେଜସ୍କ୍ରିୟ ବିକିରଣକୁ ନିୟନ୍ତ୍ରଣ କରିବା ସକାଶେ ମିଶରର ସାମରିକ ପରିବହନ ବିମାନ ମାଧ୍ୟମରେ ସଂଗୃହୀତ ବୋରନ୍ ପାକିସ୍ତାନରେ ଖାଲି କରି ଫେରି ଯାଇଥିବା ଘଟଣାକୁ ତ ଅସ୍ୱୀକାର କରିହେବନି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଥିଲେ। ଘଟଣାକ୍ରମକୁ ଅନୁଧ୍ୟାନ କଲେ, ସ୍ପଷ୍ଟ ମନେ ହୁଏ ଯେ ଯୁଦ୍ଧ ବିରାମ ସକାଶେ ପାକିସ୍ତାନ ପକ୍ଷରୁ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ସେଠାକାର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଭାରତର ବାୟୁସେନା ଧ୍ୱଂସ କରି ବିପୁଳ କ୍ଷତି ଘଟାଇ ସାରିଥିଲା। ତେଣୁ ଚାପରେ ପଡ଼ି ଭାରତ ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ। ଆମେରିକାର କୂଟନୈତିକ ସଂପର୍କ ଉପରେ ମତାମତ ଦେଇ ଜନ୍ କହିଛନ୍ତି ଯେ ୱାଶିଂଟନ ଏକଛତ୍ରବାଦୀଙ୍କ ସହ ବିନା ଦ୍ୱିଧାରେ କାର୍ଯ୍ୟ କରିଆସିଛି। ଅଥଚ ସମଗ୍ର ବିଶ୍ୱକୁ ଗଣତନ୍ତ୍ର ଓ ମାନବବାଦର ସୁରକ୍ଷା ନେଇ ଆଦର୍ଶର ବାର୍ତ୍ତା ଦେଇଥାଏ। ଅସଲରେ ଆମେରିକା ନିଜର ସ୍ୱାର୍ଥକୁ ସବୁ ପ୍ରସଙ୍ଗରେ ପ୍ରାଥମିକତା ଦେଇଆସିଛି। ପାକିସ୍ତାନକୁ ସାମରିକ ଓ ଆର୍ଥିକ ସହାୟତା ଦେଇ ଆମେରିକା ମୁଶରଫଙ୍କ ନେତୃତ୍ୱକୁ ନିଜ ସ୍ୱାର୍ଥରକ୍ଷା ପାଇଁ ବ୍ୟବହାର କରୁଥିଲା। ସେହିଭଳି ପାକିସ୍ତାନର ଆଣବିକ ଜନକ ବୈଜ୍ଞାନିକ ଅବଦୁଲ୍ କାଦିର ଖାନ୍‌ଙ୍କୁ ହତ୍ୟା କରିବାର ଯୋଜନାକୁ ଆମେରିକା ଶେଷ ମୁହୂର୍ତ୍ତରେ ସାଉଦୀ ଆରବର ଅନୁରୋଧ କ୍ରମେ ପ୍ରତ୍ୟାହାର କରିଥିଲା। ଏଠାରେ ଏହି ତଥ୍ୟ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପାକିସ୍ତାନର ଆଣବିକ କୂଟନୀତିର ଦୁଇ ପ୍ରମୁଖ ଅଙ୍ଗ ହେଲେ ଆମେରିକା ଓ ସାଉଦୀ ଆରବ। ତେଣୁ ଏବର ପରିବର୍ତ୍ତିତ ଦୃଶ୍ୟପଟ୍ଟ ହିଁ ହେଉଛି ସେହି ପୁରୁଣା ସଂପର୍କର ଅଂଶବିଶେଷ।

ଜନ ଆମେରିକାର ସିଆଇଏ ପକ୍ଷରୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଭିଯାନର ତଦାରଖ ପାଇଁ ୧୫ ବର୍ଷ ଧରି କାର୍ଯ୍ୟ କରିଥିଲେ। କୂଟନୀତିର ଦିଗ ପରିବର୍ତ୍ତନକୁ ସେ ଅତି ନିକଟରୁ ଅନୁଧ୍ୟାନ କରିଆସିଛନ୍ତି। ତେଣୁ ଆମେରିକା କୂଟନୈତିକ ପ୍ରତାରଣା ସଂପର୍କରେ ସେ ତଥ୍ୟ ଉପସ୍ଥାପନ କଲାବେଳେ ସଂପ୍ରତି ବଦଳୁଥିବା ବୈଶ୍ୱିକ ସମୀକରଣ ପଛରେ ଭାରତ, ଚୀନ ଓ ସାଉଦୀ ଆରବ ଭଳି ରାଷ୍ଟ୍ର ରଣନୀତିକ ଭୂମିକାର ସମୀକ୍ଷା ସହ ଆଭିମୁଖ୍ୟ ପରିବର୍ତ୍ତନର ବଡ଼ ଭୂମିକା ରହିଛି।

# ପେନସନ ଅନୁକମ୍ପା ନୁହେଁ, ଅଧିକାର

ବୃହସ୍ପତି ସାମଲ

ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଭାରତ ଏକ ଭୟାବହ ଅସମନ୍ୱୟ ପରିସ୍ଥିତିରେ ରହିଛି। ପୂର୍ବ ବର୍ଷର ୪୪ ଅଙ୍କରୁ ଟିକିଏ ତଳକୁ ଖସି ଭାରତ ୪୩.୮ ଅଙ୍କ (ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀ 'ଡି'ରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଦେଶଗୁଡ଼ିକ, ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), 'ସ୍ଥାୟିତ୍ୱ' (୩୫%) ଓ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି।

ପୃଥିବୀର ବାଉନଟି ଦେଶରେ ବାସ କରୁଥିବା ବିଶ୍ୱର ସମୁଦାୟ ଜନସଂଖ୍ୟାର ପ୍ରାୟ ପଞ୍ଚଷଠି ଶତାଂଶକୁ ନେଇ 'ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଏହି ମୂଲ୍ୟାୟନ କରିଛି, ଯେଉଁଥିରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। 'ପର୍ଯ୍ୟାପ୍ତତା' ପରିମାପକ, ଯାହା ବୟସ୍କ ନାଗରିକମାନଙ୍କର ଉପଯୁକ୍ତ ଜୀବନଯାପନ ପାଇଁ ଆବଶ୍ୟକ ପ୍ରକୃତ ସେବାନିବୃତ୍ତ ଆୟର ପରିମାଣକୁ ନିର୍ଦ୍ଧାରିତ କରେ, ସେଥିରେ ଭାରତ ମାତ୍ର ୩୪.୭ ଅଙ୍କ ପାଇ ନିମ୍ନତମ 'ଇ' ଶ୍ରେଣୀରେ ରହିଛି, ଯାହା ପ୍ରକାଶ କରେ ଯେ ଅଧିକାଂଶ ଅବସରପ୍ରାପ୍ତ ନାଗରିକ ଯଥେଷ୍ଟ ଆୟ ବିନା ବଞ୍ଚିବାକୁ ବାଧ୍ୟ। ସେହିଭଳି 'ସ୍ଥାୟିତ୍ୱ' ପରିମାପକରେ ୪୩.୮ ଅଙ୍କ ସହିତ ଭାରତ 'ଡି' ଶ୍ରେଣୀରେ ରହିଛି, ଯାହା ସ୍ପଷ୍ଟ କରୁଛି ଯେ ଭାରତର ପେନସନ ଅର୍ଥନୀତି ଆଗାମୀ ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ଚାପକୁ ସାମ୍ନା କରିବାରେ ଅସମର୍ଥ। ଅଧିକନ୍ତୁ 'ସାଧୁତା' ପରିମାପକରେ ୫୮.୪ ଅଙ୍କ ସହ ଭାରତ 'ସି' ଶ୍ରେଣୀରେ ଥିଲେ ମଧ୍ୟ ପ୍ରଶାସନିକ ସ୍ୱଚ୍ଛତା ଓ ନିୟମନ ସମ୍ପର୍କରେ ଦୃଢ଼ତାର ଅଭାବକୁ ସ୍ପଷ୍ଟ କରିଛି। ଅପରପକ୍ଷରେ ମଜଭୁତ ଓ ସ୍ଥାୟୀ ପେନସନ ବ୍ୟବସ୍ଥା ପାଇଁ ନେଦରଲ୍ୟାଣ୍ଡ (୮୫.୪), ଆଇଲ୍ୟାଣ୍ଡ (୮୪.୦), ଡେନମାର୍କ (୮୨.୩), ସିଙ୍ଗାପୁର (୮୦.୮) ଓ ଇସ୍ରାଏଲ (୮୦.୩) ଭଳି ଦେଶଗୁଡ଼ିକ ଚଳିତ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶ ଭାବରେ 'ଏ' ଶ୍ରେଣୀରେ ଥିବା ସହିତ ସମତୁଲ ହାରାହାରି ସୁବିଧା ଓ ଦୀର୍ଘକାଳୀନ ଅର୍ଥନୈତିକ ସୁସ୍ଥିତି ସହ ଜନସାଧାରଣଙ୍କ ଭରସା ଜିତିବାରେ ସମର୍ଥ ହୋଇଛନ୍ତି।

ଭାରତର ପେନସନ ବ୍ୟବସ୍ଥା ଏକ ସୀମିତ ନିର୍ଦ୍ଧାରିତ ଲାଭ ଯୋଜନା ଏବଂ ଖଣ୍ଡିତ ନିର୍ଦ୍ଧାରିତ ଅବଦାନ ପ୍ରଣାଳୀର ମିଶ୍ରଣ। ଭାରତରେ ଏମ୍ପ୍ଲଏଯଜ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲଏଯଜ୍ ପେନସନ ସ୍କିମ (ଇପିଏସ୍) ଏବଂ ସେହିଭଳି କିଛି ବୃତ୍ତିଗତ ସାମାଜିକ ସୁରକ୍ଷା ଯୋଜନା ଏକ ଅସମତୁଳ ସଂରଚନା ସୃଷ୍ଟି କରି ବୟସ୍କ ନାଗରିକଙ୍କୁ ସାର୍ବଜନୀନ ତଥା ପର୍ଯ୍ୟାପ୍ତ ସୁରକ୍ଷା ଦେବାରେ ବିଫଳ। ରିପୋର୍ଟ ଅନୁଯାୟୀ ଭାରତର ମୋଟ ଶ୍ରମିକ ଶ୍ରେଣୀର ୯୦% ନିୟୋଜିତ ଥିବା ଅସଂଗଠିତ କ୍ଷେତ୍ରର କର୍ମଚାରୀମାନଙ୍କ ପାଖରେ ନିହାତି ସ୍ୱଳ୍ପ ଅଥବା କୌଣସି ନିୟମିତ ପେନସନ ସୁବିଧା ନାହିଁ। ଭାରତରେ ପେନସନ ଯୋଜନାର ଅସଫଳତା ମୂଳରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି।

ପ୍ରଥମତଃ, ଅସଂଗଠିତ କ୍ଷେତ୍ରରେ ନିଯୁକ୍ତଙ୍କ ମଧ୍ୟରେ ପେନସନ ସୁବିଧା ଅତ୍ୟନ୍ତ ସୀମିତ। ତଥ୍ୟ ଅନୁଯାୟୀ, ଭାରତରେ ବର୍ତ୍ତମାନ କେବଳ ୨୯% ବୟସ୍କ ନାଗରିକ ପେନସନ ପାଉଛନ୍ତି। ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ବାଧ୍ୟବାଧକତା, ଯାହା କ୍ରମାଗତ ଦାବି ସତ୍ତ୍ୱେ ସର୍ବନିମ୍ନ ସାର୍ବଜନୀନ ପେନସନ ଯୋଜନା ଲାଗୁ କରିବା ନେଇ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରୁଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନଙ୍କ ମତ ହେଲା ଯେ ସିଙ୍ଗାପୁର ଯେମିତି ନିଜର ପେନସନ୍ ବ୍ୟବସ୍ଥାକୁ 'ସି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉନ୍ନୀତ କରେଇବାକୁ ଦୀର୍ଘ ୧୬ ବର୍ଷ ଧରି ପର୍ଯ୍ୟାୟଭିତ୍ତିକ ଅର୍ଥନୈତିକ ସାବଧାନତା ଅବଲମ୍ବନ କରିଥିଲା, ଭାରତକୁ ସେହିଭଳି ସୂତ୍ର ଆପଣେଇବାର ଆବଶ୍ୟକତା ରହିଛି। ତୃତୀୟତଃ, ମୂଲ୍ୟବୃଦ୍ଧି ଓ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ସହିତ ଉଚିତ୍ ମୂଲ୍ୟସୂଚୀ ସମନ୍ୱୟର ଅଭାବ ଯୋଗୁଁ ପେନସନ ମୂଲ୍ୟର କ୍ରମାଗତ ଅବନତି ପର୍ଯ୍ୟାପ୍ତତାର ହ୍ରାସକୁ ପ୍ରମାଣିତ କରୁଛି।

ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭାରତ ଏକ ସଙ୍କଟମୟ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛି। 'ଏଜିଂ ରିପୋର୍ଟ-୨୦୨୩' ଅନୁସାରେ ଏବେ ଭାରତର ଜନସଂଖ୍ୟାର ୧୦%ରୁ ଅଧିକ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱରେ, ଯାହା ୨୦୫୦ ସୁଦ୍ଧା ଦୁଇଗୁଣା (୨୦%) ହୋଇ ୩୪.୭ କୋଟିରେ ପହଞ୍ଚିବ। ପାରିବାରିକ ସହାୟତା ଓ ସହାନୁଭୂତି ହ୍ରାସ ଏବଂ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ମହଙ୍ଗା ହେଉଥିବା ସମୟରେ ପେନସନ ନିରାପତ୍ତାର ଅଭାବ ଯୋଗୁଁ ବୟସ୍କମାନେ ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପରିସ୍ଥିତି କେବଳ ଏକ ଆର୍ଥିକ ଯୋଜନାର ପ୍ରଶ୍ନ ନୁହେଁ, ବରଂ ଏକ ସାମାଜିକ ନ୍ୟାୟ ଓ ନୀତିଗତ ଦାୟିତ୍ୱର ପ୍ରଶ୍ନ। ଯଦି ଭାରତ ସୁସ୍ଥ ଓ ଶକ୍ତିଶାଳୀ ପେନସନ ବ୍ୟବସ୍ଥା ପ୍ରଚଳନ କରିବାରେ ଅସମର୍ଥ ରହେ, ତେବେ ଖୁବଶୀଘ୍ର ଏହା ନିଃସନ୍ଦେହରେ ଏକ 'ବୟସ୍କ ଗରିବ'ମାନଙ୍କ ଦେଶରେ ପରିଣତ ହେବ। ଏ ସମସ୍ୟାର ସମାଧାନ କ୍ଷେତ୍ରରେ 'ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ' ଜରିଆରେ ସିଙ୍ଗାପୁରର ପେନସନ ବ୍ୟବସ୍ଥାର ରୂପାନ୍ତରଣ ଏକ ବଡ଼ ଉଦାହରଣ। ଏକ ଅନିବାର୍ଯ୍ୟ ଓ ସମ୍ପୂର୍ଣ୍ଣ ଅଂଶଦାନଭିତ୍ତିକ ପ୍ରଣାଳୀରେ ଅବସର, ସ୍ୱାସ୍ଥ୍ୟ ଓ ଆବାସ ଭଳି ତିନୋଟି ମୂଳ ସୁରକ୍ଷାକୁ ସୁନିଶ୍ଚିତ କରି ସାର୍ବଜନୀନ ଅଂଶଗ୍ରହଣ, ସଠିକ ନିବେଶ ନୀତି ଓ ସୁନିଶ୍ଚିତ ଫେରସ୍ତ ଯୋଜନା ଭିତ୍ତିରେ ସିଙ୍ଗାପୁର ଆଜି ବିଶ୍ୱର ଶୀର୍ଷ ସ୍ଥାନରେ। ସେହିଭଳି ନେଦରଲ୍ୟାଣ୍ଡ ଓ ଡେନମାର୍କ ଶକ୍ତିଶାଳୀ ସରକାରୀ-ବେସରକାରୀ ସମନ୍ୱୟ, ବାଧ୍ୟତାମୂଳକ ସଞ୍ଚୟ ଓ ମୁଦ୍ରାସ୍ଫୀତି ଓ ଜୀବନ ପ୍ରତ୍ୟାଶାକୁ ପ୍ରତିଫଳିତ କରୁଥିବା ନିୟମିତ ସମଯୋଜନ ମାଧ୍ୟମରେ ଉଚ୍ଚତମ ପେନସନ ପର୍ଯ୍ୟାପ୍ତତାକୁ ରଖିପାରିଛନ୍ତି।

ପେନସନ୍ ବ୍ୟବସ୍ଥାରେ ଭାରତର ଅବନତି ଏକ ଅକସ୍ମାତ ଘଟଣା ନୁହେଁ, ବରଂ ନୀତିର ନିରନ୍ତର ଅବହେଳା, ଖଣ୍ଡିତ କାର୍ଯ୍ୟାନ୍ୱୟନ ଏବଂ ସମନ୍ୱିତ ଦୀର୍ଘକାଳୀନ ଦୃଷ୍ଟିକୋଣ ଅଭାବର କୁପରିଣାମ। ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଓ ଅଟଳ ପେନସନ ଯୋଜନା ଭଳି ସରକାରୀ ଯୋଜନାଗୁଡ଼ିକରେ ଅସଂଗଠିତ କ୍ଷେତ୍ରର ଅଳ୍ପ କିଛି କର୍ମଚାରୀ ଯୋଡ଼ି ହୋଇଥିବା ବେଳେ ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ସେମାନଙ୍କ ଅଂଶଦାନ ଓ ପେନସନ ରାଶି ଅତ୍ୟନ୍ତ ଅଳ୍ପ। ଅଧିକନ୍ତୁ ଅନେକ ବେସରକାରୀ କର୍ମଚାରୀ ନିଜ ଇପିଏଫ୍ ଟଙ୍କାକୁ ଚାକିରି କାଳ ଭିତରେ ଉଠାଇ ନେଇ ଅବସରକାଳୀନ ନିରାପତ୍ତାର ପ୍ରକୃତ ଉଦ୍ଦେଶ୍ୟକୁ ନଷ୍ଟ କରୁଛନ୍ତି। ଏହି ସଂକଟରୁ ମୁକ୍ତି ପାଇବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସଂସ୍ଥାଗତ ସୁଧାର ଓ ପୁନର୍ଗଠନ ଆବଶ୍ୟକ। ଏହି କ୍ରମରେ ବୟସ୍କ ଦରିଦ୍ରଙ୍କ ପାଇଁ ପେନସନର ଏକ ସର୍ବନିମ୍ନ ସୀମା ପ୍ରଣୟନ କରାଯିବା ଆବଶ୍ୟକ, ଯାହା ବୃଦ୍ଧାବସ୍ଥାରେ ଦାରିଦ୍ର୍ୟରୁ ରକ୍ଷା କରିପାରିବ। ରାଜ୍ୟ ସହାୟତା ଦ୍ୱାରା ପ୍ରେରିତ ଅଭିନବ ସୂକ୍ଷ୍ମ ସହଯୋଗ ଯୋଜନା ମାଧ୍ୟମରେ ଅସଂଗଠିତ ଶ୍ରମିକମାନଙ୍କୁ ଅଧିକରୁ ଅଧିକ ପେନସନ ପରିସରଭୁକ୍ତ କରିବାର ଆବଶ୍ୟକତା ମଧ୍ୟ ରହିଛି। ପେନସନ ଲାଭଗୁଡ଼ିକୁ କେବଳ ପେନସନ ପାଇଁ ସୁରକ୍ଷିତ ରଖି ସର୍ବନିମ୍ନ ପ୍ରବେଶ ବୟସ ନିର୍ଦ୍ଧାରଣ ଜରିଆରେ ଆଗୁଆ ଉଠାଣ ନିରୁତ୍ସାହିତ ହେବା ଉଚିତ। ପିଏଫଆରଡିଏ ଅଧୀନରେ ନିୟମାନୁସୂଚନାକୁ ସୁଦୃଢ଼ କରିବା ଏବଂ ପେନସନ ତହବିଲକୁ ସାବଧାନତାର ସହ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ ପାଇଁ ଅନୁମତି ଦେବା ଦ୍ୱାରା ଉଭୟ ଭବିଷ୍ୟତର ଲାଭ ଓ ସ୍ଥିରତାକୁ ବୃଦ୍ଧି କରାଯାଇପାରିବ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଆର୍ଥିକ ସାକ୍ଷରତା ଓ ସେବାନିବୃତ୍ତି ପରିକଳ୍ପନା ପାଇଁ ଏକ ରାଷ୍ଟ୍ରବ୍ୟାପୀ ସଚେତନତା ଅଭିଯାନ ଆବଶ୍ୟକ, ଯାହା ଦୀର୍ଘକାଳୀନ ସଞ୍ଚୟକୁ ପରିବାରର ଏକ ସାଧାରଣ ଅଭ୍ୟାସରେ ପରିଣତ କରିପାରିବ।

ମର୍ସର୍ ଇଣ୍ଡେକ୍ସରେ ଭାରତର ୪୩.୮ ଅଙ୍କ ପାଇବା କେବଳ ଏକ ସଂଖ୍ୟାମାପକ ନୁହେଁ, ବରଂ ଭାରତୀୟ ସମାଜ ତା'ର ବୟସ୍କ ନାଗରିକଙ୍କ ପ୍ରତି କିପରି ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରୁଛି, ତାହାର ଏକ ନିଛକ ପ୍ରତିବିମ୍ବ। ଉଚ୍ଚତମ ନ୍ୟାୟାଳୟ ସଠିକ ଭାବେ ଦର୍ଶାଇଛନ୍ତି ଯେ ପେନସନ ଏକ ଦାନ କିମ୍ବା ଅନୁକମ୍ପାମୂଳକ ସହାୟତା ରାଶି ନୁହେଁ, ବରଂ ନାଗରିକଟିଏ ନିଜର ଯୌବନ କାଳରେ ବର୍ଷ ବର୍ଷ ଧରି ସମାଜ ଓ ସରକାରଙ୍କୁ ଦେଇଥିବା ପରିସେବା ବଦଳରେ ଏହା ତା'ର ଉପାର୍ଜିତ ସାମ୍ବିଧାନିକ ଅଧିକାର। ଯେଉଁ ରାଷ୍ଟ୍ର ଏକ ବିଶ୍ୱସ୍ତରୀୟ ଆର୍ଥିକ ଶକ୍ତି ହେବାକୁ ଚାହୁଁଛି, ତା'ର ନାଗରିକମାନେ ସମ୍ମାନ ଓ ସୁରକ୍ଷା ବିନା ବୟସର ସାୟାହ୍ନରେ ଅସୁରକ୍ଷିତ ରହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ତେଣୁ ଭାରତୀୟ ପେନସନ ବ୍ୟବସ୍ଥାରେ ସୁଧାର ପ୍ରଶାସନିକ ସଂଶୋଧନର ଉର୍ଦ୍ଧ୍ୱରେ ଉଭୟ ମାନସିକ ଓ ସାମାଜିକ ଆବଶ୍ୟକତା ଭାବେ ଦେଖାଯିବା ଦରକାର। ପେନସନକୁ ଏକ ସୁବିଧା ଭାବରେ ନଦେଖି ଅଧିକାର ଭାବରେ ଦେଖିଲେ ହିଁ, ଭାରତ 'ଡି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉନ୍ନୀତ ହୋଇପାରିବ। ପେନସନ ସୁରକ୍ଷା କେବଳ ଜଣେ ବୟସ୍କଙ୍କ ପ୍ରଶ୍ନ ନୁହେଁ, ଏହା ଭାରତର ସାମାଜିକ ଆତ୍ମା ଓ ମାନବୀୟ ମର୍ଯ୍ୟାଦାର ପରୀକ୍ଷା।

(ସାଧାରଣ ସମ୍ପାଦକ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଅନ୍ଧାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା

ସୁଧାକର ଦାସ

ସାମ୍ପ୍ରତିକ ସ୍ଥିତିକୁ ସମୀକ୍ଷା କଲେ ମନେ ହୁଏ ସତେଯେମିତି ଅନ୍ଧାର ଗର୍ତ୍ତରେ ଆଜି ଆମ ଶିକ୍ଷା ବ୍ୟବସ୍ଥା। ବଦଳିଛି ସରକାର, ମାତ୍ର ବଦଳିନି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ଥିବା ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନ ସରିଲା। କ୍ଷମତାର ଗାଦିରେ ବସିବା ପରେ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କଠୋର ନିଷ୍ପତ୍ତି ନେଇ ଘୋଷଣା କଲେ ରାଜ୍ୟରେ ୫୬୩୦ ଗୋଟି ବିଦ୍ୟାଳୟ ବନ୍ଦ କରାଯିବ। ଇତିମଧ୍ୟରେ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରି ଦେବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ବେକ୍ଷଣ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି ଓ ଅପହଞ୍ଚ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ପରିବର୍ତ୍ତେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବା ଦ୍ୱାରା ଅପହଞ୍ଚ ଅଞ୍ଚଳର ପିଲାମାନେ ଅନେକ ଅସୁବିଧା ସାମ୍ନା କରିବେ, ଏଥିରେ ସନ୍ଦେହ ନାହିଁ।

ସାମ୍ପ୍ରତିକ ସମୟରେ ଉଚ୍ଚଶିକ୍ଷାର ସ୍ଥିତି ମଧ୍ୟ ଯଦି ଆମେ ସମୀକ୍ଷା କରିବା, ତେବେ ବର୍ତ୍ତମାନ ସମୟରେ ସରକାର ନିଷ୍ପତ୍ତି ନେଇଛନ୍ତି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସମେତ ସଂସ୍କୃତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବି ପୂରଣ ବିଳମ୍ବ ହେଉଥିବାରୁ ୨୦୨୫-୨୬ ଶିକ୍ଷାବର୍ଷରେ ନିୟମିତ ପଦବି ପୂରଣ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶିକ୍ଷାବିତ୍ ଅତିଥି ଭାବେ ଶିକ୍ଷାଦାନ କରିବେ। ଏ ନିଷ୍ପତ୍ତି ଶିକ୍ଷିତ ଯୁବବର୍ଗ ପାଇଁ ଚିନ୍ତାର କାରଣ ସାଜିବା ସହିତ ସରକାରଙ୍କ ଦୋଷ ଦୁର୍ବଳତାକୁ ମଧ୍ୟ ସାମ୍ନାକୁ ଆଣିଛି। ମନରେ ପ୍ରଶ୍ନ ଉଠେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ଏବେ ଅବସରପ୍ରାପ୍ତ ଶିକ୍ଷାବିତମାନଙ୍କୁ ନିଯୁକ୍ତି କରାଯାଏ ତେବେ ପିଜି, ପିଏଚଡି କରିଥିବା ଯୁବକ ଯୁବତୀ କ'ଣ କରିବେ? ଓଟିଇଟି/ଓଏସ୍‌ଟିଇଟି ପାସ୍ କରି କ'ଣ ଘରେ ବସିବେ? ଏମିତି କରିବା ଦ୍ୱାରା ଶିକ୍ଷିତ ବେକାରୀ ରାଜ୍ୟରେ ବୃଦ୍ଧି ପାଇବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖାଇବା ପାଇଁ କେହି ଆଗ୍ରହ ପ୍ରକାଶ କରିବେନି। ଯଦି ନିଯୁକ୍ତି ମିଳିବନି, ସୁଯୋଗ ମିଳିବନି, ତେବେ ଶିକ୍ଷା ବ୍ୟବସ୍ଥା ସଫଳ ରୂପାୟନ ହେବ କେମିତି?

ରାଜ୍ୟରେ ପରୀକ୍ଷା ପରିଚାଳନାରେ ମଧ୍ୟ ଦୁର୍ନୀତିର କଥା ସମସ୍ତେ ଜାଣନ୍ତି। ଯଦି ସ୍ଥିତିରେ ସୁଧାର ନଆସେ, ତେବେ ଏ ଶିକ୍ଷା ବ୍ୟବସ୍ଥା ଲୋପ ହେବନି ବୋଲି କିଏ ବା ନିଶ୍ଚିତ କରିବ? ରାଜ୍ୟରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଉଛି, ପରୀକ୍ଷା ବାତିଲ କରାଯାଉଛି, ଦଶମ ଶ୍ରେଣୀ ପରୀକ୍ଷାଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଆୟୋଜିତ ପରୀକ୍ଷାଗୁଡ଼ିକ ଆଜି ପର୍ଯ୍ୟନ୍ତ ସଠିକ ଭାବରେ ପରିଚାଳନା କରିବାରେ ସରକାର ବିଫଳ। ସାଧାରଣ ଜନତା ପରିବର୍ତ୍ତନ ଆଣିବା ପାଇଁ ନୂଆ ସରକାର ଚୟନ କଲେ। ସରକାର ବଦଳିଛି। ହେଲେ ସ୍ଥିତି ଯେମିତି ଥିଲା, ତା'ଠାରୁ ଦୁଇ ଗୁଣା ଅଧିକ ଖରାପ ହୋଇଛି। ରାଜ୍ୟ ରାଜନୀତି ସରଗରମ। ମାତ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଧୀରେ ଧୀରେ ଶୋଚନୀୟ ହେବାକୁ ଯାଉଛି, ସେଥିପାଇଁ କାହାର ଦୃଷ୍ଟି ନାହିଁ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ପ୍ରତିବର୍ଷ ସର୍ବେକ୍ଷଣ କରି ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଗୋଟିଏ ରିପୋର୍ଟ କରି ସରକାରୀ ସ୍ତରରେ ସମୀକ୍ଷା କରି ପ୍ରତିବର୍ଷ କିଛି କିଛି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ, ତେବେ ଅନେକ ଶିକ୍ଷିତ ଯୁବବର୍ଗ ନିଯୁକ୍ତି ପାଇବେ। ରାଜ୍ୟରେ ବେକାରୀ ସମସ୍ୟା ଧୀରେ ଧୀରେ ହ୍ରାସ ହେବ। ଶିକ୍ଷା କ୍ଷେତ୍ର ସଶକ୍ତ ହେବ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପଇଁ ଖାଲି ଯୋଜନା କଲେ ହେବ ନାହିଁ, ବରଂ ଯୋଜନାକୁ ସଠିକ ପରିଚାଳନା କରିବାର ଆବଶ୍ୟକତା ରହିଛି। ଯୁବବର୍ଗଙ୍କ ପ୍ରତି ଦୃଷ୍ଟି ଦେଇ ଯଦି ସରକାର ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରତି ବର୍ଷ ସୃଷ୍ଟି କରିବେ, ତେବେ ନିଶ୍ଚୟ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତିରେ ସୁଧାର ଆସିବ।

ମୋ: ୭୮୪୮୦୦୦୬୭୭

# ବନବିଧ୍ୱଂସ ମାନବ ସଭ୍ୟତାକୁ ହତ୍ୟା କରିପାରେ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଜୀବଜଗତକୁ ଅରଣ୍ୟର ଅବଦାନ ଅବର୍ଣ୍ଣନୀୟ। କିନ୍ତୁ କ୍ଷୋଭର ବିଷୟ ଯେ ଏହା ବୁଝିସୁଦ୍ଧା ନିଜ ଗୋଡ଼ରେ କୁରାଢ଼ୀ ମାରିବା ଭଳି ଆମେ ତାକୁ ଧ୍ୱଂସ କରିଚାଲିଛୁ। ଏକ ଆକଳନ ଅନୁସାରେ ବର୍ଷକୁ ପୃଥିବୀରେ ୧୫ ରୁ ୧୮ ନିୟୁତ ହେକ୍ଟର ବନ ବିଧ୍ୱଂସ ହେଉଛି। ଜାଗତିକ ଉଷ୍ମତାଠାରୁ ପରିସଂସ୍ଥାର ଅବକ୍ଷୟ ଆଦି ନାନଦି ପରିବେଶୀୟ ବିପର୍ଯ୍ୟୟର ଏହା ହେଉଛି ମୁଖ୍ୟ କାରଣ। ନିକଟରେ ଲିଡସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସୂଚୀତ କରିଛନ୍ତି ଯେ ଏହାଫଳରେ ଘଟୁଥିବା ତାପମାତ୍ରା ବୃଦ୍ଧିର ବିଭିନ୍ନ ପ୍ରଭାବରେ ବିଗତ ୨୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ପ୍ରାୟ ଅଧ ନିୟୁତରୁ ଅଧିକ ଲୋକ। ଏହି ଗବେଷକମାନଙ୍କ ସୂଚନା ଅନୁସାରେ ବନ ବିଧ୍ୱଂସ ସଫଳରେ ବିଶେଷକରି ଆମାଜନ, କଙ୍ଗୋ ଏବଂ ଦକ୍ଷିଣ-ପୂର୍ବ ଏସିଆର ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ପ୍ରକୃତି ଓ ପରିବେଶ ବଦଳିବା ସହିତ ଜୀବଜଗତର ସମସ୍ତଙ୍କ ଉପରେ ପଡୁଛି ତାହାର ଘାତକ ପ୍ରଭାବ। ସେମାନେ ଆକଳନ କରିଛନ୍ତି ଯେ ଅରଣ୍ୟ ସଂକୋଚନ ପ୍ରଭାବିତ ଅଞ୍ଚଳର ତାପବୃଦ୍ଧିର ଏକ-ତୃତୀୟାଂଶରୁ ଅଧିକ ପାଇଁ ଦାୟୀ। ପୁନଶ୍ଚ ସେଠାର ଜଳବାୟୁରେ ଘଟୁଥିବା ଅବ୍ୟବସ୍ଥାର ଏହା ମଧ୍ୟ ମୁଖ୍ୟ କାରଣ।

ବିଷୁବୀୟ ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ୩୪୫ ନିୟୁତ ଲୋକ ବନ ବିଧ୍ୱଂସ ଜନିତ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏହା ୨୦୦୧ ମସିହାରୁ ୨୦୨୦ ମସିହା ମଧ୍ୟରେ ଅନେକ ସମୟରେ ପ୍ରାୟ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି କରୁଛି। ଗବେଷକମାନଙ୍କ ମତରେ ବନବିଧ୍ୱଂସ କାରଣରୁ ଘଟୁଥିବା ତାପମାତ୍ରା ବୃଦ୍ଧି ହେତୁ ଏଠାର ବାର୍ଷିକ ପ୍ରାୟ ୩୦ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବିବିଧ ରୋଗବ୍ୟାଧି ଏବଂ ଶାରୀରିକ ଅକ୍ଷମତା ଯୋଗୁଁ। ଏହାବ୍ୟତୀତ ବିଷୁବମଣ୍ଡଳୀୟ ଆଫ୍ରିକାର ଏକ-ତୃତୀୟାଂଶ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ବ୍ୟାପକ ଅଞ୍ଚଳର ଲୋକେ ତାପବୃଦ୍ଧିଜନିତ ବିବିଧରୋଗରେ ପୀଡ଼ିତ ହେବା ସହିତ ଅକାଳମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଗବେଷକମାନେ ବ୍ରାଜିଲ୍ ଘାନା, ଇଂଲଣ୍ଡ ଆଦି କେତେକ ଦେଶରେ ଦୁର୍ଘଟଣା ଜନିତ ହୋଇଥିବା ମୃତ୍ୟୁହାର ଏବଂ ବିଷୁବମଣ୍ଡଳର ଅରଣ୍ୟବିଧ୍ୱଂସ ଯୋଗୁଁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ହେତୁ ଘଟୁଥିବା ମୃତ୍ୟୁହାରକୁ ତୁଳନା କରିଥିଲେ। ଏପ୍ରକାର ଅଧ୍ୟୟନ ଏବେ କରାଯାଇଛି ପ୍ରଥମଥର ପାଇଁ। ଆଗକୁ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଏହା ବ୍ୟାପକ ରୂପେ କରିବା ପାଇଁ ଗବେଷକମାନେ ଲକ୍ଷ୍ୟ ରଖିଛନ୍ତି।

ଲିଡସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡୋମିନିକ୍ ସ୍ପ୍ରାକ୍‌ଲେନ୍ ମତ ଦେଇଛନ୍ତି ଯେ ଏହା ହେଉଛି ବନ ବିଧ୍ୱଂସ ହତ୍ୟା କରିପାରେ ବୋଲି ଏକ ଚେତାବନୀ। ସେ ଆଶା କରିନ୍ତି ଯେ ଅନେକ ଲୋକ ଏହାକୁ ନେଇ ବିସ୍ମୟ ପ୍ରକାଶ କରିପାରନ୍ତି। କାରଣ ବନ ବିଧ୍ୱଂସର ଏପ୍ରକାର ବିପଦସମୂହ ସାଧାରଣ ଭାବେ, ଜାଗତିକ ଜଳବାୟୁ ସଂପର୍କରେ ଆଲୋଚନା ଭିତରେ ହଜିଯାଉଛି। ଅନ୍ୟପକ୍ଷରେ ବଜାରଭିତ୍ତିକ କୃଷି, ଶିଳ୍ପ ଓ ସହରୀକରଣ ବିସ୍ତାରିତ ହୋଇ ରହିଛି। ବ୍ରାଜିଲର ମାଟୋଗ୍ରୋସୋ ଅଞ୍ଚଳରେ ଘଟିଥିବା ଏକ ଘଟଣାକୁ ଉଦାହରଣ ରୂପେ ନିଆଯାଇପାରେ। ସ୍ପ୍ରାକଲେନଙ୍କ ମତରେ ତାପମାତ୍ର ବୃଦ୍ଧି ଏବଂ ଅନ୍ୟାନ୍ୟ ପରିବେଶ ବିପର୍ଯ୍ୟୟ ଜନିତ ବିପଦରୁ ରକ୍ଷା ପାଇବାକୁ ହେଲେ ବୃକ୍ଷରାଜିକୁ ଅପରିବର୍ତ୍ତିତ ରଖିବା କିମ୍ବା ପରିବର୍ଦ୍ଧିତ କରିବା ଦରକାର। ତାହା ମଣିଷ ସମେତ ବହୁ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରିପାରିବ ଏବଂ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ପୁନଶ୍ଚ ସେ କହନ୍ତି ଏହି ଜଙ୍ଗଲ ସୁରକ୍ଷା କେବଳ ଜଳବାୟୁ ପାଇଁ ନୁହେଁ, ବରଂ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ଲୋକଙ୍କର ହିତ ସାଧନ କରିବ। ଏଗୁଡ଼ିକ ତାପମାତ୍ରା ନିୟନ୍ତ୍ରଣ କରିବା ସହିତ ଯଥେଷ୍ଟ ବୃଷ୍ଟିପାତ କରାଇବେ ଏବଂ ଲୋକେ ନିର୍ଭର କରୁଥିବା କୃଷିକୁ ସହାୟତା କରିବେ। ଜନସ୍ୱାସ୍ଥ୍ୟ ଓ ଆୟୁବୃଦ୍ଧିରେ ମଧ୍ୟ ବୃକ୍ଷର ଭୂମିକା ରହିଛି।

ଏଣୁ ଅରଣ୍ୟଗୁଡ଼ିକୁ ନିଷ୍କ୍ରିୟ ବୋଲି ମନେ କରିବା ଉଚିତ ନୁହେଁ। ସେଗୁଡ଼ିକ ପ୍ରକୃତରେ କଠୋର ପରିଶ୍ରମ କରିଥା'ନ୍ତି ଏବଂ ଆମ ଜୀବନଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାର୍ଯ୍ୟମାନ କରିନ୍ତି। ଏଣୁ ଚାଲନ୍ତୁ ଯଥାସମ୍ଭବ ବନବିଧ୍ୱଂସକୁ ପ୍ରତିହତ କରିବା ଏବଂ ବନ ଭୂମିର ଆକାର ବୃଦ୍ଧି କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହିଳାଙ୍କ ଭ୍ୟାନିଟିରୁ ସୁନା ଅଳଙ୍କାର, ଟଙ୍କା ଚୋରି

ବ୍ରହ୍ମପୁର,୨୭ ।୧୦(ସମିସ): ଘରେ କେହି ନଥିବା ବେଳେ ଜଣେ ମହିଳାଙ୍କ ଭ୍ୟାନିଟିରୁ ୩୦ ଗ୍ରାମ ଓଜନର ସୁନା ଅଳଙ୍କାର ଓ ନଗଦ ୫ ହଜାର ଟଙ୍କା ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ଟଙ୍କା ଓ ସୁନା ଚୋରି କରିବା ପରେ ଉକ୍ତ ଭ୍ୟାନିଟିକୁ ଘର ବାହାରେ ଫିଙ୍ଗି ଚମ୍ପଟ ମାରିଛି । ଏହି ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ରାମନଗର ୨ୟ ଗଳିରେ ରହୁଥିବା ରଶ୍ମିତା ବେହେରା ଓ ତାଙ୍କ ପିଲାମାନେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରେ ତାଲା ପଡିଥିଲା । ହେଲେ ସେହି ତାଲାର ଚାବି ଝରକା କୋଣରେ ରଖାଯାଇଥିଲା । ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଘରର ଚାବି ବାହାର କରି ତାଲା ଖୋଲିବା ପରେ ଭିତରକୁ ପଶି ଭ୍ୟାନିଟରେ ଥିବା ୩୦ ଗ୍ରାମ ଓଜନର ଗୋଟିଏ ଚେନ୍ ଓ ନଗଦ ୫ହଜାର ଟଙ୍କା ନେଇ ଯାଇଥିଲେ । ରଶ୍ମିତା ଘରକୁ ଫେରିବା ପରେ ଭ୍ୟାନିଟ ଗାଏବ ଥିବା ଦେଖି ସବୁଆଡେ ଖୋଜାଖୋଜି କରିଥିଲେ । ହେଲେ ଘରେ ତାଙ୍କ ଭ୍ୟାନିଟ ମିଳିନଥିଲା । ବହୁ ଖୋଜାଖୋଜି ପରେ ଭ୍ୟାନିଟଟି ଘରର ପଛପଟେ ପଡିଥିବା ସେ ଦେଖିଥିଲେ । ତା' ଭିତରୁ ସମସ୍ତ ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବା ପରେ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ ।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୭ ।୧୦(ସମିସ): ପେଟ୍ରୋଲ ଚୋରି ସମ୍ବନ୍ଧରେ ପଚାରିବାରୁ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋଶାଣୀନୂଆଁ ଗାଁ ଥାନା ପୁଲିସ କେ. ରାମକୃଷ୍ଣ ପାତ୍ର(୫୭)ଙ୍କୁ ଗିରଫ କରିଛି । ଏହି ଆକ୍ରମଣରେ ସଂପୃକ୍ତ ଥିବା ରାମକୃଷ୍ଣଙ୍କ ପୁଅ ସୁନୀଲ ପାତ୍ର ଫେରାର ଥିବା କୁହାଯାଉଛି । ସୂଚନାପ୍ରକାରେ, ଆଜକୁ ୨ଦିନ ତଳେ ମାଣ୍ଡିଆପଦର ସାହିର ସାଗର ସାହୁଙ୍କ ଭାଇ ବାଇକରୁ ବହୁମାତ୍ରାରେ ପେଟ୍ରୋଲ ଚୋରି ହୋଇ ଯାଇଥିଲା । ଅଭିଯୁକ୍ତ ସୁନୀଲ ପେଟ୍ରୋଲ ଚୋରି କରିଥିବା ସନ୍ଦେହ କରି ଆଜି ସକାଳ ୯ଟା ବେଳେ ଡାମଣା ସାହିରେ ସାଗର ତାଙ୍କୁ ଚୋରି ସମ୍ବନ୍ଧରେ ପଚାରିଥିଲା । ଏଥିରେ ସୁନୀଲ ଉତକ୍ଷିପ୍ତ ହୋଇ ସାଗରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏହାଦେଖି ସୁନୀଲଙ୍କ ବାପା ରାମକୃଷ୍ଣ ସେଠାରେ ପହଞ୍ଚି ବୁଝାସୁଝା କରିଥିଲେ । ଏହାର କିଛି ସମୟପରେ ରାମକୃଷ୍ଣ ଓ ତାଙ୍କ ପୁଅ ସୁନୀଲ ମିଳିତଭାବେ ସାଗରଙ୍କୁ ଟଣାଓଟରା କରିବା ସହ ଆକ୍ରମଣ କରିଥିଲେ । ଘଟଣାକୁ ନେଇ ସାଗର ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଆଜି ରାମକୃଷ୍ଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

## ଆୟୁସିଏନ୍ କଂଗ୍ରେସରେ ଯୋଗ ଦେଲେ ଶିବାନୀ ପାଢ଼ୀ

ବ୍ରହ୍ମପୁର,୨୭ ।୧୦(ସମିସ): ବ୍ରହ୍ମପୁର ଗଣେଶ ନଗର ନିବାସୀ କୃଷ୍ଣଚନ୍ଦ୍ର ପାଢ଼ୀ ଓ ସସ୍ମିତା ମିଶ୍ରଙ୍କ ଏକମାତ୍ର କନ୍ୟା ଶିବାନୀ ପାଢ଼ୀ ନିକଟରେ ଆବୁଧାବିରେ ଆୟୋଜିତ ଆୟୁସିଏନ୍ ଫାଲ୍ସ କନ୍ସର୍ଭେସନ କଂଗ୍ରେସ୍ ୨୦୨୫ରେ ଯୋଗ ଦେଇଥିଲେ । ସେ ଚେଞ୍ଜ ମେକର ବିଭାଗରେ ଭାରତ ପକ୍ଷରୁ ଏକମାତ୍ର ଯୁବ ପ୍ରତିନିଧି ଭାବେ ଯୋଗଦେଇ ଟାଟା ବେଞ୍ଜ ଛକ ସ୍ଥିତ ଏକ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ କହିଛନ୍ତି । ଇଣ୍ଟରନ୍ୟାସନାଲ ୟୁନିଅନ୍ ଫର୍ କନ୍ଜରଭେସନ ଅଫ ନେଚର୍ ହେଉଛି ପୃଥିବୀର ସବୁଠାରୁ ବଡ଼ ପରିବେଶ ସଂଗଠନ ଓ ଆୟୁସିଏନ୍ କଂଗ୍ରେସ ଯାହା କି ପ୍ରତି ୪ବର୍ଷରେ ଥରେ ହୁଏ । ଯେଉଁଠି ପ୍ରାୟ ୧୬୦ଟି ଦେଶର ପରିବେଶ ବିଜ୍ଞାନୀ, ନୀତିନିର୍ଦ୍ଦେଶକ ଏବଂ ଯୁବ ନେତାମାନେ ପୃଥିବୀ ସୁରକ୍ଷା ଓ ଉନ୍ନୟନ ପାଇଁ ଏକତ୍ର ହୋଇଥାନ୍ତି । ଏହି ସମ୍ମିଳନୀରେ ବିଶ୍"ର ୧୫ ଜଣ 'ୟଙ୍ଗ ଚେଞ୍ଜମେକର୍' ମଧ୍ୟରୁ ଭାରତ ଦେଶରୁ ଶିବାନୀ ଏକମାତ୍ର ଭାବେ ଚୟନ ହୋଇଥିଲେ । ଯେଉଁଠାରେ ଶିବାନୀ ନିଜର ନବୀନତମ ପ୍ରକଳ୍ପ 'ପ୍ରୋଜେକ୍ଟ ଡଲଫିନ' ଉପସ୍ଥାପନ କରିଥିବା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଆଗାମୀ ଦିନରେ ଅଭିଜ୍ଞତା ଓ ଶିକ୍ଷଣକୁ ଓଡ଼ିଶାର ଯୁବମାନଙ୍କ ସହିତ ସେୟାର୍ କରି ଏହି ପରିବେଶ ଅଭିଯାନକୁ ଆହୁରି ଆଗକୁ ନେବା ଲକ୍ଷ୍ୟ ଥିବା ଶିବାନୀ କହିଛନ୍ତି ।



### ବ୍ରହ୍ମପୁର ମହାନଗର ନିଗମର ମନ୍ଥା ମୁକାବିଲା ପ୍ରସ୍ତୁତି

# ୨୨ ବାତ୍ୟାଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ, ୯୦୫ ସ୍ଥାନାନ୍ତର

ବ୍ରହ୍ମପୁର,୨୭ ।୧୦(ସମିସ)

ବାତ୍ୟା 'ମୋନ୍ଥା'ର ମୁକାବିଲା ଲାଗି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି କରାଯାଇଛି । ସୋମବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତିଭାସନ, ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜର୍ଶିକେ ବିଜୁ କଲ୍ୟାଣ ମଣ୍ଡପ ଏବଂ କମାପଲ୍ଲୀ ଶିବ ମନ୍ଦିର କଲ୍ୟାଣ ମଣ୍ଡପରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ । ଗଜପତି ନଗର ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ତଦାରଖ କରିଥିଲେ । ଅନ୍ୟପକ୍ଷରେ ନିଗମ ଦ୍ୱାରା ୨୨ଗୋଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହେଉଛି । ସୋମବାର ପ୍ରଥମ ପର୍ଯ୍ୟାୟରେ ୯୦୫ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଜାରି ରହିଛି । ପ୍ରତି ଆଶ୍ରୟସ୍ଥଳୀରେ ତିନୋଟି ସିଫ୍ଟରେ



କର୍ମଚାରୀ କାମ କରିବେ ବୋଲି ଜଣାପଡ଼ିଛି । ସେସବୁ ସ୍ଥାନରେ ଆଲୋକ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଫାଷ୍ଟଏଡ୍ କିଟ, ସାନିଟାରୀ ପ୍ୟାଡ୍, ମଶା ଧୂପ, ପାଇଖାନାର ବ୍ୟବସ୍ଥା କରାଯାଇଛି । ନଗର ନିଗମରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରୁଛି । ଏହିକ୍ରମରେ ୭୬୦୮୮୦୪୮୦ଜରୁରୀ କାଳୀନ ନମ୍ବର ଜାରି ହୋଇଛି । ଜଳବନ୍ଦୀ ଏବଂ ରାସ୍ତା ଅବରୋଧର ସମାଧାନ ପାଇଁ ଅତିରିକ୍ତ ଯାନବାହାନ, ଯନ୍ତ୍ରପାତି, ସଫେଇ କର୍ମଚାରୀଙ୍କ ବନ୍ଦୋବସ୍ତ ହୋଇଛି । ୱାଟକୋ ଏବଂ ଅଗ୍ନିଶମ ବିଭାଗ ସହ ଲଗାତାର ସମନ୍ୱୟ ଜାରି ରହିଛି । କମିଶନରଙ୍କ ଦ୍ୱାରା ସମସ୍ତ ଜନ ପ୍ରତିନିଧି ଓ ଅଧିକାରୀଙ୍କୁ ନେଇ ପ୍ରସ୍ତୁତି ବୈଠକ କରିବା ସହ ସମସ୍ତେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ପ୍ରବଣ ଖୋଲା ଡ୍ରେନଗୁଡିକର ବ୍ୟାରିକେଡିଙ୍ଗ ଏବଂ ବୁଲା ଗାଈଗୋରୁଙ୍କ ସୁରକ୍ଷିତ ସ୍ଥାନାନ୍ତର ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ସହ ଜନସଚେତନତା ଜାରି ରହିଥିବା ବ୍ରହ୍ମପୁର ମହାନଗର ନିଗମର ଡ଼େପୁଟି କମିଶନର କଲ୍ୟାଣି ସଂଘମିତ୍ରା ସୂଚନା ଦେଇଛନ୍ତି ।

## ବାତ୍ୟା ମୁକାବିଲା, ୨୨୮ ଜଣ ଗର୍ଭବତୀ ସ୍ଥାନାନ୍ତର

ବ୍ରହ୍ମପୁର,୨୭ ।୧୦(ସମିସ): ବାତ୍ୟା 'ମନ୍ଥା'କୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୧୨୮ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ଗର୍ଭବତୀ ମହିଳାମାନଙ୍କ ପ୍ରସବ ସମୟ ନିକଟତର ହୋଇଥିବା ବେଳେ ମା' ଓ ଶିଶୁଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି । ଉକ୍ତ ଗର୍ଭବତୀଙ୍କୁ ଜିଲ୍ଲାରେ ଥିବା ୪ଟି ଉପଖଣ୍ଡ ଚିକିତ୍ସାଳୟ, ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟ ବିଭାଗରେ ଭର୍ତ୍ତି କରାଯାଇଛି । ମୋଟ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ସୋମବାର ସନ୍ଧ୍ୟା ୭ଟା ସୁଦ୍ଧା ୮୮ଜଣଙ୍କ ପ୍ରସୂତି ପ୍ରସବ କରିଥିବା ଡିପିଏମ ବୁଲୁନାଥ ସାହୁ ସୂଚନା ଦେଇଛନ୍ତି ।

## ଏମ୍‌କେସିଜିରେ ଜିଲ୍ଲାପାଳଙ୍କ ସ୍ଥିତି ସମୀକ୍ଷା

ବ୍ରହ୍ମପୁର,୨୭ ।୧୦(ସମିସ): ବାତ୍ୟା "ମନ୍ଥା' ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତିଭାସନ୍ ସୋମବାର ଏମକେସିଜି ମେଡ଼ିକାଲରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ମେଡ଼ିକାଲର ବିଭିନ୍ନ ବିଭାଗ ବୁଲିବା ସହ ବହୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ମେଡିକାଲ ପରିସରରେ "ଜଳବନ୍ଦୀ' ସ୍ଥିତିକୁ ଏଡାଇବା ସହ ପରିସରର ପ୍ରମୁଖ ଡ୍ରେନେଜ ଗୁଡ଼ିକୁ ସଫା କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ ବିଭାଗ, ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ବିଭାଗର ସମନ୍ୱୟରେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିବା ନେଇ ଜିଲ୍ଲା ପ୍ରଶାସନ ସଜାଗ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ବାତ୍ୟା ଜନିତ ଅଘଟଣ ଏଡ଼ାଇବା ପାଇଁ ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରିବାକୁ



ନିର୍ଦ୍ଦେଶ ଦେଇଥିଲେ । ଏହା ସହ ରୋଗୀଙ୍କୁ ଚିକିତ୍ସା ବାଧାପ୍ରାପ୍ତ ନହେବା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିବାକୁ ଅଧିକ୍ଷକଙ୍କୁ କହିଥିଲେ । ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ହସ୍ପିଟାଲ, ଜିଇଡି, ଟାଟା ପାୱାର ଓ ପିଏଚଇଡି ସମେତ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କୁ ନେଇ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରିଛନ୍ତି । ଏହି ରୁମରେ ଥିବା ୬ଜଣିଆ ଟିମ୍ ରୋଗୀଙ୍କୁ ସଠିକ୍ ସମୟରେ ଉପଯୁକ୍ତ ସେବା ଯୋଗାଇବେ ବୋଲି ଜଣାପଡିଛି । ଜିଲ୍ଲାପାଳଙ୍କ ଗସ୍ତ ବେଳେ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଏମକେସିଜି ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଜି. କାମେଶ୍ୱର୍ ରାଓ, ଡିପିଏମ୍ ବୁଲୁ ନାଥ ସାହୁ, ଅଗ୍ନିଶମ ବିଭାଗର ଅଧିକାରୀ ଠାକୁର ପ୍ରସାଦ ଦଳାଇଙ୍କ ସମେତ ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## 'ମୋନ୍ଥା' ଉଜାଡ଼ିବ ଧାନ ଫସଲ

ବ୍ରହ୍ମପୁର/ଛତ୍ରପୁର,୨୭ ।୧୦ (ସମିସ): ବାତ୍ୟା ମନ୍ଥା ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସୋମବାର ପୂର୍ବାହ୍ନରୁ ବର୍ଷା ଆରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମୂଷଳ ଧାରାରେ ବର୍ଷା ସହିତ ପବନ ମଧ୍ୟ ଜାରି ରହିଛି । ଆସନ୍ତା ଦୁଇଦିନ ମଧ୍ୟ ଜିଲ୍ଲାର ବର୍ଷା ଓ ପବନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଅତ୍ୟାଧିକ ବର୍ଷା ଓ ପବନ ହେଲେ ଗଞ୍ଜାମ ଜିଲ୍ଲାର ଚାଷୀକୂଳ ବିଶେଷ କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡ଼ିଛି । ଚଳିତବର୍ଷ ଜିଲ୍ଲାରେ ଧାନ ଚାଷ ଭଲ ଖନ୍ଦ ହୋଇଥିଲା । ଅମଳ ଆରମ୍ଭ ବେଳକୁ ସାମ୍ପ୍ରତିକ ବାତ୍ୟା ଚାଷୀକୂଳକୁ ବିପଦଗାମୀ କରାଇଛି । ସୂଚନା ପ୍ରକାରେ ଜିଲ୍ଲାରେ ୧ଲକ୍ଷ ୮୭ହଜାର ହେକ୍ଟର ଧାନ ଚାଷ ହୋଇଥିବା ବେଳେ ୪୦ହଜାର ହେକ୍ଟର ଅଣଧାନ ଅର୍ଥାତ ପନିପରିବା ଇତ୍ୟାଦି ଚାଷ ହୋଇଛି । ଏହିକ୍ରମରେ ଜିଲ୍ଲାର ସଦର ମହକୂମା ଛତ୍ରପୁର ବ୍ଲକର ମଧ୍ୟ ୮ହଜାର ୯ଶହ ହେକ୍ଟର ଧାନ ଚାଷ ହୋଇଥିଲା । ସାମ୍ପ୍ରତିକ ବାତ୍ୟା ପ୍ରଭାବରେ ହେଉଥିବା ବର୍ଷା ଧାନ ଚାଷକୁ ବିପଦରେ



- ପ୍ରଭାବିତ ହେବ ୨ଲକ୍ଷ ୨୭ହଜାର ହେକ୍ଟର ଜମିର ଫସଲ
- ମୋବାଇଲରେ ସୀମିତ କୃଷି ବିଭାଗର ସଚେତନତା

ପକାଇଛି । କାରଣ ଏବେ ଧାନ ପୋଡ଼ା ଧରିବା ସମୟ । ଏହି ସମୟରେ ବର୍ଷା ହେଲେ ଏହା ବିଶେଷ ଭାବ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀ ମହଲରୁ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଆବଶ୍ୟକ ମୁତାବକ ଚାଷୀଙ୍କୁ ସଚେତନ କରାଯାଇନଥିବା ଅଭିଯୋଗ ହୋଇଛି । କେବଳ ମୋବାଇଲ ମାଧ୍ୟମରେ ମେସେଜ୍‌ରେ ହିଁ କୃଷି ବିଭାଗ ନିଜ ସଚେତନତାକୁ ସୀମିତ ରଖିଥିବା ଚାଷୀମାନେ କହିଛନ୍ତି । ଅଧିକାଂଶ ବ୍ଲକରେ କୃଷି ଅଧିକାରୀ ମାନେ ଆଦୌ ସଚେତନ କରିନଥିବା ବି ଜଣାପଡ଼ିଛି । ହୋମ ବେଳେ ବାଇଗଣ ରୁଆ ଭଳି ଆଉ କିଛି ଅଧିକାରୀ ସଚେତନ କରୁଛନ୍ତି । ଯାହା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି । ତେବେ କ୍ଷୟକ୍ଷତି ହେଲେ ପ୍ରଶାସନ ସଠିକ ଭାବେ ଆକଳନ କରିବାକୁ ଦାବି ହୋଇଛି ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବ୍ରହ୍ମପୁର,୨୭ ।୧୦(ସମିସ): ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟ ସମେତ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି । ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଦୁର୍ନୀତିକୁ ଦୃଢ଼ ଭାବେ ବିରୋଧ କରିବା ପାଇଁ ସବୁ ଜିଲ୍ଲାର ଜିଲ୍ଲାପାଳ, ବରିଷ୍ଠ ପୁଲିସ ଅଧିକାରୀ, ଭିଜିଲାନ୍ସ ଅଧିକାରୀ, ପୂର୍ବତନ ବରିଷ୍ଠ ଅଧିକାରୀ ଓ ସରକାରୀ କର୍ମଚାରୀ ଶପଥ ପାଠ କରିବେ ବୋଲି ଜଣାପଡ଼ିଛି । ଭିଜିଲାନ୍ସ ଏସପି ପ୍ରଦୀପ ପ୍ରଧାନ ସୋମବାର ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ପ୍ରସଙ୍ଗକୁ ନେଇ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଯୁବକଙ୍କ ମଧ୍ୟରେ ଦୁର୍ନୀତି ନିବାରଣ 'ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଉପରେ ଆଲୋଚନାଚକ୍ର, ବକ୍ତୃତା ଓ ପ୍ରବନ୍ଧ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ ଦୁର୍ନୀତି ଦୂର ପାଇଁ ସଚେତନତା ସୃଷ୍ଟି କରାଯିବ । ଦୁର୍ନୀତି ଦ୍ୱାରା ସମାଜରେ ପଡୁଥିବା କୁ-ପ୍ରଭାବକୁ ଦୃଷ୍ଟିରେ ରଖି ଦୁର୍ନୀତିର ମୂଳୋତ୍ପାଟନ କରିବା ପାଇଁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ସଚେତନତା ଓ ଗ୍ରାମସଭା ଆୟୋଜନ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବ । 'ବାଟମାରଣା କରୁଛି ଯିଏ, ଦେଶର ଶତ୍ରୁ ଅଟଇ ସିଏ', 'ଦୁର୍ନୀତି ହଟିଲେ ଦେଶ ହସିବ, ଦେଶର ପ୍ରଗତିର ବାଟ ଫିଟିବ' ଭଳି ବିଭିନ୍ନ ନାରା ନେଇ ସଚେତନତା କରାଯାଉଛି । ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଦୁର୍ନୀତି ବିରୁଦ୍ଧରେ ଶପଥ ଗ୍ରହଣ କରିଥିଲେ । ଅକ୍ଟୋବର ୩୧ ରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ପାଇଁ ଏକ ଶୋଭାଯାତ୍ରାର ଆୟୋଜନ କରାଯିବ । ସେହିଭଳି ନଭେମ୍ବର ୧ ରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳନ କରାଯିବ ବୋଲି ଜଣାପଡ଼ିଛି ।

### ■ ଗୋପାଳପୁର ଗଣଦୁଷ୍କର୍ମ ମାମଲା

## କନଷ୍ଟେବଲଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୭ ।୧୦(ସମିସ): ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖରେ ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣଦୁଷ୍କର୍ମ ହୋଇଥିଲା । ଏହି ମାମଲାର ବିଚାରଣା ଏବେ ଅତିରିକ୍ତ ଜିଲ୍ଲା ଦୌରା ଜଜ-୨ ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଚାଲିଛି । ନାବାଳକରୁ ସାବାଳକ ଭାବେ ଗ୍ରହଣ କରାଯାଇଥିବା ତିନିଜଣ ଅଭିଯୁକ୍ତଙ୍କ ଉକ୍ତ କୋର୍ଟରେ ଅଭାସୀ ମାଧ୍ୟମରେ ବିଚାରଣା ହୋଇଛି । ଏହି ମାମଲାରେ କ୍ରାଇମବ୍ରାଞ୍ଚର କନେଷ୍ଟେବଲ ସାକ୍ଷୀ ଭାବେ ଦିବ୍ୟ ରଞ୍ଜନ ପଣ୍ଡା କୋର୍ଟରେ ହାଜର ହୋଇଥିଲେ । ସେ ଘଟଣା ସମ୍ପର୍କରେ ଯାହାସବୁ ଜାଣିଥିଲେ ତାହା କୋର୍ଟରେ କହିଥିଲେ । ତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି । ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳି ଚରଣ ମିଶ୍ରଙ୍କୁ ନିଯୁକ୍ତି କରାଯାଇଛି । ସୋମବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ । ମଙ୍ଗଳବାର ପରବର୍ତ୍ତୀ ବିଚାରଣା ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

### 'ଜନନୀ ଏକ୍ସପ୍ରେସ'ରୁ ଗର୍ଭବତୀ ଉଭାନ ଘଟଣା

# ଆମ୍ବୁଲାନ୍ସରେ ଥିଲା ପରିଚାଳନାଗତ ତ୍ରୁଟି

ବ୍ରହ୍ମପୁର,୨୭ ।୧୦(ସମିସ)

ଏମକେସିଜି ମେଡ଼ିକାଲକୁ ଜନନୀ ଏକ୍ସପ୍ରେସରେ ଆସିଥିବା ଗର୍ଭବତୀ ମେଡିକାଲ ଗେଟ୍ ସମ୍ମୁଖରୁ ଉଭାନ ନେଇ ଶନିବାର ଖବର ପ୍ରକାଶିତ ହୋଇଥିଲା । ଏହି ଘଟଣା ନେଇ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି । ଇତିମଧ୍ୟରେ ସରକାରୀ ଆମ୍ବୁଲାନ୍ସ ପରିଚାଳନାରେ ବ୍ୟାପକ ତ୍ରୁଟି ଥିବା ସାମ୍ନାକୁ ଆସିଛି । ଗର୍ଭବତୀଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ଡାକ୍ତର ଏମକେସିଜି ମେଡିକାଲରୁ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଖଲ୍ଲିକୋଟ ସିଏଚସିରେ ଆମ୍ବୁଲାନ୍ସ ନଥିଲା । ଫଳରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ଏକ୍ସପ୍ରେସ ବା ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । 'ଜନନୀ ଏକ୍ସପ୍ରେସ'ର ଲଗ୍ ବୁକ୍ ତଥ୍ୟ ଅନୁସାରେ ସକାଳ ୧୦.୬ ମିନିଟରେ ଆମ୍ବୁଲାନ୍ସଟି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ୧୦.୨୨ ମିନିଟରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲା । ପରେ ୧୦.୩୮ ମିନିଟରେ ଜନନୀ ଏକ୍ସପ୍ରେସଟି ଗର୍ଭବତୀଙ୍କୁ ନେଇ ଏମ୍‌କେସିଜି ମେଡିକାଲ ଅଭିମୁଖେ ବାହାରିଥିଲା । ଏହା ପରେ ମଧ୍ୟାହ୍ନ ୧୨.୧୮ ମିନଟରେ ଏମ୍‌କେସିଜି ମେଡିକାଲ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ କୋଠା ନିକଟରେ ପହଞ୍ଚିଥିଲା । ଏହି ସମୟରେ ଜନନୀ ଏକ୍ସପ୍ରେସରେ ଗର୍ଭବତୀ ମହିଳା କିମ୍ବା ସେମାନଙ୍କ କୌଣସି ସମ୍ପର୍କୀୟ ନଥିବା ଜଣାପଡ଼ିଥିଲା । ଅପରପକ୍ଷରେ ସରକାରୀ ଆମ୍ବୁଲାନ୍ସରେ ଯେଉଁ ରୋଗୀ ହସ୍ପିଟାଲକୁ ଆସିଥାନ୍ତି । ଏହାର ତଥ୍ୟ ରଖିବାକୁ ଏମ୍‌କେସିଜି ମେଡିକାଲ ପକ୍ଷରୁ ଲେବର ରୁମରେ ଏକ ରେଜିଷ୍ଟ୍ରର ରହିଛି । ସରକାରୀ ଆମ୍ବୁଲାନ୍ସରେ ଆସିଥିବା ରୋଗୀଙ୍କ ସମସ୍ତ ତଥ୍ୟ ସେଥିରେ ଉଲ୍ଲେଖ ରହିବା ନିୟମ ରହିଛି । କିନ୍ତୁ ଉକ୍ତ ରେଜିଷ୍ଟ୍ରରରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏମକେସିଜି ମେଡିକାଲକୁ ରେଫର ହୋଇଥିବା ରୋଗୀଙ୍କ କୌଣସି ତଥ୍ୟ ନାହିଁ । ଏହି ଘଟଣା ଜଣାପଡ଼ିବା ପରେ ପରବର୍ତ୍ତୀ ସମୟରେ ଗର୍ଭବତୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ଅନ୍ୟପକ୍ଷରେ ଗର୍ଭବତୀ ଜଣଙ୍କୁ ଚଳିତମାସ ୨୫ତାରିଖରେ ସକାଳ ୯ଟାରୁ ୧୦ଟା ସମୟରେ ଏମକେସିଜି ମେଡିକାଲକୁ ରେଫର କରାଯାଇଥିବା

- ଦୋଷ ଦୁର୍ବଳତା ଲୁଚାଇବାକୁ ସବୁ ସୀମା ପାର
- ଏମ୍‌କେସିଜିରେ ଭର୍ତ୍ତି ହେଲେ ଉଭାନ ଗର୍ଭବତୀ
- ଖଲ୍ଲିକୋଟ ସିଏଚସି ନା ଏମକେସିଜି ଅଧୀକ୍ଷକ, କାହା କଥା ସତ

ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ପ୍ରଦୀପ ଗନ୍ତାୟତ କହିଛନ୍ତି । ଅପରପକ୍ଷରେ ୨୫ତାରିଖ ସକାଳ ୧୦ଟା ସମୟରେ ଗର୍ଭବତୀ ମହିଳା ଜଣଙ୍କ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ସନ୍ଧ୍ୟା ୪ଟା ସମୟରେ ମହିଳା ଜଣକ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିବା ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ କହିଛନ୍ତି । ତେବେ ଆମ୍ବୁଲାନ୍ସର ଲଗ୍ ବୁକ୍ ତଥ୍ୟ ଅନୁଯାୟୀ ସକାଳ ୧୦.୩୮ ମିନଟରୁ ଖଲ୍ଲିକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରୁ ଜନନୀ ଏକ୍ସପ୍ରେସ ଗର୍ଭବତୀ ମହିଳାଙ୍କୁ ନେଇ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲ ଅଭିମୁଖେ ବାହାରିଥିଲା । ତେବେ ଆମ୍ବୁଲାନ୍ସରେ ଥିବା ଗର୍ଭବତୀ ମହିଳା ଜଣକ ସକାଳ ୧୦ଟା ସମୟରେ କେମିତି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହେଲେ, ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣାରେ କେଉଁ ଅଧିକାରୀ ସତ କହୁଛନ୍ତି ଓ କିଏ ମିଛ କହୁଛନ୍ତି ତାହା ତଦନ୍ତ ହେଲେ ହିଁ ଜଣାପଡ଼ିବ । ଅନ୍ୟପକ୍ଷରେ ନିଜର ଦୋଷ ଦୁର୍ବଳତା ଲୁଚାଇବାକୁ ଆମ୍ବୁଲାନ୍ସ କର୍ମଚାରୀ ଜଣକ ସମସ୍ତ ସୀମା ଲଙ୍ଘି ଏଭଳି କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାର ସଠିକ୍ ତଦନ୍ତ ପରେ ହିଁ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି ।

## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ପୋଲସରା,୨୭ ।୧୦ (ସମିସ): କାର୍ତ୍ତିକ ମାସ ତୃତୀୟ ସୋମବାରରେ ପୋଲସରା ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

ଅଞ୍ଚଳର ଜିଲୁଣ୍ଡା ସ୍ଥିତ ମହାଲିଙ୍ଗେଶ୍ୱର, ହାତୀଓଟ ସ୍ଥିତ ମୁକ୍ତେଶ୍ୱର, ଚିରିକିପଡା ଶାସନ ସ୍ଥିତ ତୁମ୍ବେଶ୍ୱର, ବାଲିଘାଇ ସ୍ଥିତ ରାମେଶ୍ୱର ପୋଲସରା ସ୍ଥିତ ବାଲୁଙ୍କେଶ୍ୱର, ପଶ୍ଚିମ ଲଙ୍ଗଳେଶ୍ୱର, ବାଲିଘାଇର ରାମେଶ୍ୱର ଭଳି ଅନେକ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ମାନେ ହାତରେ ବେଲପତ୍ର ସହ ଭୋଗଥାଳି ଧରି ଠାକୁର ଦର୍ଶନ କରିବା ଲାଗି ମନ୍ଦିର ସାମ୍ନାରେ ଧାଡି ବାନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଶୈବପୀଠ ମାନଙ୍କରେ ଓଁ ନମଃ ଶିବାୟ ସାଙ୍ଗକୁ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ପ୍ରକମ୍ପିତ ହୋଇ ଉଠୁଥିଲା।

## ଶେଷହେଲା ଶ୍ୟାମା କାଳୀ ପୂଜା



ଧରାକୋଟ,୨୭ ।୧୦(ସମିସ): ଧରାକୋଟ ବ୍ଲକ୍‌ର ବାହାରପୁର ଗାଁରେ ଦୀର୍ଘ ଏକ ସପ୍ତାହ ବ୍ୟାପୀ ଚାଲିଥିବା ମା'ଶ୍ୟାମା କାଳୀ ପୂଜା ପୂର୍ଣ୍ଣାହୂତି ପରେ ଶେଷହୋଇଛି। ରବିବାର ଦିନ ପ୍ରଭାତରୁ ମଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ସର୍ବ ଦେବା ଦେବୀ ପୂଜା, ଷୋଡଶ ଉପଚାର ପୂଜ, ଶ୍ୟାମା କାଳୀ ପୂଜା ପରେ ସନ୍ଧ୍ୟାରେ ଆଳତି ପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେଉଛି। ପୂଜା କାର୍ଯ୍ୟରେ ପୁରୋହିତ ଗୋପୀନାଥ ଷଡ଼ଙ୍ଗୀ, ଗୋପାଳ କୃଷ୍ଣ ହୋତା ଓ ନୀଳାଞ୍ଚଳ ମିଶ୍ର, ସୁଭାସିସ ମିଶ୍ର ନିୟୋଜିତ ରହିଥିଲେ। ସୋମବାର ବିରାଟରେ ପଟୁଆର କରି ମା'ଙ୍କୁ ବାହାରପୁର ଗାଁରେ ବୁଲାଯାଇଥିଲା। ଏହା ପରେ ମା'ଙ୍କୁ ବିଦାୟ ଦିଆଯାଇ ଋଷିକୁଲ୍ୟା ନଦୀରେ ବିସର୍ଜନ କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ତୀର୍ଥଯାତ୍ରା

ଭଞ୍ଜନଗର,୨୭ ।୧୦(ସମିସ): ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ସଭାପତି ସୋମନାଥ ନାୟକଙ୍କ ନେତୃତ୍ୱରେ ସୋମବାର ନୟାଗଡ଼ ଜିଲ୍ଲାର ଫତେଗଡ଼ ରାମ ମନ୍ଦିର, କଣ୍ଟିଲୋ ନୀଳମାଧବ, ମାଛିପଡା ନିକଟ ମା' ବୈଷ୍ଣବ ଦେବୀ, ଓଡ଼ଗାଁ ରଘୁନାଥ ମନ୍ଦିର ଦର୍ଶନ କରିଛନ୍ତି। ତୀର୍ଥ ଯାତ୍ରା ଭିତରେ ପ୍ରାକୃତିକ ଦୃଶ୍ୟକୁ ସେମାନେ ମନ ଭରି ଉପଭୋଗ କରିଛନ୍ତି ବୋଲି କହିଛନ୍ତି। ଏହି ତୀର୍ଥ ଯାତ୍ରାରେ ସର୍ବଶ୍ରୀ ରବୀନ୍ଦ୍ରନାଥ ଆଚାର୍ଯ୍ୟ, ରବିନାରାୟଣ ସାମନ୍ତ, ସନ୍ତୋଷ କୁମାର ମିଶ୍ର, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ବିପିନ କୁମାର ବେହେରା, ରଘୁନାଥ ପାତ୍ର, ମଧୁସୂଦନ ସ୍ୱାଇଁ, ହରିହର ବେହେରା, ରବୀନ୍ଦ୍ର ନାଥ ପତି, ହୃଷିକେଶ ଲେଙ୍କା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରଘୁନାଥ ସାହୁ, ବି. ରାମଚନ୍ଦ୍ର ପାତ୍ର, ପି ସର୍ବଶିଷ ରାଓ ପାତ୍ର, କୃଷ୍ଣଚନ୍ଦ୍ର ନାୟକ ଓ ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

## ପାଠ ପଢ଼ିଲେ ୩୩ ମତ୍ସ୍ୟଜୀବୀଙ୍କ ସନ୍ତାନ

ଛତ୍ରପୁର,୨୭ ।୧୦(ସମିସ): ଛତ୍ରପୁର ବ୍ଲକ ଶିକ୍ଷାଅଧିକାରୀ ସୁଜିତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଅଗସ୍ତିନୂଆଗାଁ ପଞ୍ଚାୟତର ୩୩ ଜଣ ମତ୍ସ୍ୟଜୀବୀ ସମ୍ପ୍ରଦାୟର ପିଲାଙ୍କୁ ନୋଳିଆ ନୂଆଗାଁ ସ୍ଥିତ ବିଦ୍ୟାଳୟରେ ପାଠ ପଢ଼ିବା ନିମନ୍ତେ ନାମ ଲେଖାଯାଇଛି। ଏହି (୬ରୁ ୧୪) ପିଲାମାନେ ଜମା ପାଠ ପଢି ନଥିବାରୁ ସେମାନଙ୍କ ଘରକୁ ଘର ବୁଲି ସଚେତନତା କରାଯାଇଥିଲା।

ଛତ୍ରପୁର ବିଇଓ, ଦକ୍ଷିଣ ଫାଉଣ୍ଡେସନ ଏବଂ ଅଗସ୍ତିନୁଆଗାଁ ସରପଞ୍ଚ ସହଯୋଗରେ ପିଲାମାନଙ୍କୁ ପାଠ ପଢ଼ିବା ନିମନ୍ତେ ବିଦ୍ୟାଳୟରେ ନାମ ଲେଖାଗଲା ବୋଲି ବିଇଓ ସୁଜିତ କୁମାର ପାଢ଼ୀ କହିଛନ୍ତି।

### ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପ୍ରସ୍ତୁତି

# ଭୂସ୍ଖଳନ ଆଶଙ୍କା: ୧୩୯ ସ୍ଥାନ ଚିହ୍ନଟ, ୮ ଟିମ୍ ନିୟୋଜିତ







ପାରଳାଖେମୁଣ୍ଡି,୨୭ ।୧୦(ସମିସ)

ସାମୁଦ୍ରିକ ଝଡ 'ମୋନ୍ଥା' ମୁକାବିଲା କରିବା ସକାଶେ ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଗଜପତି ଜିଲ୍ଲାର ଗୋଷାଣି ବ୍ଲକରେ ସର୍ବାଧିକ ୨୨ମିମି, ପାରଳାଖେମୁଣ୍ଡି ସହରରେ ୧୦.୮ମିମି ଏବଂ ଗୁମ୍ମା ଓ ରାୟଗଡ ବ୍ଲକରେ ୧ମିମି ଲେଖାଏଁ ବର୍ଷା ହୋଇଥିବାର ରେକର୍ଡ ହୋଇଛି। ଗଜପତି ଜିଲ୍ଲାରେ ଆଶଙ୍କା କରାଯାଉଥିବା ପ୍ରଭାବିତ ଅଞ୍ଚଳର ମୋଟ ୧୧,୧୪୧ ଜଣଙ୍କୁ ଚିହ୍ନଟ କରାଯାଇ ୬୫ କେନ୍ଦ୍ରରେ ସୁରକ୍ଷିତ ଭାବେ ରଖିବାକୁ ସ୍ଥିର କରାଯାଇଛି। ଖବର ଲେଖାଯିବା ବେଳକୁ ୫,୪୭୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେଥିମଧ୍ୟରେ ୨,୦୬୦ ପୁରୁଷ, ୨,୨୦୮ ମହିଳା, ୯୩୧ ଶିଶୁ, ୪୭୮ ବୃଦ୍ଧ, ୪୭ ଜଣ ଦିବ୍ୟାଙ୍ଗ ରହିଛନ୍ତି। ସ୍ଥାନାନ୍ତରଙ୍କୁ ସୁରକ୍ଷିତ ଜାଗାରେ ରଖାଯାଇ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ୨ସ୍ଥାନରେ ମାଗଣା ରନ୍ଧନ ବ୍ୟବସ୍ଥା, ୭ ମେଡିକାଲ ଟିମ୍, ୩ ପଶୁ ଚିକିତ୍ସା ଟିମ୍, ୧୩.୨ କୁଇଣ୍ଟାଲ ଚାଉଳ, ୧୭ କୁଇଣ୍ଟାଲ ଚୁଡା, ଦେଢ କୁଇଣ୍ଟାଲ ଗୁଡ ପ୍ରଦାନ କରାଯାଇଥିବା ବେଳେ ୮ଜାଗାରେ ଗଛ କଟାଯାଇଥିବାର ସୂଚନା ମିଳିଛି । ସେହିପରି ୧୬୦ ଜଣ ଗର୍ଭବତୀଙ୍କୁ ଜିଲ୍ଲାର ବିଭିନ୍ନ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ମା ଗୃହରେ ସୁରକ୍ଷିତ ଭାବେ ରଖାଯାଇଛି।

ଅପରପକ୍ଷରେ ପ୍ରଶାସନର କଡା ନିର୍ଦ୍ଦେଶ ସତ୍ତ୍ୱେ ମହେନ୍ଦ୍ରଗିରିରେ ବହୁ ସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଭିଡ ଜମାଇଥିଲେ। କିଏ ସେଲ୍ଫି ଉଠାଉଥିଲା ତ ଆଉ କିଏ ପାହାଡ ଓ କାର ଚଢି ଉଗ୍ରମାନସିକତାର ପରିଚୟ ଦେଉଥିଲା। କାରଣ ଆଜି ଭୋରରୁ ବର୍ଷା ପବନ ସେଠାରେ ଆରମ୍ଭ ହୋଇଥିବା ବେଳେ ବହୁ ଗ୍ରାମବାସୀ ଭୟରେ ରହିଥିବା ବେଳେ ଏହିପରି ଗହଳି ପୁଲିସର ଅନୁପସ୍ଥିତିରେ ଅସମ୍ଭାଳ ହୋଇଥିଲା। ସ୍ଥାନୀୟ ଲୋକେ ମଧ୍ୟ ବାରମ୍ବାର ବାରଣ ଓ ସେଠାରେ ଉପସ୍ଥିତ କିଛି ତଳତଳିଆ ବନକର୍ମଚାରୀ ଆକଟ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଜିଲ୍ଲା ପ୍ରଶାସନର ବାରମ୍ବାର ସଚେତନତା ଯୋଗୁଁ ଅନେକ ଧାନ ଚାଷୀ ତରବରିଆ ଓ ଭୟଭିତ ହୋଇ ଗୋଷାଣି, କାଶୀନଗର ଓ ପାରଳାଖେମୁଣ୍ଡି ଆଖପାଖ ଅଞ୍ଚଳରେ ନିଜର ଧାନ ଫସଲ କାଟି ନେଇଥିଲେ। ଏପରିକି ପାରଳାଖେମୁଣ୍ଡିରେ ହଠାତ୍ ଆଳୁ ଉଭାନ ହୋଇଯିବା ଯୋଗୁଁ ଚିନ୍ତାରେ ପଡିଛନ୍ତି ସହରବାସୀ। ଉକ୍ତ ଅଭିଯୋଗ ଜିଲ୍ଲାପାଳଙ୍କରେ ପହଞ୍ଚିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଆଳୁ କଳାବଜାରି ରୋକିବା ନେଇ ପଦକ୍ଷେପ ନେଇଛନ୍ତି। ଜିଲ୍ଲାର ୧୩୯ ଭୂସ୍ଖଳନ ସମ୍ଭାବିତ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ଆବଶ୍ୟକ ଉପକରଣ ସହ ୮ ଟିମ୍ ନିୟୋଜିତ କରାଯାଇଛି। ସନ୍ଧ୍ୟାରେ ବିଭିନ୍ନ ଅଗ୍ନିଶମ କେନ୍ଦ୍ରରେ ଆବଶ୍ୟକ ପରିମାଣ ଅଗ୍ନିଶମ ଯବାନଙ୍କ ସଂଖ୍ୟା ବଢାଯାଇଛି। ଏଥି ପାଇଁ ଜିଲ୍ଲା ବାହାରୁ ଆସିଥିବା ଅଗ୍ନିଶମ ବାହିନୀର ଯବାନଙ୍କୁ ବ୍ୟବହାର କରାଯାଇଛି। ଏନଡିଆରଏଫ୍ ଟିମ୍‌କୁ ଆର୍.ଉଦୟଗିରି ଓ ଓଡ୍ରାଫ୍ ଟିମ୍‌କୁ କାଶୀନଗର ଓ ରାୟଗଡରେ ମୁତୟନ କରାଯାଇଛି।

- ୫,୪୭୦ ଜଣଙ୍କୁ ସ୍ଥାନାନ୍ତର
- ପ୍ରଶାସନର ବାରଣ ସତ୍ତ୍ୱେ ମହେନ୍ଦ୍ରଗିରିରେ ଭିଡ଼
- ଭୟରେ ଚାଷୀ କାଟିନେଲେ ଧାନ
- ବଜାରରୁ ଆଳୁ ଉଭାନ

## ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି



ଛତ୍ରପୁର,୨୭ ।୧୦(ସମିସ): ସମ୍ଭାବ୍ୟ ବାତ୍ୟା ମନ୍ଥା ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ସଜାଗ ରହିଛି। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି, ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ କଚାଘରେ ରହୁଥିବା ଲୋକ ମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଏହା ସହିତ ଆସନ୍ନ ପ୍ରସବ ଗର୍ଭବତୀ ମହିଳା ମାନଙ୍କୁ ଚିହ୍ନଟ କରାଯାଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଏହି ସମୟରେ ଶେରଗଡ଼ ସିଏଚସି ସ୍ଥାନାନ୍ତର କରାଯାଇଥିବା ଜଣେ ଗର୍ଭବତୀ ମହିଳାଙ୍କ ସଫଳତାର ସହ ପ୍ରସୂତି କରାଯାଇଛି। ସେ ଗୋଟିଏ ସନ୍ତାନ ଜନ୍ମ ଗ୍ରହଣ କରିଛନ୍ତି। ଉଭୟ ମା ଓ ନବଜାତ ଶିଶୁ ସୁସ୍ଥ ଅଛନ୍ତି। ଜିଲ୍ଲାରେ ସନ୍ଧ୍ୟା ୭ଟା ସୁଦ୍ଧା ୧୯୦୦ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜିଲ୍ଲାର ୯୭୦ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ସ୍ଥାନାନ୍ତର କରାଯାଇଥିବା ବେଳେ ବଳକା ଚିହ୍ନଟ ହୋଇଥିବା ଗର୍ଭବତୀ ମହିଳା ମାନଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଦୁର୍ଗମ ଗାଁର ୮୮ ଜଣଙ୍କୁ ସ୍ଥାନାନ୍ତର

ଦିଗପହଣ୍ଡି,୨୭।୧୦(ସମିସ) ବାତ୍ୟା 'ମନ୍ଥା' ପ୍ରଭାବରେ ସୋମବାର ସକାଳୁ ଦିଗପହଣ୍ଡି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଅପରାହ୍ନ ପ୍ରାୟ ୧ ଟାରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ଅନାମିକା ପାଣ୍ଡେ, ଅତିରିକ୍ତ ବିଡ଼ିଓ ଉମେଶ ସେଠୀ, ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ ରୟ, ଜିପିଡିଓ ରୋଜାଲିନ ଦଳେଇ ପ୍ରମୁଖ ସହଦେବ ଟିକରପଡ଼ା ପଞ୍ଚାୟତ ପର୍ବତ ଘେର ରେ ଥିବା ଦୁର୍ଗମ ଦାଦୁରୁମା ରେ ପହଞ୍ଚି କଚ୍ଚା ଚାଳ ଘରେ ରହୁଥିବା ବହୁ ସଂଖ୍ୟକ ଗ୍ରାମବାସୀଙ୍କୁ ବାତ୍ୟା ଆସୁଥିବା ନେଇ ସଚେତନ କରିଥିଲେ। ପରେ ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ଦାଦୁରୁମା ଏବଂ ଗୋଛାପାଟ ଉଭୟ ଗ୍ରାମର ୮୮ ଜଣଙ୍କୁ ଅପରାହ୍ନ ୪ ଟାରେ ନିକଟସ୍ଥ ଘାସିଆମ୍ବ ଗାଁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସନ୍ଧ୍ୟା ରେ ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟଜଳ ଦିଆଯାଇଛି ।ବାତ୍ୟା ର ପ୍ରଭାବ କମିଲେ ସେମାନଙ୍କୁ ଗାଁ'ରେ ଛାଡ଼ି ଦିଆଯିବ ବୋଲି ବିଡିଓ କହିଛନ୍ତି।

● ବାତ୍ୟା ପ୍ରଭାବରେ ବର୍ଷା

## ଘୋଡ଼ାହାଡ଼ ଜଳଭଣ୍ଡାରରୁ ଛଡ଼ାଗଲା ପାଣି



ଦିଗପହଣ୍ଡି,୨୭।୧୦(ସମିସ) ବାତ୍ୟା 'ମନ୍ଥା' ପ୍ରଭାବରେ ସୋମବାର ସକାଳୁ ଦିଗପହଣ୍ଡି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ବର୍ଷା ଯୋଗୁଁ ଜଳସମ୍ପଦ ବିଭାଗ ଅଧିନ ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ଜଳଭଣ୍ଡାର ସ୍ପିଲ୍ ୱେ ମୁଖ୍ୟ ଫାଟକର ୨ଟି ଗେଟ୍ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ାଯାଉଥିବା ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ଜଣାଇଛନ୍ତି।

ନଦୀ ଅବବାହିକା ସଂଲଗ୍ନ ଗ୍ରାମବାସୀଙ୍କୁ ନଦୀ ମଧ୍ୟକୁ ନଯିବା ସହ କୌଣସି ଗୃହପାଳିତ ପ୍ରାଣୀମାନଙ୍କୁ ନଛାଡ଼ିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ସୋମବାର ସକାଳ ସୁଦ୍ଧା ଜଳଭଣ୍ଡାରରେ ୮୭.୫ ଭାଗ ଅର୍ଥାତ୍ ୧୧୬.୫୦ ମିଟର ପାଣି ଗଚ୍ଛିତ ରହିଥିଲା। ଡ୍ୟାମରୁ ନଦୀଗର୍ଭକୁ ପାଣି ଛଡ଼ାଯାଇଥିବା ସମ୍ପର୍କରେ ଜଳସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ନିକଟସ୍ଥ ଥାନା ଓ ଦମକଳ କେନ୍ଦ୍ର ଗୁଡ଼ିକୁ ସୂଚନା ଦିଆଯାଇଥିବା ଜଣାପଡିଛି। ସନ୍ଧ୍ୟା ସୁଦ୍ଧା ଡ଼୍ୟାମ ଇଲାକାରେ ମାତ୍ର ୫ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜଳଭଣ୍ଡାରରେ ୮୦ ପ୍ରତିଶତ ଜଳ ରଖାଯାଇ ଉଦବୃତ୍ତ ଜଳ କୁ ଛଡାଯିବା ପରେ ଗେଟ୍ ବନ୍ଦ କରାଯିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

## ଯାନ୍ତ୍ରିକ ତ୍ରୁଟି ହେବାରୁ ଗୋରୁ ବୋଝେଇ ଗାଡ଼ି ଛାଡ଼ି ଚାଳକ ଛୁ'

ସାନଖେମୁଣ୍ଡି,୨୭ ।୧୦(ସମିସ): ପାଟପୁର ଥାନା ଅନ୍ତର୍ଗତ ମହାନଳା ସାପୁଆବସା ନିକଟରେ ସୋମବାର ଏକ ବିଭତ୍ସ ଦୃଶ୍ୟ ଦେଖିବାକୁ ମିଳିଛି। ଗୋଟିଏ ପିକ୍ ଅପ୍ ଗାଡ଼ିରେ ଅତି କଦର୍ଯ୍ୟ ଅମାନବୀୟ ଭାବେ ୧୯ଟି ଗୋରୁକୁ ନେଇ ଯାଉଥିବା ଗାଡ଼ିଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବନ୍ଦ ହୋଇଯାଇଥିଲା। ଫଳରେ ଗାଡ଼ି ଛାଡ଼ି ଚାଳକ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗାଡ଼ିରେ ଗୋରୁମାନଙ୍କ ଦୁର୍ଦ୍ଦଶା ଦେଖି ପାଟପୁର ପୁଲିସକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକ ପହଞ୍ଚି ଗାଈ ଗୋରୁକୁ ଫିଟାଇ ଛାଡିଥିବା ବେଳେ ଚାରୋଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ପୁଲିସ ପକ୍ଷରୁ ଏସ୍ଆଇ ଶୁଭଲକ୍ଷ୍ମୀ କଅଁର, ଏସଆଇ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାନଖେମୁଣ୍ଡି ପ୍ରାଣୀ ଚିକିତ୍ସାଳୟର ଡାକ୍ତର ଟିମ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକଙ୍କୁ ୧୧ଟି ଗାଈ ପ୍ରଦାନ କରାଯାଇଥିବା ବେଳେ ଚାରୋଟି ମଦନମୋହନ ଗୋଶାଳାକୁ ଛଡାଯାଇଛି। ପୁଲିସ ଉପସ୍ଥିତିରେ ୪ଟି ଗାଈଙ୍କ ମୃତଦେହକୁ ଜଳମରା ପାହାଡ଼ ନିକଟରେ ପୋତାଯିବା ସହ ଗୋ ଚାଲାଣ ଗାଡ଼ିକୁ ଜବତ କରାଯାଇଛି।

## କୁର୍ମୀକ୍ଷତ୍ରୀୟ ସମାଜର ମହାସଭା

ଜଗନ୍ନାଥପ୍ରସାଦ,୨୭ ।୧୦(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଛାମୁଣ୍ଡା ଗ୍ରାମ କୁଳଗୃହରେ ନିଖିଳ ଉକ୍ରଳ କୁର୍ମୀ କ୍ଷତ୍ରୀୟ ସମାଜର ମହାସଭା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳ ସଭାପତି ଅକ୍ଷୟ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ କୁଳାଧିକାରୀ ଅନ୍ତର୍ଯ୍ୟାମୀ ପ୍ରଧାନ କୁଳଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ବାର୍ଷିକ ବିବରଣୀ ସମ୍ପାଦକ ବଂଶୀଧର ନାୟକ ପଠନ କରିଥିଲେ।

କୁର୍ମୀ ଜାତିର ୧୨ତମ ମହାସଭା ଆସନ୍ତା ମାସରେ ମହାଅଧିବେଶନ କିପରି ସୁଚାରୁ ରୂପେ ବରୁଡ଼ା ଅଞ୍ଚଳର ତିଳିସିଙ୍ଗି ଠାରେ ଅନୁଷ୍ଠିତ ହେବ, ସେହି ବିଷୟରେ ଆଲୋଚନା ହୋଇଥିଲା। ସଭାପତି ଭାବରେ ସରୋଜ କୁମାର ନାୟକ, ଦିଲ୍ଲୀପ କୁମାର ପ୍ରଧାନ ସମ୍ପାଦକ, ପ୍ରିୟାଂଶୁ ଶେଖର ନାୟକଙ୍କୁ ଉପସଭାପତି ବଛା ଯାଇଥିଲା। ସେହିପରି ଭାବେ ମହିଳା ସଭାନେତ୍ରୀ ମହେଶ୍ୱତା ନାୟକଙ୍କୁ ସମ୍ପାଦିକା, ସାଇ ସନ୍ତୋଷୀନୀ ପ୍ରଧାନ ଓ ଉପସଭାନେତ୍ରୀ ସୁକାନ୍ତି ପ୍ରଧାନଙ୍କୁ ବଛା ଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦେଶ ସଭ୍ୟ ଗଙ୍ଗାଧର ନାୟକ, ସୂର୍ଯ୍ୟନାରାୟଣ ନାୟକ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଓମ ପ୍ରକାଶ ପ୍ରଧାନ, ବିନାୟକ ପ୍ରଧାନ ଓ ୭୨ ଖଣ୍ଡ ଗ୍ରାମର କୁର୍ମୀକ୍ଷତ୍ରୀୟ ସଭାପତି ଉପସ୍ଥିତ ରହିଥିଲେ। ଏଇ କାର୍ଯ୍ୟକ୍ରମକୁ ଉପେନ୍ଦ୍ରଭଞ୍ଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣର ମଦ ଜବତ; ୫ କୋର୍ଟ ଚାଲାଣ

ଦିଗପହଣ୍ଡି,୨୭।୧୦(ସମିସ)



ଦିଗପହଣ୍ଡି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଜବତ କରାଯାଇଛି। ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ସଦଳବଳେ ସୋମବାର ସକାଳେ ଦିଗପହଣ୍ଡି ଥାନା ଅନ୍ତର୍ଗତ କେରାଣ୍ଡିମାଳ ପାହାଡ଼ର ନୂଆଗାଁ, ଢେପାଗୁଡ଼ା ଗ୍ରାମ ନିକଟ ପାହାଡ଼ିଆ ଦୁର୍ଗମ ଜଙ୍ଗଲରେ ଚଢ଼ଉ କରି ଦୀର୍ଘଦିନ ଧରି ଚାଲିଥିବା ଚୋରା ମଦ ଭାଟି ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଜଣାପଡ଼ିଛି। ବେଆଇନ ମଦ ଭାଟିରେ ଦେଶୀମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରାୟ ୧୨ଶହ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୯୦ ଲିଟର ଅପମିଶ୍ରିତ ଦେଶୀମଦ ସହ ୬ଟି ପ୍ଲାଷ୍ଟିକ ଡ୍ରମ କୁ ଜବତ କରାଯାଇଛି। ଏହି ମଦ ପ୍ରସ୍ତୁତି ଓ ଚୋରା ଚାଲାଣରେ ସମ୍ପୃକ୍ତ ବଡ଼ଡୁମ୍ବୁଳା ପଞ୍ଚାୟତ ନୂଆଗାଁର ମୁନା ମଲ୍ଲିକ ଏବଂ ଡେଙ୍ଗାପଦର ପଞ୍ଚାୟତ ଢେପାଗୁଡ଼ା ଗ୍ରାମର ବୁଦ୍ଧିଆ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଦିଗପହଣ୍ଡି ଅବକାରୀ ଥାନା ଓଆଇସି ଅନିତା ପ୍ରଧାନ, ଏଏସଆଇ ଏନ. ତ୍ରିପତି, କନେଷ୍ଟବଳ ରାଜେଶ କୁମାର ଜେନା, ବଳରାମ ପାତ୍ର, ପୃଥ୍ୱୀରାଜ ସ୍ୱାଇଁ ପ୍ରମୁଖ ରବିବାର ସନ୍ଧ୍ୟାରେ ଆଦିବାସୀ ବହୁଳ ତେଲିଆପଲ୍ଲି, ନୂଆଗାଁ ପ୍ରଭୃତି ଗ୍ରାମରେ ଚଢ଼ଉ କରି ୭୯ ଲିଟର ଦେଶୀମଦ ଜବତ କରିଥିଲେ।

ମଦ ବିକ୍ରି ଓ ଚୋରା ଚାଲାଣ ରେ ସମ୍ପୃକ୍ତ ଥିବା ଢେପାଗୁଡ଼ା ଗ୍ରାମର ରାକେଶ ମଲ୍ଲିକ, ବିରିବାଡ଼ିଆ ଗ୍ରାମର କୈଳାସ ମଲ୍ଲିକ ଏବଂ ନୂଆଗାଁର ବିଷ୍ଣୁ ମଲ୍ଲିକଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଥିବାଅବକାରୀଓଆଇସିକହିଛନ୍ତି।

## ସଚ୍ଚୋଟତା ଅନୁପାଳନ ପାଇଁ ଶପଥ ପାଠ

ଫୁଲବାଣୀ,୨୭।୧୦(ସମିସ): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲାର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଏନ୍‌ଜିଓ ଆଦି ବିଭିନ୍ନ ସ୍ଥାନରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉପଜିଲ୍ଲାପାଳ, ବାଲିଗୁଡ଼ାଙ୍କ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବେଦଭୂଷଣଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ ପ୍ରଣିତା ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ପାଢି, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡାର କୃପାସିନ୍ଧୁ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀସାଧୁତର ଶପଥ ପାଠ କରିଥିଲେ। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ପାଇଁ ସାଧୁତର ଶପଥ ପାଠ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାପା, ମା' ଓ ଝିଅ ଗୁରୁତର

ବେଲଗୁଣ୍ଠା,୨୭ ।୧୦(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ପଥରାପଲ୍ଲୀ ଏବଂ ଜିରୋଳି ମଧ୍ୟରେ ଏକ ସ୍କୁଟି ସହିତ ବାଇକ୍ ଧକ୍କା ହୋଇଛି। ଫଳରେ ମା' ସମେତ ଝିଅ ଗୁରୁତର ହୋଇଛନ୍ତି। ଭଞ୍ଜନଗରରେ ମନୋଜ୍ ଦାଶ୍ (୩୦)ଏବଂ ହିଞ୍ଜିଳି ଗିରିଆ ଗ୍ରାମର ଦଶରଥ ଦଳେଇ (୩୪) ଏକ ହୋଣ୍ଡା ବାଇକ୍ ଯୋଗେ ଭଞ୍ଜନଗରରୁ ଭାୟା ବେଲଗୁଣ୍ଠା ହୋଇ ହିଞ୍ଜିଳି ଅଭିମୁଖେ ଯାଉଥିବା ବେଳେ ପଥରାପଲ୍ଲୀ ଏବଂ ଜିରୋଳି ମଧ୍ୟରେ ବୁଗୁଡ଼ା ଥାନା ଅନ୍ତର୍ଗତ ଦଶିପୁରରୁ ବେଲଗୁଣ୍ଠା ଅଭିମୁଖେ ଆସୁଥିବା ଏକ ପ୍ଲେଜର୍ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିରେ ଦଶିପୁର ଗ୍ରାମର ବାୟା ସେଠୀ (୪୧), ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ସେଠୀ (୩୨) ଏବଂ ଝିଅ ନିର୍ଜଳା ସେଠୀ (୧୫) ଥିଲେ। ଏହି ଦୁର୍ଘଟଣଶରେ ସ୍କୁଟି ଚାଳକ ବାୟା ସେଠୀଙ୍କ ସମେତ ତାଙ୍କ ସ୍ତ୍ରୀ ଏବଂ ଝିଅ ଗୁରୁତର ହୋଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିବା ସହିତ ଆହତ ମାନଙ୍କୁ ମେଡିକାଲ୍‌କୁ ପଠାଇଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା



**କୋଦଳା,୨୭ ।୧୦(ସମିସ):** ସୋମବାର ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ନିମନ୍ତେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସମେତ ସମସ୍ତ ଶିକ୍ଷକ, ଅଣଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସପ୍ତାହ ନିମନ୍ତେ ସାଧୁତାର ଶପଥ ପାଠ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଦୁର୍ନୀତି ବିରୋଧରେ ସଚେତନତା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପିକା ରଞ୍ଜୁବାଳା ନନ୍ଦ ପରିଚାଳନା କରିଥିବାବେଳେ ଜାତୀୟ ସେବା ଯୋଜନା ସଂଯୋଜିକା ସାଗରିକା ଦାଶ, ଯୁବ ରେଡକ୍ରସ ସଂଯୋଜକ ରତ୍ନାକର ପ୍ରଧାନ, ଆମ ଗୌରବ ଆମ କଲେଜର ସଂଯୋଜକ ଭବାନୀ ଶଙ୍କର ଆଚାର୍ଯ୍ୟ, ବର୍ଷାରାଣୀ ମହାନ୍ତି, ତପସ୍ୱିନୀ କରଣ, ଭୁବନେଶ୍ୱରୀ ରାୟସାମନ୍ତ, ମନୀଷା ପଟ୍ଟନାୟକ, ଡ଼କ୍ଟର ଜ୍ୟୋସ୍ନାରାଣୀ ସାହୁ, ଗୃହଲକ୍ଷ୍ମୀ ସାହୁ, ଲିପୁନ ମାଝୀ, କେଶବ ଚନ୍ଦ୍ର ପାଳ ଏବଂ ସପନ କୁମାର ଦାଶ ବିଚାରକ ଭାବେ ରହିଥିଲେ ।

## ବ୍ରେନ୍‌ଷ୍ଟ୍ରୋକରୁ ହୋଇଛି କୋଟା ନିଟ୍ ଛାତ୍ରଙ୍କ ମୃତ୍ୟୁ

**ପାତ୍ରପୁର,୨୭ ।୧୦(ସମିସ):** ରାଜସ୍ଥାନ କୋଟାରେ ଜଣେ ନିଟ୍ ଛାତ୍ରଙ୍କ ଶନିବାର ମୃତ୍ୟୁ ଘଟିଥିଲା । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବ୍ରେନ୍‌ଷ୍ଟ୍ରୋକରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସେହିଭଳି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତ ଛାତ୍ରଙ୍କ ଶବ କିପରି ଗ୍ରାମରେ ପହଞ୍ଚିବ ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ବିଧାୟକଙ୍କ ଅନୁରୋଧ ପ୍ରକାରେ ଉଭୟ ଓଡିଶା ଓ ରାଜସ୍ଥାନ ସରକାରଙ୍କ ପ୍ରଚେଷ୍ଟାରେ ଗ୍ରାମକୁ ଶବ ଆସୁଛି । ମଙ୍ଗଳବାର ଶବ ଗ୍ରାମରେ ପହଞ୍ଚିବ ବୋଲି ଜଣାପଡ଼ିଛି । ସୂଚନାଥାଉକି ମୃତ ଛାତ୍ର ଜଣକ ପାତ୍ରପୁର ବ୍ଲକ୍ ଅଭୟପୁର ଗ୍ରାମର ରୋଶନ ପାତ୍ର । ରୋଶନଙ୍କ ମୃତ୍ୟୁ ଖବର ପାଇ ରୋଶନଙ୍କ ବାପା ଓ ଦାଦା କୋଟା ଅଭିମୁଖେ ଯାତ୍ରା କରିଥିଲେ ।

## ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

**ବେଲଗୁଣ୍ଠା,୨୭ ।୧୦(ସମିସ):** ସରକାରଙ୍କ ନିର୍ଦ୍ଦେଶକ୍ରମେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନିରକ୍ଷର ଲୋକଙ୍କୁ ସାକ୍ଷର କରାଇବା ପାଇଁ ବେଲଗୁଣ୍ଠା ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୧୦୦ଟି ବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ୨୧୫୩ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଭା ରଥ ଏବଂ ଗୋବିନ୍ଦ ଚନ୍ଦ୍ର ପାତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷାକୁ ବେଲଗୁଣ୍ଠା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନେ ପରୀକ୍ଷା କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରି ତଦାରଖ କରିଥିଲେ ।

## ଜିଲ୍ଲାକୁ ଆସିଲା ୩ ଓଡ୍ରାଫ୍ ଟିମ୍

**ଛତ୍ରପୁର,୨୭ ।୧୦(ସମିସ):** ସମ୍ଭାବ୍ୟ ବାତ୍ୟା ମନ୍ଥା ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ସଜାଗ ରହିଛି । ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରୀ ମାନେ ଉପକୂଳବର୍ତ୍ତୀ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଅନ୍ୟପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲ୍ଲାକୁ ଆସିଲା ଆଉ ତିନୋଟି ଓଡ୍ରାଫ ଟିମ । ଢେଙ୍କାନାଳ, ଯାଜପୁର ଓ ଦେବଗଡ଼ରୁ ଏହି ଟିମ ଆସିଥିବାବେଳେ ଗଞ୍ଜାମ ଜିଲ୍ଲାର ଅଷ୍ଟମ ବାଟାଲିୟନର ରହିଛି ଓଡ୍ରାଫ ଟିମ । ଏହାକୁ ମିଶାଇ ସମୁଦାୟ ୪ଟି ଓଡ୍ରାଫ ଟିମ ସଜାଗ ରହିଛି । ଗୋଟିଏ ଟିମ ଆସିକା, ଆଉ ଦୁଇଟି ବ୍ରହ୍ମପୁର ଉପଜିଲ୍ଲାପାଳ ଏବଂ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ଅଧୀନରେ ରହିବ । ଆଉ ଗୋଟିଏ ଟିମ ଛତ୍ରପୁରରେ ରିଜର୍ଭ ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ରାସ୍ତା ମଝିରେ ବିପଦଜ୍ଜନକ ଖାଲ



**ବୁଗୁଡ଼ା,୨୭ ।୧୦(ସମିସ):** ବୁଗୁଡ଼ା-ଆସ୍କା ମୁଖ୍ୟ ସଡ଼କର ବାଲିପଦର ଉପକଣ୍ଠସ୍ଥ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତା ମଝିରେ ଥିବା ଦୁଇଟି ବଡ଼ଖାଲ ଯୋଗୁ ଏଠାରେ ନିୟମିତ ଦୁର୍ଘଟଣା ଘଟୁଛି । ବିଶେଷକରି ବର୍ଷାଦିନେ ପାଣି ଭର୍ତ୍ତି ଖାଲର ଗଭୀରତା ଜଣାପଡୁନଥିବାରୁ ଯାତାୟତ କରୁଥିବା ଗାଡ଼ି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତେବେ ସ୍ଥାନୀୟ ପୂର୍ତ୍ତ ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜ୍ଜନକ ଖାଲର ପ୍ରତିକାର ନିମନ୍ତେ ସାଧାରଣରେ ଦାବି ହେଉଛି ।

# ‘ମୋନ୍ଥା’ ମୁକାବିଲା ନେଇ ପ୍ରଶାସନର ପ୍ରସ୍ତୁତି

**ଖଲ୍ଲିକୋଟ,୨୭ ।୧୦(ସମିସ):** ସମ୍ଭାବ୍ୟ ବାତ୍ୟା ‘ମୋନ୍ଥା’କୁ ନେଇ ପ୍ରଶାସନ ପୁରା ପ୍ରସ୍ତୁତ ଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳ ବୁଲି ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକ ତଦାରଖ କରୁଛନ୍ତି ବିଧାୟକ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ । ଖଲ୍ଲିକୋଟ ବ୍ଲକରେ ଚିଲିକା ଉପକୂଳରେ ଥିବା ୬ଟି ପଞ୍ଚାୟତର ୧୨ରୁ ୧୩ ଖଣ୍ଡ ଗ୍ରାମକୁ ବୁଲି ସ୍ଥିତି ପରିଖିଛନ୍ତି ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ତହସିଲଦାର ଡି ମାଲେଶ୍ୱର ପାତ୍ର, ବିଡିଓ ଦେବାଶିଷ ସାମଲ ଓ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ । ବାତ୍ୟାକୁ ମୁକାବିଲା କରିବା ପାଇଁ ଖଲ୍ଲିକୋଟ ବ୍ଲକରେ ଥିବା ୧୬ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ସହିତ ୧୫ଟି ଅସ୍ଥାୟୀ ଆଶ୍ରୟସ୍ଥଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଥିବା କହିଛନ୍ତି ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ । ଆବଶ୍ୟକ ହେଲେ ଗର୍ଭବତୀ ମହିଳା ମାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି । ଏହାସହ ଖଲ୍ଲିକୋଟ ପାଇଁ ଦୁଇଟି ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି । ଖଲ୍ଲିକୋଟ ବ୍ଲକ ପାଇଁ ହେଲ୍ପ ଲାଇନ ନମ୍ବର ୯୮୬୯୭୯୦୨୩୦ ଜାରି ହୋଇଥିବା ବେଳେ ଖଲ୍ଲିକୋଟ ଏନ୍‌ଏସି ପାଇଁ ୭୦୭୭୮୮୨୪୦୧ ହେଲ୍ପ ଲାଇନ ନମ୍ବର ଜାରି ହୋଇଛି । ଏହା ସବୁ ସମୟରେ ଖୋଲା ରହିବ ଏବଂ ଜନସାଧାରଣ ଯେକୌଣସି ସମସ୍ୟା ସମ୍ପର୍କରେ ଏହି ନମ୍ବରରେ ନିଜର ଅଭିଯୋଗ ଜଣାଇ ପାରିବେ ବୋଲି ବିଡ଼ିଓ କହିଛନ୍ତି । ସରକାର କହିଥିବା ଜିରୋ କାଜୁଆଲଟିକୁ ଧ୍ୟାନରେ ରଖି ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇଥିବା ତହସିଲଦାର ଡି. ମାଲେଶ୍ୱର ପାତ୍ର କହିଛନ୍ତି ।



**ଧରାକୋଟ:** ସମ୍ଭାବ୍ୟ ବାତ୍ୟା ମନ୍ଥା ଓ ଲଘୁଚାପ ଜନିତ ବର୍ଷାର ସଫଳ ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ ଧରାକୋଟ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ପ୍ରମୋଦ କୁମାର ପୃଷ୍ଟି, ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକର ଦୁର୍ଗମ ଅଞ୍ଚଳ ସାବା ପଞ୍ଚାୟତର ଖଜୁରୀ ଝୋଳା, ନାକିଆମ୍ବ, ଜିଙ୍କଝୋଲି, ଗୋଛାଗୁଡା ମଝୀସାହି, ବୁରୁଫୁଟୁ ଗାଁ ର ସ୍ଥିତି ଯଦି ଭାରି ବର୍ଷା କିମ୍ବା ଜୋର ପବନ ହୁଏ ତାହେଲେ ସେଠାରେ ଧନ ଜୀବନ କ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏଣୁ ସଂପୃକ୍ତ ଗାଁର ଲୋକ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସୋମବାର ସକାଳୁ ବିଡିଓ, ତହସିଲଦାର, ରାଜସ୍ୱ ସୁପରଭାଇଜର, ମାଣିକପୁର ରାଜସ୍ୱ ନୀରିକ୍ଷକ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ସଂପୃକ୍ତ ଗ୍ରାମ ଗୁଡ଼ିକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଖାଦ୍ୟ ସୁରକ୍ଷା ପାଇଁ ଧରାକୋଟ ଓ ମୁଣ୍ଡମରାଇରେ ଦଶଟି ରାସନ ଦୋକାନରେ ଛଅ ଶହ କ୍ୱିଣ୍ଟାଲ ଚୁଡ଼ା, ଗୁଡ଼, କେଣ୍ଡଲ, ଦିଆସିଲି ଗଚ୍ଛିତ ରଖାଯିବା ସହ ଅତ୍ୟାବଶ୍ୟକିୟ ସାମଗ୍ରୀର ଜେପରି ମୂଲ୍ୟ ବୃଦ୍ଧି ନହେବା ସହ କଳାବଜାରୀଙ୍କ ପ୍ରତି ଦୃଷ୍ଟି ରଖିବା ପାଇଁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ସମଗ୍ର ବ୍ଲକରେ ବାର ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ । ସମଗ୍ର ବ୍ଲକରେ ୮୨ ଗୋଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ଚିହ୍ନଟ କରାଯାଇ ଆବଶ୍ୟକ ସ୍ଥଳେ ଲୋକ ମାନଙ୍କୁ ସେଠାକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଛି ।

## ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କଲେ ବିଧାୟକ

**ଛତ୍ରପୁର,୨୭ ।୧୦(ସମିସ):**



ସମ୍ଭାବ୍ୟ ବାତ୍ୟା ମନ୍ଥା ମୁକାବିଲା ପାଇଁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପୂର୍ବ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି । ବିଧାୟକ ଶ୍ରୀ ନାୟକ ଆର୍ଯ୍ୟପଲ୍ଲୀ ଓ ଅଗସ୍ତିନୁଆଗାଁରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ବୁଲି ଦେଖିଛନ୍ତି । ଏହା ସହିତ ସମୁଦ୍ରକୂଳରେ ପହଁଞ୍ଚି ମତ୍ସ୍ୟଜୀବୀ ମାନଙ୍କୁ ସଚେତନତା କରାଇଛନ୍ତି । ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ଆବଶ୍ୟକ ସରଞ୍ଜାମ ଏବଂ ଖାଦ୍ୟର ବ୍ୟବସ୍ଥା ଅଛି ତାହାର ଅନୁଧ୍ୟାନ କରିଛନ୍ତି । ଲୋକଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ତାହା ଉପରେ ମଧ୍ୟ ବିଧାୟକ ଉପସ୍ଥିତ ଥିବା ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ପର୍ଯ୍ୟାପ୍ତ ପରିମାଣରେ ସରକାରୀ ଡାକ୍ତରଖାନାରେ ବିଭିନ୍ନ ପ୍ରକାର ଔଷଧ, ସାପକାମୁଡା ଇଞ୍ଜେକ୍‌ସନ୍, ଓଆରଏସ୍‌ଏସ୍ ରଖିବା ସହ ପଶୁମାନଙ୍କ ପାଇଁ ଗୋ-ଖାଦ୍ୟ ମହଜୁଦ୍ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଆସନ୍ନ ପ୍ରସବ ମହିଳାଙ୍କୁ ଜରୁରିକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ନେବା ପାଇଁ କୁହାଯାଇଛି । ବାତ୍ୟା ସମୟରେ ସମସ୍ତ ପ୍ରକାର ସୁବିଧା ଜନସାଧାରଣଙ୍କୁ ଯୋଗାଇଦେବା ପାଇଁ ବିଧାୟକ ଶ୍ରୀ ନାୟକ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

**ଆସିକା :** ମନ୍ଥା ପ୍ରଭାବରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଉପଜିଲ୍ଲାପାଳ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ଦୁଇଟି ବାତ୍ୟା ଆଶ୍ରୟସ୍ଥଳୀ ବୁଲି ନଇ କୁଳିଆ ଲୋକଙ୍କ ସହ ଆଲୋଚନା କରିଥିଲେ । ଯଦି ଲଘୁଚାପ ଜନିତ ଲଗାଣ ବର୍ଷା ହୁଏ ତେବେ ଧନ ଜୀବନ କୌଣସି ନଷ୍ଟ ନହେବା ଦିଗରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ଏନେଇ ଅନୁଷ୍ଠିତ ବୈଠକରେ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେନ, ବିଡିଓ ଲିପିନା ଦାସ, ଆସିକା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ସମେତ ଏନଏସିର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆସିକା ଶିଶୁ ବିକାଶ, ମେଡିକାଲ ଏବଂ ପଞ୍ଚାୟତର ମିଳିତରେ ମୋଟ ୩୫ ଜଣ ସମ୍ଭାବ୍ୟ ପ୍ରସବ ମହିଳାଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେଥିମଧ୍ୟରୁ ଚାରି ଜଣଙ୍କୁ ଆସିକା ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି ।

### ଫସଲ ସୁରକ୍ଷା ଚିନ୍ତାରେ ଚାଷୀ

**ପାତ୍ରପୁର,୨୭ ।୧୦(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନିଭୂତ ହୋଇ ବାତ୍ୟାରେ ପରିଣିତ ହୋଇଥିବାବେଳେ ପାଣିପାଗ ବିଭାଗ ପକ୍ଷରୁ ଏହାର ନାମ ମନ୍ଥା ରଖାଯାଇଛି । ଏହା ଆନ୍ଧ୍ରପ୍ରଦେଶରେ ସ୍ଥଳଭାଗ ଛୁଇଁବାର ପାଣିପାଗ ବିଭାଗ ଅନୁମାନ କରିଥିବାବେଳେ ଏହାର ପ୍ରଭାବ ସୀମାନ୍ତ ପାତ୍ରପୁର ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି । ସୋମବାର ସକାଳୁ ହାଲୁକା ବର୍ଷା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କାର୍ଯ୍ୟ ହାତକୁ ନିଆଯାଇଛି । ତୁମ୍ବା, ବୁରାତାଲ, ଆଙ୍କୁଲି ୩ ଆଦିବାସୀ ଅଧୁଷିତ ପଞ୍ଚାୟତର ପ୍ରାୟ ୨୫୩ ଜଣଙ୍କ ସୁରକ୍ଷିତ ୬ଟି ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୧ଜଣ ଗର୍ଭବତୀଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେହିଭଳି ସ୍ଥାନାନ୍ତରିତ ହୋଇଥିବା ଲୋକଙ୍କୁ ଶୁଖିଲା ପ୍ରଦାନ କରାଯାଇଥିବା ପାତ୍ରପୁର ବିଡ଼ିଓ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ବାତ୍ୟା ମନ୍ଥାକୁ ନେଇ ଚିନ୍ତାରେ ଚାଷୀ କୁଳ । ଧାନ ବାହାରି ପଡିଥିବାବେଳେ ପବନ ବୋହିଲେ ଧାନ ଗଛ ଜମିରେ ସୋଇପଡିବା ଭୟ ରହିଛି । ଯାଫଳରେ ସୁନାର ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି । ସେହିଭଳି ବାତ୍ୟା ନାଁ ଶୁଣିଲେ ଉପାନ୍ତ ଅଞ୍ଚଳରେ ଚନକା ପସୁଛି । ତିତଲି ବାତ୍ୟା କ୍ଷତ ବର୍ତ୍ତମାନ ସୁଦ୍ଧା ଲିଭିନଥିବାବେଳେ ପୁଣି ଏକ ବାତ୍ୟା ଖବର ଶୁଣି ଚିନ୍ତାରେ ଉପାନ୍ତ ଅଞ୍ଚଳବାସୀ । ତେବେ ବାତ୍ୟାର ସଫଳ ମୁକାବିଲା ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ପାତ୍ରପୁର ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି । ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରୀ କରାଯାଇଛି ।



## ସାଇବର୍ ସଚେତନତା କାର୍ଯ୍ୟକ୍ରମ

**ବେଲଗୁଣ୍ଠା,୨୭ ।୧୦(ସମିସ):** ବେଲଗୁଣ୍ଠା ବ୍ଲକ୍ ଗୋବରା ମୁଖ୍ୟ ସଡ଼କରେ ମାଆ ଶ୍ୟାମାକାଳୀଙ୍କ ପୂଜା ମହା ଆଡମ୍ବରରେ ଚାଲିଥିବା ବେଳେ ଏହାର ସାଂସ୍କୃତିକ ମଞ୍ଚରେ ଶନିବାର ସନ୍ଧ୍ୟାରେ ଗାଙ୍ଗପୁର ପୁଲିସ୍ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ, ଏସ୍‌ଆଇ ଅଜୟ କୁମାର ମଲ୍ଲିକ, ଏସ୍‌ଆଇ ଆର୍ତ୍ତତ୍ରାଣ ଦାନୀ, ଏଏସ୍‌ଆଇ ବି ୱାଇ ନାଇଡୁ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠି, କାର୍ତ୍ତିକେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଭିଡ଼ିଓ କନ୍ଫେରେନ୍ସିଂ ମାଧ୍ୟମରେ ସାଇବର୍ ସୁରକ୍ଷା ଉପରେ ସଚେତନ ମୂଳକ ବକ୍ତବ୍ୟ ଏବଂ ସଚେତନତା ମୂଳକ ନାଟକକୁ ଏଲ୍‌ଇଡି ପରଦା ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ କପିଳେଶ୍ୱର ଯୁବକ ସଂଘ ତରଫରୁ ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । କାର୍ଯ୍ୟକ୍ରମକୁ କପିଳେଶ୍ୱର ଯୁବକ ସଂଘ ସଭାପତି ସବ୍ୟସାଚୀ ନାୟକ, ଉପସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସୁଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ଏ ଜିତେନ୍ଦ୍ର ପାତ୍ର, ଉପଦେଷ୍ଟା କୈଳାସ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ । ଶିକ୍ଷକ ଛାୟାକନ୍ତା ମହାପାତ୍ର ସଂଯୋଜନା କରିଥିଲେ ।



## ସିପିଆଇ ଆଞ୍ଚଳିକ ପରିଷଦର ବୈଠକ




**ଖଲ୍ଲିକୋଟ,୨୭ ।୧୦(ସମିସ):** ସ୍ଥାନୀୟ କାଳୀଚରଣ ଭବନରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଖଲ୍ଲିକୋଟ ଆଞ୍ଚଳିକ ପରିଷଦର ଜେନେରାଲ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ଜନବିରୋଧି ଓ ଫସିବାଦୀ ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ଏହି ବୈଠକ ରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବରିଷ୍ଠ ନେତା ସାଥି କନ୍ଧ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାର୍ଟୀର ନବନିର୍ବାଚିତ ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ ମିଶ୍ର, ସହ ସମ୍ପାଦକ କ୍ଷୀରୋଦ ପ୍ରସାଦ ସିଂ ଦେଓ, ନବନିର୍ବାଚିତ ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ଅଞ୍ଚଳ ପାର୍ଟି ସମ୍ପାଦକ ସିମାଞ୍ଚଳ ବେହେରା,ସହ ସମ୍ପାଦକ ଜୟରାମ ଦାଶ,ବିଦ୍ୟାଧର ବେହେରା, ପାର୍ଟୀର ବରିଷ୍ଠ ନେତା ରଘୁନାଥ ଗୌଡ, ଦୁର୍ଗାଚରଣ ପାତ୍ର, ମନୋଜ ଗୌଡ଼, ଲକ୍ଷ୍ମୀଚରଣ ପାଣିଗ୍ରାହୀ, ଗୁରୁଦେବ ଜାନି ପ୍ରମୁଖ ଉଦବୋଧନ ଦେଇଥିଲେ । ବରିଷ୍ଠ ନେତା ରଙ୍ଗନାଥ ସ୍ୱାଇଁ ପତାକା ଉତ୍ତୋଳନ କରିଥିବା ବେଳେ ସାଥି ରାଜେନ୍ଦ୍ର ବାରିକ, ଜଗବନ୍ଧୁ ପ୍ରଧାନ, ଡାନିଏଲ ଶବର, ତ୍ରିନାଥ ପାତ୍ର, ସନ୍ତୋଷ ସ୍ୱାଇଁ, ସାହେବ ଦଳେଇ, ଲକ୍ଷ୍ମୋୟ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଖଲ୍ଲିକୋଟ ଓ ବେଗୁନିଆପଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୪ ଶହରୁ ଊର୍ଦ୍ଧ୍ୱ ଆଗୁଆ ସାଥି ଯୋଗ ଦେଇଥିଲେ ।

## ଯୋଗାଣ ସହାୟକ ସଂଘର ଆଲୋଚନା ସଭା



**ଦିଗପହଣ୍ଡି,୨୭ ।୧୦(ସମିସ):** ଦିଗପହଣ୍ଡି ସ୍ଥିତ ଶ୍ରୀ ଗୁପ୍ତେଶ୍ୱର ପୀଠରେ ଗଞ୍ଜାମ ଜିଲ୍ଲା ଯୋଗାଣ ସହାୟକ ସଂଘର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ରାଘବ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଜିଲ୍ଲାର ବିଭିନ୍ନ ବ୍ଲକର ୪ ଶହରୁ ଊର୍ଦ୍ଧ୍ୱ ଯୋଗାଣ ସହାୟକ ୨୦୧୬ ମସିହାରୁ ନିଜ ନିଜ ପଞ୍ଚାୟତର ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହି କାମ କରି ଆସୁଛନ୍ତି । ରାଜ୍ୟ ସରକାର ଯୋଗାଣ ସହାୟକଙ୍କ ଚାକିରି ସର୍ତ୍ତାବଳୀ ଲାଗୁ କରିବା ସହ ସେମାନଙ୍କୁ ନିୟମିତ କରାଯିବା ନିମନ୍ତେ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା । ସ୍ୱଳ୍ପ ବେତନରେ ପରିବାର ପରି ପୋଷଣ ଅତ୍ୟନ୍ତ କଷ୍ଟକର ହୋଇଥିବାରୁ ମାସିକ ପାରିତୋଷିକ ବୃଦ୍ଧି କରାଯିବା ନେଇ ସଭାରେ ଆଲୋଚନା କରାଯାଇଥିଲା । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଥିଲା । ସଭାରେ ସଂଘ ଉପସଭାପତି ମାନସ ପଣ୍ଡା, ସମ୍ପାଦକ ସୁମନ ବାବୁ ରାଓ, ଉପଦେଷ୍ଟା ରାମକ୍ରିଷ୍ଣା ବସ୍ତିଆ, ଭଗବାନ ଗୌଡ଼, ନିଳାଞ୍ଚଳ ପଣ୍ଡା, ରାମକୃଷ୍ଣ ପାତ୍ର, ପଞ୍ଚାନନ ବେହେରା, ସନ୍ତୋଷ ବେହେରାଙ୍କ ସମେତ ସଂଘର ବହୁ ସଂଖ୍ୟକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ରାସ୍ତା ନିର୍ମାଣରେ ଅନିୟମିତତା



**କୋଦଳା,୨୭ ।୧୦(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅଙ୍ଗାରଗାଁଠାରୁ ଗିଲିଣ୍ଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଛି । ହେଲେ ନିର୍ମାଣର ୭ ମାସ ପୁରିନି ବର୍ଷାରେ ଭୁଶୁଡି ଗଲାଣି । ଏପରି ନିମ୍ନମାନର କାମ ପାଇଁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାକୁ ଅଞ୍ଚଳବାସୀ ଦାୟୀ କରିଛନ୍ତି । ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗିଲିଣ୍ଡା ଠାରୁ ଅଙ୍ଗାରଗାଁ ଦେଇ ତାଳସର, କୁମାରିପାରି, ଖିଡିଙ୍ଗି, ଭାବିନିପୁର ରାସ୍ତାର ଉନ୍ନତିକରଣ କାମ ଆରମ୍ଭ ହୋଇଥିଲା । କିନ୍ତୁ କାମ ନସରୁଣୁ ଅଙ୍ଗାରଗାଁ ଠାରୁ ଗିଲିଣ୍ଡା ପର୍ଯ୍ୟନ୍ତ ବହୁ ସ୍ଥାନରେ ପିଚୁ ଉଠି ଖାଲଖମା ସୃଷ୍ଟି ହେଲାଣି । ଯାହାକି ରାସ୍ତା ନିର୍ମାଣର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ ।

## ଗୌରୀଆମ୍ମାଙ୍କ ଦୁଇଦିନିଆ ଭ୍ରମଣ ଯାତ୍ରା

**ପୋଲସରା,୨୭ ।୧୦(ସମିସ):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଠାକୁରାଣୀ ଗୌରୀଆମ୍ମା ଯାତ୍ରା ପାଳନ କରାଯାଉଛି । ଗୌରୀଆମ୍ମା କମିଟି ସଦସ୍ୟଙ୍କ ସୂଚନା ପ୍ରକାରେ ଚଳିତବର୍ଷ ଗୌରୀଆମ୍ମାଙ୍କ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହେବ । ଯେଉଁଠି ଭକ୍ତ ଓ ଭକ୍ତିରେ ସମସ୍ତ ଶ୍ରଦ୍ଧାଳୁ ଗୌରୀଆମ୍ମାଙ୍କ ଦୁର୍ଲ୍ଲଭ ଦର୍ଶନ କରିବା ନିମନ୍ତେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଛନ୍ତି । ଏନେଇ ରବିବାର ପ୍ରଥମ ପର୍ଯ୍ୟାୟରେ ମା’ ରତନୀ ମହାମାୟୀ ମନ୍ଦିରରୁ ଗୌରୀଆମ୍ମା ପ୍ରତିମୂର୍ତ୍ତିଙ୍କୁ ଶ୍ରଦ୍ଧା ପୂର୍ବକ ଡେରା ସଂପ୍ରଦାୟର ଲୋକଙ୍କ ଦ୍ୱାରା ବିଧିପୂର୍ବକ ପୂଜାର୍ଚ୍ଚନା ହୋଇଥିଲା । ଏପରିକି ପୁରୁଣା ଥାନା ଫାଣ୍ଡି ଛକରେ ଥିବା ନିଜ ବାପଘର ସ୍ୱର୍ଗତ ଲିଙ୍ଗୁ ଆଚାରୀଙ୍କ ଘର ସମ୍ମୁଖରେ ପହଞ୍ଚି ସନ୍ଧ୍ୟା ଆଳତୀ ମାଧ୍ୟମରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ଶୁଭମନାସୀ ଥିଲେ । ପରେ କମିଟିଙ୍କ ପୂର୍ବ ପ୍ରସ୍ତୁତି କାର୍ଯ୍ୟସୂଚୀ ଅନୁସାରେ ଘଣ୍ଟଘଣ୍ଟା ଓ ଢୋଲବାଜା ହରିବୋଲ ହୁଳହୁଳିରେ ପ୍ରକମ୍ପିତ କରି ଡେରା ସାହିରୁ ବାହାରି ଓଡ଼ିଆ ସାହି, ମଠ ସାହି, ଖଣ୍ଡିଆ ସାହି, ପଟଣାପଦର ସାହି, ରାଣୀପଡ଼ାର ବିଭିନ୍ନ ସାହି, ବିଶ୍ୱନାଥ ନଗର, ଫରେଷ୍ଟକଲୋନୀ, ସୂର୍ଯ୍ୟ ନଗର, ଦେଉଳପେଢ଼ି, ମେନରୋଡ, ବ୍ରାହ୍ମଣ ସାହି ସମେତ ସହରର ବିଭିନ୍ନ ସାହି ପରିଭ୍ରମଣ କରିଥିଲେ ଗୌରୀଆମ୍ମା । ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନେଇ ଥାନାଅଧିକାରୀ କୌଶିକ୍ ମାଝୀ କହିଛନ୍ତି ।



■ ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୧୫ ବର୍ଷ କାରାଦଣ୍ଡ, ୨୦ ହଜାର ଟଙ୍କା ଜରିମାନା

ଫିରିଙ୍ଗିଆ,୨୭।୧୦(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ଫାଷ୍ଟଟ୍ରାକ୍ ପୋସ୍କୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ସୋମବାର ଏକ ପନ୍ଦର ବର୍ଷିଆ ନାବାଳିକାର ଦୁଷ୍କର୍ମ ମାମଲାର ବିଚାର କରି ୧୭ ଜଣ ସାକ୍ଷୀ ଓ ଡ଼ାକ୍ତରୀ ରିପୋର୍ଟ ଆଧାରରେ ବିଚାର କରି ଫୁଲବାଣୀର ସାଇନପଡାର ରୀତିକ ଦିଗାଲ ନାମକ ଜଣେ ଯୁବକକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ କୋଡିଏ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଆଉ ଅଧିକ ଦୁଇ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ ପୋସ୍କୋ କୋର୍ଟର ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ । ସୂଚନା ଅନୁସାରେ ପିଡିତା ଏଜେଓ ହାଇସ୍କୁଲ ଫୁଲବାଣୀରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ବିବାହର ପ୍ରଲୋଭନ ଦେଖାଇ ଅନେକ ଥର ଶାରିରୀକ ସମ୍ପର୍କ ରଖିଥିଲା । ତାପରେ ଗତବର୍ଷ ନଭେମ୍ବର ୨୧ ତାରିଖ ଦିନ ପିଡିତାକୁ ବାଇକ୍‌ରେ ଅଭିଯୁକ୍ତ ନିଜ ମାମୁଘରକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲା । ପୀଡ଼ିତାର ବାପା ଝିଅ ଘରକୁ ନ ଫେରିବାରୁ ସବୁଆଡ଼େ ଖୋଜାଖୋଜି କରି ନିରାଶ ହୋଇ ଫୁଲବାଣୀ ଟାଉନ୍ ଥାନାରେ ଲିଖିତ ଭାବେ ଅପହରଣ ମାମଲା ରୁଜୁ କରିଥିଲେ । ୨୧ତାରିଖରେ ଫୁଲବାଣୀ ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ଏସଆଇ ମନୋରଞ୍ଜନ ଭୋଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ସେ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ସୋମବାର ବିଚାରପତି ଉକ୍ତ ରାୟ ପ୍ରକାଶ କରିବା ସହ ପିଡିତାକୁ କ୍ଷତି ପୂରଣ ବାବଦକୁ ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଲିଗାଲ ଏଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

■ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ହସ୍ତକ୍ଷେପ

# ଦିବ୍ୟାଙ୍ଗ ନାବାଳିକା ପାଇଲା ପ୍ରମାଣପତ୍ର



ପାରଳାଖେମୁଣ୍ଡି,୨୭ ।୧୦(ସମିସ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ଜନ୍ମରୁ ଦିବ୍ୟାଙ୍ଗ ଜଣେ ନାବାଳିକା ଝିଅ ଆଧାର କାର୍ଡ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛି । ଏଥିପୂର୍ବରୁ ସେ ଏହି ପ୍ରମାଣପତ୍ର ଓ ଆଧାର କାର୍ଡ ପାଇପାରୁ ନଥିଲା । ଆଧାର କାର୍ଡ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇ ହସଫୁଟିଛି ଦିବ୍ୟାଙ୍ଗ ନାବାଳିକାଙ୍କ ପରିବାରରେ । ଆଇନସେବା ପ୍ରାଧିକରଣଙ୍କ ସୂଚନାନୁସାରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମର ବି. ଲୋକେସ ରାଓ ଜିଲ୍ଲା କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇ ନିଜ ନାବାଳିକ ଝିଅର ଯିଏକି ଜନ୍ମରୁ ଦିବ୍ୟାଙ୍ଗ ଆଧାର କାର୍ଡ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ନିମନ୍ତେ ମନ୍ତେ ଦରଖାସ୍ତ ଦେଇଥିଲେ । ତେବେ ତାଙ୍କ ଝିଅର ଆଧାର କାର୍ଡ ନଥିବା ଯୋଗୁଁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ଏବଂ ଦିବ୍ୟାଙ୍ଗ ପ୍ରମାଣପତ୍ର ମଧ ଆବେଦନ କରିପାରୁନାହାଁନ୍ତି । ଆଇନସେବା ପ୍ରାଧିକରଣର ଅଧକ୍ଷ ଜଗଦୀଶ ପ୍ରସାଦ ମହାନ୍ତି ଏବଂ ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ହସ୍ତକ୍ଷେପ ପରେ ତୁରନ୍ତ ଝିଅଟିର ଆଧାର କାର୍ଡ ଯଥା ସମୟରେ ପଞ୍ଜୀକରଣ ହୋଇଥିଲା । ଦିବ୍ୟାଙ୍ଗ ପ୍ରମାଣ ପତ୍ର ନିମନ୍ତେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତ୍ୱରୀତ ପଦକ୍ଷେପ ସ୍ୱରୂପ ସମସ୍ତ ତଦନ୍ତ କରି ପନ୍ଦର ଦିନ ମଧ୍ୟରେ ନାବାଳିକ ନାବାଳିକା ଝିଅଙ୍କ ନାମରେ ଦିବ୍ୟାଙ୍ଗ ପ୍ରମାଣପତ୍ର ଜାରି ହୋଇଛି । ଏହାଦ୍ୱାରା ଉକ୍ତ ଝିଅଟି ସରକାରଙ୍କର ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିଲେ ।

# ସାଇବର ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ




ବ୍ରାହ୍ମଣୀଗାଁ,୨୭।୧୦(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁରେ କନ୍ଧମାଳ ଜିଲ୍ଲା ପୁଲିସ ପକ୍ଷରୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟ ଓ ରଷୀମାଳ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣୀଗାଁ ସହରରେ ସଚେତନ ରଥ ବୁଲି ସଚେତନ କରିଥିଲା । କନ୍ଧମାଳ ଏସପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ବିଜୟ କୁମାର ହାଇବୁରୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରଷିମାଳ ମହାବିଦ୍ୟାଳୟର ଅଧକ୍ଷ ଡ଼.ଭାସ୍କର ଚରଣ ନାୟକ, ଫୁଲବାଣୀ ସାଇବର ଥାନା ଅଧିକାରୀ ଗେଲି କୁମାରୀ ସାହୁ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ । ପ୍ରଥମେ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ବଜାରରେ ଆୟୋଜିତ ସଭାରେ ସାଇବର ସଚେତନ କରାଯାଇଥିଲା । ସାଇବର ଠକାମୀ ଶିକାର ନ ହେବା ପାଇଁ ସଚେତନ କରାଯାଇଥିଲା । ସ୍ଥାନୀୟ ରଷିମାଳ ମହାବିଦ୍ୟାଳୟରେ ମଧ ସାଇବର ସଚେତନ କାର୍ଯ୍ୟକ୍ରମ କରା ଯାଇଥିଲା । କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସାଇବର୍ କୁଇଜ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ଥାନା ପକ୍ଷରୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ଅଧାପକ ଅଧାପିକା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟରେ ଏଏସଆଇ ଶଙ୍କର ୱାଡକା, ସୁଶାନ୍ତ ଶବର ଓ ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ସହିତ କନେଷ୍ଟବଳ ଓ ଗୃହରକ୍ଷୀ ବାହିନୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ବାତ୍ୟା ପ୍ରଭାବ

# ରାୟଗଡ଼ରେ ବର୍ଷା, ଲୋକେ ଭୟଭୀତ



ରାୟଗଡ,୨୭।୧୦(ସମିସ)

ବାତ୍ୟା 'ମନ୍ଥା'କୁ ନେଇ ଗଜପତି ଜିଲ୍ଲାର ରାୟଗଡ ବ୍ଲକବାସୀ ଭୟଭୀତ ହୋଇ ରହିଛନ୍ତି । ବିଭିନ୍ନ ସ୍ଥାନରେ ଆଜି ସକାଳୁ ହାଲକା ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଏହାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ବ୍ଲକର ସମସ୍ତ ୩୦ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୫୦୦ ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଶୁଖିଲା ଖାଦ୍ୟ ମହଜୁଦ ରଖିବା ସହ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଜିଲ୍ଲାପାଳ କହିଛନ୍ତି । ବ୍ଲକରେ ୨୦ଟି ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇଛି । ସେଠାକାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଡକାବାଜି ଯନ୍ତ୍ର ମାଧ୍ୟମରେ କୁହାଯାଇଛି । ଆହୁରି କେତେକ ଗ୍ରାମର ବିପଦସଂକୁଳ ପରିସ୍ଥିତିରେ ରହିଥିବା ଲୋକଙ୍କୁ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀକୁ ଆଣି ରଖାଯିବାର ଉଦ୍ୟମ ଜାରି ରହିଛି । ସାନତୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ବାହାଡାପଦା ଗ୍ରାମ ମହେନ୍ଦ୍ରତନୟା ନଦୀ ପାର୍ଶ୍ୱକୁ ଲାଗି ରହିଥିବା ବେଳେ ଗ୍ରାମରେ ବସବାସ କରୁଥିବା ପ୍ରାୟ ୬୦ ଜଣଙ୍କୁ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳକୁ ଆଣିବାରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ମାରଛି । ଖବର ଲେଖିବା ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇ ନାହିଁ । ଏନେଇ ବିଡିଓ ସନ୍ତୋଷ କୁମାର ବାରିକଙ୍କ ସହ ଜଣେ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ପ୍ରତିକ୍ରିୟା ମିଳିନାହିଁ । ଏ ନେଇ ଜିଲ୍ଲପାଳ ମଧୁମିତାଙ୍କୁ ଯୋଗାଯୋଗ କରାଯିବାରେ ସେ ନିଜେ ଦୁଇ ଦୁଇଥର ବାତ୍ୟା ସମ୍ପର୍କିତ ପ୍ରତିକ୍ରିୟା ଦେଇସାରିଥିବା ବେଳେ

- ୧୫୦୦ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର
- ୨୦ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ
- ବାହାଡ଼ାପଦାର ୬୦ଜଣଙ୍କୁ ହୋଇପାରୁନି ସ୍ଥାନାନ୍ତର
- କଟାଗଲା ବଡ଼ ଗଛର ଡାଳ

ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିଡିଓଙ୍କ ଅସହଯୋଗ ନିନ୍ଦନୀୟ ବୋଲି କହିବା ସହ ସୂଚନା ଦେବାକୁ ବିଡିଓଙ୍କୁ କହିବେ ବୋଲି କହିଥିଲେ । ଏହାସହ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଜରୁରକାଳୀନ ପରିସ୍ଥିତିରେ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆସନ୍ତା ନଭେମ୍ବର ୧୦ ତାରିଖ ମଧ୍ୟରେ ପ୍ରସବ ହେବାକୁ ଚିହ୍ନଟ ହୋଇଥିବା ସମସ୍ତ ୨୬ ଜଣ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା ଗୃହକୁ ଅଣାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଉଥିବା ରାୟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବୀର କୁମାର ବଳ କହିଛନ୍ତି । ଏଥିସହିତ ଅଗ୍ନିଶମ ବାହିନୀ ଦ୍ୱାରା ବିଭିନ୍ନ ସ୍ଥାନରେ ବିପଦସଂକୁଳ ଅବସ୍ଥାରେ ଥିବା ବଡ଼ ବଡ଼ ଗଛକୁ ଚିହ୍ନଟ କରି ପବନରେ ଭାଙ୍ଗିଯିବା ଆଶଙ୍କାରେ ସେଗୁଡିକୁ କାଟି ଦିଆଯାଇଛି । ସେହିପରି ବାତ୍ୟାର ମୁକାବିଲା କରିବାକୁ ସମସ୍ତ ସରଞ୍ଜାମ ସହିତ ବିଭାଗୀୟ କର୍ମଚାରୀ ପ୍ରସ୍ତୁତ ରହିଥିବା ବିଭାଗୀୟ ଅଧିକାରୀ କହିଛନ୍ତି ।

ଭୂସ୍ଖଳନ ଭୟ

## କୁମ୍ଭାରୀପଦର ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



ଦାରିଙ୍ଗବାଡ଼ି,୨୭।୧୦ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ହାତିମୁଣ୍ଡା ପଞ୍ଚାୟତ କୁମ୍ଭାରୀପଦର ଗ୍ରାମ ଲୋକେ ଭୟରେ ରହିଥିବା ବେଳେ ଗାଁରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । କୁମ୍ଭାରୀପଦରରେ ଗତ ତିତିଲି ବାତ୍ୟାରେ ଗାଁ ନିକଟ ପାହାଡ଼ ରେବଡରେ ବଡ଼ ଫାଟ ଦେଖାଯିବା ସହ ମାଟି ଅତଡା ଖସିଥିଲା । ଗାଁ ଲୋକେ ଭୟଭୀତ ହୋଇଥିଲେ । ପୁଣି ମନ୍ଥାରେ ସେହି ଭୟ ଦେଖିବାକୁ ମିଳିଛି । ପୁଣି ଭୂସ୍ଖଳନ ଭୟ ରହିଛି । ଏହାକୁ ଆଖି ଆଗରେ ରଖି ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ବେଦ ଭୂଷଣ କୁମ୍ଭାରୀପଦର ଗ୍ରାମରେ ପହଞ୍ଚି ଲୋକଙ୍କୁ ଭେଟିବା ସହ ପୂର୍ବରୁ ଯେଉଁ ପାହାଡ଼ରେ ଭୂସ୍ଖଳନ ହୋଇଥିଲା ସେହି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ । ସ୍ଥିତି ଅନୁଧ୍ୟାନ ବେଳେ ଜିଲ୍ଲାପାଳଙ୍କ ସହିତ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ଦାରିଙ୍ଗବାଡି ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର, ବିପିସି ଜଗନ୍ନାଥ ରଥଙ୍କ ସମେତ ରାଜସ୍ୱ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ । ଅଂଚଳରେ ଅଧିକ ବର୍ଷା ହେଲେ ଗାଁ ଲୋକଙ୍କୁ ସ୍କୁଲ ଘରେ ଆଶ୍ରୟ ନେବା ପାଇଁ ବ୍ୟବସ୍ଥା କରାଯାଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରଥ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୧୮ ବାତ୍ୟା ତିତିଲି ତାଣ୍ଡବରେ ଗଜପତି ଜିଲ୍ଲା ରାୟଗଡ ବ୍ଲକ ସବୁଠୁ ଅଧିକ କ୍ଷତି ସହିଥିବାବେଳେ ଗଙ୍ଗାବାଡ, କେରାଣ୍ଡି, କଇଁପୁର, ଲକ୍ଷ୍ମୀପୁର, ଗଣ୍ଡାହାତୀ, ଲାଇଲାଇ, ଏଙ୍ଗାରସିଂ ଆଦି ପଞ୍ଚାୟତର ସ୍ଥିତି ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଥିଲା । ଅନେକ ସ୍ଥାନରେ ଭୂସ୍ଖଳନ ଘଟି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିଲା । ସାତ ବର୍ଷର ପୁରୁଣା ଭୟ ଏବେ ମଧ ଲୋକଙ୍କ ମନରେ ଘାରିଛି ।

## ଟିକାବାଲିରେ ବର୍ଷା



ଟିକାବାଲି,୨୭।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମନ୍ଥାର ପ୍ରାଥମିକ ପ୍ରଭାବ କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳରେ ଦେଖିବାକୁ ମିଳିଛି । ଆଜି ସକାଳ ୧୦ ଟାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଏହା ଏପର୍ଯ୍ୟନ୍ତ ତୁହାକୁ ତୁହା ବର୍ଷା ହୋଇଛି । ଟିକାବାଲି ବଜାର ସମେତ ଅଞ୍ଚଳର ରାସ୍ତାଘାଟ ସମ୍ପୂର୍ଣ୍ଣ ଜଳମୟ ହୋଇଯାଇଛି । ଅଞ୍ଚଳରେ ବର୍ଷା ଯୋଗୁଁ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଛି । ବର୍ଷା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ଧରଣ କ୍ଷୟକ୍ଷତିର ଖବର ହସ୍ତଗତ ହୋଇନାହିଁ । ବାତ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସଜାଗ ରହିଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ଏବଂ ପାଣିପାଗ ବିଭାଗର ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି । ବର୍ଷାର ପରିମାଣ ବଢ଼ିଲେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ନ ଥିବାରୁ ପ୍ରଶାସନ ପାଇଁ ଟିକେ ଆଶ୍ୱସ୍ତି ହୋଇଛି ।

# ଅଙ୍ଗନବାଡ଼ି କେନ୍ଦ୍ରକୁ ଚୁଆପାଣି ଭରସା



ଏ ଯାଏଁ ହୋଇନି ବିଦ୍ୟୁତ୍ ସଂଯୋଗ

ଫିରିଙ୍ଗିଆ,୨୭।୧୦(ସମିସ): କୋମଳ ମତି ଶିଶୁଙ୍କ ପାଠପଢ଼ା, ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ଅନ୍ୟାନ୍ୟ ସୁବିଧା ପାଇଁ ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଉଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କେଉଁଠି ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି ଗୃହ ନଥିବାରୁ ମଣ୍ଡପରେ କିମ୍ବା ଭଡା ଘରେ ପାଠପଢା ହେଉଛି ତ କେଉଁଠି ପାଣି ନଥିବାରୁ ଅଙ୍ଗନବାଡି କେନ୍ଦ୍ରର ଛାତ୍ରଛାତ୍ରୀ ବିଲ ମଝିରେ ଥିବା ଚୁଆ ପାଣିକୁ ବର୍ଷ ତମାମ ପିଉଥିବା ଦେଖିବାକୁ ମିଳୁଛି । ଏମିତି ଏକ ଅଙ୍ଗନବାଡି କେନ୍ଦ୍ର ହେଉଛି ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତର ଜିଣିଙ୍ଗପଡ଼ା ଅଙ୍ଗନବାଡି କେନ୍ଦ୍ର ।

ଏହି ଅଙ୍ଗନବାଡି କେନ୍ଦ୍ରର ଗୃହ ନଥିବାରୁ ଦୀର୍ଘ ବର୍ଷ ଧରି ଗାଁ ମଣ୍ଡପରେ ଶିଶୁ ମାନେ ପାଠ ପଢୁଥିଲେ । ବାରମ୍ବାର ଲିଖିତ ଅଭିଯୋଗ ଏବଂ ଦାବି ପରେ ପ୍ରଶାସନ ତରଫରୁ ଗୃହ ନିର୍ମାଣ ହୋଇଛି । ଗୃହ ନିର୍ମାଣ ସହ ଘର ଉପରେ ଏକ ବିରାଟ ପାଣି ଟାଙ୍କି ମଧ ରଖାଯାଇଛି । ଶୌଚାଳୟ ବ୍ୟବସ୍ଥା ସହ ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ପାଇଁ ୱାରିଙ୍ଗ ମଧ କରାଯାଇଛି । ବୈଦୁତିକ ସରଞ୍ଜାମ ସହ ବଡ଼ ଏଲ୍‌ଇଡି ଟିଭି ସହ ପିଲାଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ହେଲେ ଗୃହ ନିର୍ମାଣର ଦୀର୍ଘ ବର୍ଷ ପରେ ବି ବିଦ୍ୟୁତ ସଂଯୋଗ ନ ହୋଇ ସବୁ ଜିନିଷ ପଡ଼ି ରହି ନଷ୍ଟ ହେବାକୁ ବସିଛି । ଗ୍ରାମବାସୀ ଏବଂ ଅଙ୍ଗନବାଡି କେନ୍ଦ୍ର ତରଫରୁ ବିଦ୍ୟୁତ ସଂଯୋଗ ପାଇଁ ଟଙ୍କା ଜମା କରିଥିଲେ ମଧ ବିଦ୍ୟୁତ ବିଭାଗୀୟ ଅଧିକାରୀ ବିଦ୍ୟୁତ ସଂଯୋଗ କରୁନାହାନ୍ତି । ସମସ୍ତ ବ୍ୟବସ୍ଥା ଥିଲେ ମଧ ଅଙ୍ଗନବାଡ଼ି କେନ୍ଦ୍ରରେ ପିଇବା ପାଣି ନଥିବାରୁ ପିଲାମାନେ ଅଙ୍ଗନବାଡି କେନ୍ଦ୍ର ଠାରୁ ଦୂରରେ ବିଲ ମଝିରେ ଥିବା ଚୁଆ ପାଣି ପ୍ରତିଦିନ ପିଉଛନ୍ତି । ଅଙ୍ଗନବାଡି କେନ୍ଦ୍ରରେ ୨୦ ଜଣ ପ୍ରି ସ୍କୁଲ ପିଲା ଅଛନ୍ତି । ଅଙ୍ଗନବାଡି କର୍ମୀ ରଇବାରୀ କହଁର ଓ ସହାୟିକା ନମିତା ମଲିକ କାର୍ଯ୍ୟ ତୁଲାଉଛନ୍ତି । ୨୦୧୩ ମସିହାରୁ ଅଙ୍ଗନବାଡି କେନ୍ଦ୍ର ଚାଲିଥିଲେ ମଧ ଆଜିପର୍ଯ୍ୟନ୍ତ ପିଇବା ପାଣି ବ୍ୟବସ୍ଥା ହୋଇ ପାରିନାହିଁ । ଅଙ୍ଗନବାଡି କେନ୍ଦ୍ରରେ ପିଇବା ପାଣି ଓ ବିଦ୍ୟୁତ ସଂଯୋଗ କରିବାକୁ ଜିଣିଙ୍ଗପଡ଼ା ଗ୍ରାମବାସୀ ଦାବି କରିଛନ୍ତି ।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷକ ନିରୀକ୍ଷକ ସଂଘର ଜିଲ୍ଲାସ୍ତରୀୟ ବୈଠକ

ଫୁଲବାଣୀ/ଜି.ଉଦୟଗିରି, ୨୭।୧୦ (ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ଗାନ୍ଧୀସ୍ମୃତି ଭବନରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜିଲ୍ଲାସ୍ତରୀୟ ବାର୍ଷିକ ସାଧାରଣ ବୈଠକ



ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ସୁରଥ ଚନ୍ଦ୍ର ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲ୍ଲାର ବରିଷ୍ଠ ସରକାରୀ ଆଇନଜୀବୀ ତଥା ସଂଘର ଆଇନ୍ ପରାମର୍ଶଦାତା ବିଜୟ କୃଷ୍ଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ଉପସଭାପତି ଡ.ଦୈତାରି ଦିଗାଲ, ରାଜ୍ୟ ଯୁଗ୍ମ ସମ୍ପାଦକ ଡ.ତ୍ରିଲୋଚନ ପଣ୍ଡା, ଉପଦେଷ୍ଟା ରଞ୍ଜନ କୁମାର ପାଢ଼ୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ଯୋଗ ଦେଇ ଶିକ୍ଷକ ସଂଘ ମଧ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଏଥିରେ ଶିକ୍ଷକଙ୍କ ଭୂମିକା ସଂପର୍କରେ ଆଲୋଚନା କରିବା ସହ, ଜିଲ୍ଲା ଶିକ୍ଷକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଅଧିକାରୀଙ୍କ ନିକଟରେ ସକରାତ୍ମକ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କାର୍ଯ୍ୟକ୍ରମକୁ ସମ୍ପାଦକ ତୀର୍ଥବାସୀ ଘଡେଇ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ରଞ୍ଜିତ କୁମାର ପ୍ରଧାନ, ସନ୍ତୋଷ ଭୋଇ, ସଞ୍ଜୟ ପ୍ରଧାନ, ଗୁରୁପ୍ରସାଦ ସାହୁ, ମିନତୀ ଦେବୀ, ଲିଙ୍ଗେଶ୍ୱର ମହାନ୍ତି, ଭୀମ ରାଜ ବଳିରାସିଂ, ସାଗର ନାୟକ, ଶୁଭମ ସାଜନ, କାଶୀନାଥ ବେହେରାଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶେଷରେ ଉପସଭାପତି ଡ. ସୁଧିର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏବେ ବି ବିକାଶ ଆଶାରେ କଟଡ଼ିଗାଁ

# ବନ୍ୟଜନ୍ତୁ ଭୟରେ କାଠ ଜାଳି ରହୁଛନ୍ତି ଗ୍ରାମବାସୀ

ବାଲିଗୁଡ଼ା,୨୭।୧୦(ସମିସ)



ଆଜିକା ଦିନରେ ମଧ ଗାଁକୁ ଯିବାକୁ ହେଲେ ଖାଲଖମା ପଥୁରିଆ ଜଙ୍ଗଲୀ ରାସ୍ତା ଦେଇ ଯିବାକୁ ପଡୁଛି । ସଞ୍ଜ ନଇଲେ ବନ୍ୟଜନ୍ତୁ ଭୟରେ କାଠ ଜାଳି ରାତି କାଟୁଛନ୍ତି ଲୋକେ । ଆଜି ମଧ ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇ ଜୀବନ ବିତାଉଛନ୍ତି ଗ୍ରାମବାସୀ । ପକ୍କା ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟ, ଟେଲିଫୋନ ନେଟୱାର୍କ, ଶିକ୍ଷା ଓ ସରକାରଙ୍କ ଅନେକ ଯୋଜନାରୁ ବଞ୍ଚିତ ରହିଛନ୍ତି । ଏପରି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସୁଦ୍ରା ପଞ୍ଚାୟତ କଟଡି ୱାର୍ଡର ଶିକାଟି ସମେତ ଅଡାବାଲି, ସିର୍କିମାସ୍କା, ବଲବଣ୍ଡାଙ୍ଗି ସୁଲେପଡ଼ା, କଜୁକ୍ଲାପି ସମେତ ୭ଟି ଅପହଞ୍ଚ ଦୁର୍ଗମ ଗାଁରେ । ଗୋଟିଏ ଦିଟା ଗାଁ ଛାଡିଦେଲେ ଅନ୍ୟ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇନାହିଁ । ସଞ୍ଜ ନଇଲେ ଅନ୍ଧାର କିଟ୍ କିଟ୍ ହୋଇଯିବା ଯୋଗୁ କାଠ ଜାଳି ରାତି କଟାଉଛନ୍ତି । ପୁଣି ରାତି ହେଲେ ବନ୍ୟଜନ୍ତୁଙ୍କ ଭୟ । ଏଭଳି ଅନେକ କଷ୍ଟ ଯନ୍ତ୍ରଣାରେ ଦୀର୍ଘ ବର୍ଷ ହେବ ବସବାସ କରୁଛନ୍ତି ଗ୍ରାମବାସୀ । ବିକାଶ ଯେପରିକି ଗାଁକୁ ବାଟ ଭୁଲିଛି । ବିଭିନ୍ନ ସମସ୍ୟା ମଧ୍ୟରୁ ମୁଖ୍ୟ ସମସ୍ୟା ହେଉଛି ପକ୍କା ରାସ୍ତା । ସରକାର ଗାଁକୁ ପକ୍କା ରାସ୍ତା ନିର୍ମାଣ କଲେ ବଡ଼ ସମସ୍ୟା ଦୂର ହୋଇଯିବ ବୋଲି ନେହୁରା ହୋଇ କହିଛନ୍ତି ଗ୍ରାମବାସୀ । ସୁଦ୍ରା ପଞ୍ଚାୟତ ଠାରୁ ସାତ କିଲୋମିଟର ମଧ୍ୟରେ ଥିଲେ ମଧ ଆଜିଯାଏଁ କାହିଁକି ସ୍ଥାନୀୟ ପ୍ରଶାସନ କିମ୍ବା ଜନ ପ୍ରତିନିଧି ଦୃଷ୍ଟି ପଡୁନି ତାହା ଆଶ୍ଚର୍ଯ୍ୟ ଲାଗୁଛି । ଡିଜିଟାଲ ଯୁଗରେ ବି ଅଞ୍ଚଳବାସୀ ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମାସୀ । ଲାଗୁଛି ସତେ ଯେମିତି ସରକାର କଳ ନୀରବ ଦ୍ରଷ୍ଟା ସାଜିଛି । ବାଧ ହୋଇ ମେଳି ବାନ୍ଧି ସମସ୍ୟା ସମାଧାନ ନହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ସାତଟି ଗ୍ରାମର ପଙ୍କଜ ମଲିକ, ଜୟରାମ ମଲିକ, ଲବ ମଲିକ, ମୁଙ୍ଗା ଦିଗାଲ, ମୂରଲା ଦିଗାଲ, ପ୍ରକାଶ ମଲିକ, ବାଲେ ଦିଗାଲ, ଦିଲୀପ ମଲିକ ଓ ବିଶୁରା ମଲିକ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥ ପାଠ



ପାରଳାଖେମୁଣ୍ଡି,୨୭।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆଜି ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ନିବାରଣ ସଚେତନତା ଉପରେ ଶପଥପାଠ କରିଥିଲେ । ଦୁର୍ନୀତି ନିବାରଣ ଦିଗରେ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବ୍ୟବସ୍ଥାକୁ କଡାକଡି ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମନ ରାଇକା, ସହକାରୀ ଜିଲ୍ଲାପାଳ ଜଗନ୍ନାଥ ପାଢ଼ୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୁହାନସ୍ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାୟୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୩୦ ତାରିଖରେ ସକାଳ ୧୧ ଘଟିକାରେ ସମୟରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ସଚେତନତା ସଭା ଓ ଶପଥ ପାଠ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଛି ।

## ଦୁର୍ନୀତି ନିବାରଣ ସପ୍ତାହ ଓ ଶପଥ ପାଠ

ଫିରିଙ୍ଗିଆ : ସୋମବାର ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଚାଲିଥିବା ବେଳେ ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମଧ ଦୁର୍ନୀତି ନିବାରଣ ସପ୍ତାହ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଫିରିଙ୍ଗିଆ ବ୍ଲକର କ୍ରାଣ୍ଡିବାଲି ପଞ୍ଚାୟତରେ ଦୁର୍ନୀତି ମୁକ୍ତ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ସରପଞ୍ଚ ଲକ୍ଷ୍ମୀ କହଁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଇଟସ କୁମାର ନାୟକ, ଏଓ ଲକ୍ଷ୍ମୀପ୍ରିୟା ନାୟକ,ଏଲ ଆଇ ସଂଗ୍ରାମ କେଶରୀ ପୃଷ୍ଟି, ଏଡିଇ ଓ ଶ୍ରବଣ କୁମାର ପ୍ରଧାନ, ନାଏବ ସରପଞ୍ଚ ଦାମୋଦର ପ୍ରଧାନ, ଯୋଗାଣ ସହାୟକ ଶତ୍ରୁଘନ ପ୍ରଧାନ, ଅଙ୍ଗନବାଡି କର୍ମୀ, ସ୍ୱଙ୍ଗ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ । ଦୁର୍ନୀତି ସପ୍ତାହ ପାଳନ ଅବସରରେ ଉପସ୍ଥିତ ସମସ୍ତେ ଦୁର୍ନୀତିର ମୁଳୋତ୍ପାଟନ ନମନ୍ତେ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ସହିତ ପ୍ରତ୍ୟକ୍ଷ ସଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ପାଇଁ ସାଧୁତାର ଶପଥ ପାଠ କରିଥିଲେ । ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ୟାନ୍ୟ କର୍ମଚାରୀମଧ ଉପସ୍ଥିତ ଥିଲେ ।

## ବାତ୍ୟା ମୋନ୍ଥା ପାଇଁ ଡିଏଲଇଡି ପରୀକ୍ଷା ଘୁଞ୍ଚିଲା

କଟକ, ୨୭।୧୦ (ସମିସ): ବାତ୍ୟା ମୋନ୍ଥା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ଡିଏଲଇଡି(ଡିପ୍ଲୋମା ଇନ ଏଲିମେଣ୍ଟାରି ଏଜୁକେସନ) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୨୮ ଓ ୨୯ ତାରିଖରେ ଏହି ପରୀକ୍ଷା ହେବାର ଥିଲା। ନୂତନ କାର୍ଯ୍ୟସୂଚୀ ଅନୁସାରେ ଏହା ଆସନ୍ତା ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଅନଲାଇନ୍ ଗେମ୍ ଆଳରେ ୧ କୋଟି ଠକେଇ

# ପଶ୍ଚିମବଙ୍ଗରୁ ଆଉ ଜଣେ ଗିରଫ

କଟକ, ୨୭।୧୦(ସମିସ):ଅନଲାଇନ୍ ଗେମିଂ ଆଳରେ ୧କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗରୁ ତୃତୀୟ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ପଶ୍ଚିମବଙ୍ଗ ଗଙ୍ଗନାପୁର ଥାନା ସୁକାନ୍ତପଲ୍ଲୀର ସୁଗତ ମଜୁମଦାର (୨୯)। ସେ ପ୍ରାଣୀବିଜ୍ଞାନ ସ୍ନାତକ ଡିଗ୍ରୀଧାରୀ ହୋଇଥିବା ବେଳେ ଫ୍ରିଲାନ୍ସିଂ ଭିଡିଓ ଏଡିଟର୍ ଭାବେ କାମ କରନ୍ତି। ତା' ନିକଟରୁ



କ୍ରାଇମ୍‌ବ୍ରାଞ୍ଚ ଗୋଟିଏ ମୋବାଇଲ୍, ସିମ୍, ହାର୍ଡଡିସ୍କ ଭଳି ବିଭିନ୍ନ ଆପରାଧିକ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତକୁ ଆଜି କଟକ ଓପିଆଇଡି କୋର୍ଟ ଚାଲାଣ କରାଯାଇଛି।

ଅନଲାଇନ୍ ଗେମ୍ ଖେଳି ସାଇବର ଠକମାନଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜଣେ ବ୍ୟକ୍ତି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ସାଇବର ଠକମାନେ ତାଙ୍କୁ ବେଆଇନ ଅନଲାଇନ୍ ଗେମିଂ ପ୍ଲାଟ୍‌ଫର୍ମରେ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇବାରୁ ସେ ୧ କୋଟି ୮ ଲକ୍ଷ ୬୯ ହଜାର ୪୨୦ ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ କ୍ଷତି ସତ୍ତ୍ୱେ ସେ ଅଧିକ ନିବେଶ କରିବାକୁ ରାଜି ହୋଇଥିଲେ। କିନ୍ତୁ ପ୍ରତ୍ୟାହାର କରିବାକୁ ଚେଷ୍ଟା କରିବା ସମୟରେ ସେମାନେ ଅତିରିକ୍ତ ଟଙ୍କା ଦାବି କରିଥିଲେ। ପରେ ଏହା ଏକ ଠକେଇ ବୋଲି ଜାଣିପାରି ସେ ଏତଲା ଦେଇଥିଲେ। ଡିଏସ୍‌ପି ଦୀପ୍ତିମୟୀ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ କାରବାର ବିବରଣୀ ବିଶ୍ଳେଷଣ ଅପରାଧୀକୁ ଗିରଫ କରିଥିଲେ।


**AFFIDAVIT**

By virtue of an affidavit sworn before The Executive Magistrate, Sohela vide no.02 dated 27/10/2025, I, Jogindra Kumar Sahu, S/o- Krushna Chandra Sahu, R/o- Vill.- Tileimal, Po.- Ghess, Ps.- Melchhamunda, Dist.- Bargarh state that, in my Aadhar bearing no. 941523556115 my name has been mentioned as Jogindra Sahu. That, **Jogindra Kumar Sahu** and **Jogindra Sahu** is one and same person.

Sd/- Jogindra Kumar Sahu

**AFFIDAVIT**

By virtue of an Affidavit Sworn before the Executive Magistrate, Kujang, Dist.: Jagatsinghpur, I, Sushma Sethy, aged about 57 years, W/o: Iswar Chandra Sethy of Vill/P.O.: Gorada, P.S.: Tirtol, Dist.: Jagatsinghpur declare by this Affidavit No.: 3370, Dated: 16.10.2025 that now onwards my name & date of birth shall be known as **Susama Sethy & 20.06.1968** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nandapur vide no.97 dated 27/10/2025, I Brundabati Burudi, D/o- Jagabandhu Burudi, W/o- Nanda Burudi resident of Vill.- Khudub, Po.- Gollur, Ps.- Padwa, Dist.- koraput, Odisha, Pin-764038 state that, I have changed my name from **Buruda Burudi to Brundabati Burudi.** Henceforth, I shall be known as **Brundabati Burudi** for all purposes.

Sd/- Brundabati Burudi

**AFFIDAVIT**

By virtue of an affidavit C.F. No. 28, dtd. 27.10.2025 before the Executive Magistrate, Bhubaneswar, I, Saraswati Sahoo, have changed my name from Saraswati Dash to Saraswati Sahoo. Henceforth I shall be known as Saraswati Sahoo for all purposes.

**Sd/- Saraswati Sahoo**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆନ୍ଧ୍ରରେ ପବନ...

ହେବ। ମାଲକାନଗିରି ସମେତ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁରରେ ଓ କଳାହାଣ୍ଡି ବାତ୍ୟା ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି ୬ ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ କିମି ମଧ୍ୟରେ ରହିବ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପବନ ସାଙ୍ଗକୁ ଏହି ୬ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେଣୁ ୨୮ ରେ ୬ ଜିଲ୍ଲା ଓ ୨୯ ତାରିଖରେ ୪ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବାତ୍ୟା 'ମୋନ୍ଥା' ମଙ୍ଗଳବାର କାକିନାଡ଼ାର ଦକ୍ଷିଣରେ ସ୍ଥଳଭାଗ ଅତିକ୍ରମ କରିବ। ମଧ୍ୟରାତ୍ରୀ ପୂର୍ବରୁ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ଏହା ଆନ୍ଧ୍ରରୁ ଛତିଶଗଡ଼ ମୁହାଁ ହେବ। ଗଜପତି, ମାଲକାନଗିରି ଓ କୋରାପୁଟରେ ବାତ୍ୟାର କୋର୍ ପ୍ରଭାବ ପଡ଼ିପାରେ। ତେଣୁ ଏଠାରେ ପବନ ସହ ବର୍ଷା ହେବ। ଅନ୍ୟାନ୍ୟ ଜିଲ୍ଲାରେ କେବଳ ବର୍ଷାର ପ୍ରଭାବ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

'ମୋନ୍ଥା' ପ୍ରଭାବରେ ଆନ୍ଧ୍ର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକା ପବନ ବହିବା ସହ ବର୍ଷା ଆରମ୍ଭ ହୋଇଯାଇଛି। ସୋମବାର ରାତିରୁ ପୁରୀରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଆସନ୍ତାକାଲିଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି କୁହାଯାଇଛି। ସେହିପରି ଅଳ୍ପ ବର୍ଷା ଆଶଙ୍କାରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ, ଜଗତସିଂପୁର, କେନ୍ଦ୍ରାପଡ଼ା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିରେ କେତେକ ଟ୍ରେନର ଦିଗ ପରିବର୍ତ୍ତନ ଏବଂ ଆଉ କେତେକକୁ ବିଭିନ୍ନ ସ୍ଥାନରେ ଅଟକାଇ ରଖାଯାଇଛି। ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୩୨ଟି ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିସହ ଟାଟାନଗର-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ଏବଂ ଟିଟିଲାଗଡ଼-ଲାଖୋଲି-ରାୟପୁର-ନାଗପୁର-ବଲାହାରଶାହ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି।

ବାତିଲ୍ କରାଯାଇଥିବା ଟ୍ରେନ ତାଲିକାରେ ବ୍ରହ୍ମପୁର-ବିଶାଖାପାଟନମ୍ ଏକ୍ସପ୍ରେସ କଟକ-ଗୁଣୁପୁର-କଟକ ମେମୁ, ଭୁବନେଶ୍ୱର-ବେଙ୍ଗାଲୁରୁ, ଭୁବନେଶ୍ୱର-ସିକନ୍ଦରାବାଦ୍ ଏକ୍ସପ୍ରେସ ପ୍ରଶାନ୍ତି ଏକ୍ସପ୍ରେସ୍ ରହିଛି। ରେଳବାଇ ପକ୍ଷରୁ ସମସ୍ତ ଡିଭିଜନାଲ ମୁଖ୍ୟାଳୟରେ ୨୪ ଘଣ୍ଟା ତଦାରଖ ଏବଂ ଜରୁରୀକାଳୀନ ନିୟନ୍ତ୍ରଣକୁ ସକ୍ରିୟ କରାଯାଇଛି। ରିଅଲ୍-ଟାଇମ୍ ଅପଡେଟ୍ ପାଇଁ ଭାରତ ପାଣିପାଗ ବିଭାଗ ସହିତ ନିରନ୍ତର ସମନ୍ୱୟ। ତୁରନ୍ତ ପ୍ରତିକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ପୁନରୁଦ୍ଧାର ଦଳ ପ୍ରସ୍ତୁତ ରଖାଯାଇଛି। ବିଭିନ୍ନ ସ୍ଥାନରେ ଫସିରହିଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ଖାଦ୍ୟ, ପାଣି ଏବଂ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଏହାଛଡା ଟିକଟ ଅର୍ଥ ରିଫଣ୍ଡ ପାଇଁ ଅତିରିକ୍ତ କାଉଣ୍ଟର ଖୋଲାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସହାୟତା ଡେସ୍କ ମଧ୍ୟ କାର୍ଯ୍ୟ କରୁଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଇନକ୍ୱାରି ସିଷ୍ଟମ୍ ଆଇଆର୍‌ସିଟିସି ୱେବସାଇଟ୍/ଆପ୍ ମାଧ୍ୟମରେ ସର୍ବଶେଷ ଟ୍ରେନ୍ ଚାଳନ ଅପଡେଟ୍ ଯାଞ୍ଚ କରିବାକୁ କିମ୍ବା ନିକଟତମ ରେଳବାଇ ହେଲ୍ପଲାଇନ୍ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ଏପରିକି ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଧ୍ୟ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପରିସ୍ଥିତିର ନିକଟତର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରାଯାଇଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରିଥିଲେ। ସେ ଯାତ୍ରୀମାନଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟ୍‌କୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ, ଓଏଚଇ ଏବଂ ବିଦ୍ୟୁତୀକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି।

### ଆଜିଠାରୁ ୨ ଦିନ...

ବାତ୍ୟା ସମୟରେ ବିଦ୍ୟାଳୟଗୁଡ଼ିକ ଯେମିତି ଅଧିକ କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହାସହ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବାତ୍ୟା ସମୟରେ ଜରୁରୀକାଳୀନ ସେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବେ।

ପ୍ରଶାସନର ଆବଶ୍ୟକତା ଅନୁଯାୟୀ, ବିଦ୍ୟାଳୟଗୁଡ଼ିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବହାର ହେବ। ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଚାଉଳକୁ ମଧ୍ୟ ରିଲିଫ୍ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଗୃହକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଶୈକ୍ଷିକ ଉପକରଣ ଓ ଆସବାବପତ୍ରକୁ ସୁରକ୍ଷିତ ସ୍ଥାନରେ ରଖିବେ। ବାତ୍ୟାରେ କୌଣସି କ୍ଷୟକ୍ଷତି ହେଲେ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଅବଗତ କରିବେ। ଡିଇଓମାନେ ବିଦ୍ୟାଳୟ କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରିବେ। ବାତ୍ୟା ପରିଚାଳନା ପାଇଁ ନିର୍ଦ୍ଦେଶକମାନଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରୀ ହେବ। ଆବଶ୍ୟକସ୍ଥଳେ ବିଭାଗୀୟ ଅନୁସଚିବ ଗୁଣ୍ଡାଇ ହାଁସଦାଙ୍କୁ ୮୦୧୮ ୭୬୫୨୫୬ ନମ୍ବରରେ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଏହି ୮ଟି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବଶ୍ୟକସ୍ଥଳେ ୩୦ ତାରିଖରେ ମଧ୍ୟ ଅଙ୍ଗନବାଡ଼ି ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି।

### ମରାମତି କାର୍ଯ୍ୟ ବନ୍ଦ...

ପାଇଁ ଘାଟି ରାସ୍ତା ସିଲ୍ କରିବାକୁ କନ୍ଧମାଳ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଯୋଗୁଁ ଘାଟିରେ ବିପଦ ବଢ଼ିଥିବା ବେଳେ କଳିଙ୍ଗାରେ ରାସ୍ତା ନାକା କରିଛି ଜି. ଉଦୟଗିରି ପୁଲିସ। କାହାରିକୁ ଘାଟିକୁ ଛଡ଼ା ଯାଉନାହିଁ।

ଆଜି ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସ୍ଥିତି ପରଖିଛନ୍ତି। ଗତ ମାସ ୧୬ ତାରିଖରେ ହୋଇଥିବା ପ୍ରବଳ ବର୍ଷାରେ କଳିଙ୍ଗା ଘାଟିରେ ଭୟଙ୍କର ଭୂ-ସ୍ଖଳନ ହୋଇ ୫୦ ଫୁଟ୍ ରାସ୍ତା ଧୋଇ ନେଇଥିଲା। ଫଳରେ ଆଜି ପର୍ଯ୍ୟନ୍ତ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଭୂ-ସ୍ଖଳନ ସ୍ଥାନରେ ରାସ୍ତା ମରାମତି କରିବା, ପାଣି ନିଷ୍କାସନ ପାଇଁ ହୋମ୍ ପାଇପ ପକାଇ ତାରି ଉପରେ ଲୁହାଛଡ଼ ପକାଇ କଂକ୍ରିଟ ପକା କାମ ସାରିଥିଲା। ଏହାସହ ପାହାଡ଼ ଉପରେ ଥିବା ବଡ଼ବଡ଼ ପଥରକୁ ହଟାଇବା କାମ ମଧ୍ୟ ସରିଥିଲା। ଏଥିଯୋଗୁଁ ଶୀଘ୍ର ଯାତାୟାତ ସ୍ୱାଭାବିକ ହେବା ଆଶା ଉଜ୍ଜ୍ୱଳ ହୋଇଥିଲା। କିନ୍ତୁ ବାତ୍ୟା ପୁଣିଥରେ ପ୍ରତିବନ୍ଧକ ସାଜିବା ଆଶଙ୍କା ପ୍ରକାଶ ପାଇଛି।

### ଆଜିଠୁ ୧୨ ରାଜ୍ୟରେ...

ତଥ୍ୟ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୧୨ଟି ପ୍ରମାଣ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଏଥିରେ ଆଧାରକାର୍ଡ ସାମିଲ ଥିଲେ ମଧ୍ୟ ଏହାକୁ କେବଳ ପରିଚୟପତ୍ର ରୂପେ ଗ୍ରହଣ କରାଯିବ। କୌଣସି ଯୋଗ୍ୟ ଭୋଟର ଯେମିତି ଏହି ପ୍ରକ୍ରିୟାରେ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରାଯିବ। ସେହିପରି ଯେଉଁମାନେ ମତଦାନ କରିବାକୁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ବାଦ୍ ଦିଆଯିବ।

ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଦେଶରେ ୧୯୫୧ରୁ ୨୦୦୪ ମଧ୍ୟରେ ୮ଥର ଏସ୍‌ଆଇଆର୍ କରାଯାଇଛି। ସ୍ୱାଧୀନତା ପରେ ଏହା ହେବ ୯ମ ଏସ୍‌ଆଇଆର୍। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ଏସ୍‌ଆଇଆର୍ ସଫଳ ରହିଛି। ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କ ମଧ୍ୟରୁ କେହି ଆପତ୍ତି ଅଭିଯୋଗ କରିନାହାନ୍ତି। ଏହି ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ବିହାର ଏସଆଇଆରକୁ ବିରୋଧ କରି ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏହି ପ୍ରକ୍ରିୟାରେ ଟାର୍ଗେଟ କରାଯାଇଛି ଏବଂ ସେମାନଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ରହିଛି।

ପଶ୍ଚିମବଙ୍ଗ ସଂପର୍କରେ ମୁଖ୍ୟ ନିର୍ବାଚନ କମିସନର କହିଲେ ଯେ ସେହି ରାଜ୍ୟ ସରକାର ସହିତ କମିସନଙ୍କର କୌଣସି ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ନିର୍ବାଚନ କମିସନ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉଛନ୍ତି ଏବଂ ରାଜ୍ୟ ସରକାରମାନେ ଏଥିରେ ସହଯୋଗ କରିବାକୁ ବାଧ୍ୟ ବୋଲି ସେ କହିଛନ୍ତି।

### ପୂର୍ବତନ ମନ୍ତ୍ରୀ ପଦ୍ମିନୀ...

ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପଦ୍ମିନୀଙ୍କ ନଣନ୍ଦ ରମାବତୀ ଦିଆନ ଓ ପଡୋଶୀ ତଥା ଅଙ୍ଗନବାଡି କର୍ମୀ ଶାନ୍ତି ଚାଲାଣ ମଧ୍ୟ ଗୁରୁତର ଅବସ୍ଥାରେ କୋରାପୁଟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏହି ଖବର ପାଇ କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜେଡି ନେତ୍ରୀ ପାର୍ବତୀ ମସ୍ତି ପ୍ରମୁଖ ମେଡିକାଲକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

### ଉପନିର୍ବାଚନ ବେଳେ...

ପରି ଏକ ଘଡ଼ିସନ୍ଧି ମୂହୂର୍ତ୍ତରେ ଗୁରୁ ଦାୟିତ୍ୱ ବହନ କରୁଥିବା ଦକ୍ଷିଣ-ପଶ୍ଚିମାଞ୍ଚଳ ଡ଼ିଆଇଜିଙ୍କ ଅଚାନକ ଛୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଶ୍ରୀ ସିଂଙ୍କ ଛୁଟିରୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଅତିରିକ୍ତ ଭାବେ ଦାୟିତ୍ୱ ସମ୍ଭାଳିବେ ବୋଲି ସୂଚନା ମିଳିଛି।

### ସମ୍ପତ୍ତି ତାଲିକା...

ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ଆଉ କୌଣସି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏପରିକି ଏଥିନିମିତ୍ତ ଆଉ ପୋର୍ଟାଲ ଖୋଲିବ ନାହିଁ ବୋଲି ସାଧାରଣ ବିଭାଗ ସ୍ପଷ୍ଟ କରିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭାଗୀୟ ପଦୋନ୍ନତି ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରିବା ବାଧ୍ୟତାମୂଳକ। ଏହି ନିୟମ ଆଧାରରେ ଯେଉଁ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି ସେମାନେ ପଦୋନ୍ନତି ପାଇଁ କୌଣସି ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ନିକଟରେ ଯୋଗ୍ୟ ବିବେଚିତ ହେବେ ନାହିଁ। ଏପରିକି ସମସ୍ତ ବିଭାଗ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହ ସମ୍ପତ୍ତି ତାଲିକା ଦାଖଲ ନକରିଥିବା କୌଣସି କର୍ମଚାରୀଙ୍କ ପଦୋନ୍ନତି ଆବେଦନ ଯେପରି ଡିପିସି ନିକଟରେ ଉପସ୍ଥାପିତ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ପତ୍ତି ତାଲିକା ଦାଖଲ କରି ନ ଥିବାରୁ ଅନେକ ପୁଲିସ ସବ୍‌ଇନ୍ସପେକ୍ଟର ପଦୋନ୍ନତି ପାଇବାକୁ ବଞ୍ଚିତ ହୋଇଛନ୍ତି।

### ବନ୍ଦର ବିକାଶ ପାଇଁ...

ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ସମ୍ଭାବନା ଆଡ଼କୁ ଗତି କରୁଛି। ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ସହ ଅସ୍ତରଙ୍ଗ, ଜଟାଧାରୀ, ସୁବର୍ଣ୍ଣରେଖା ଏବଂ ବାହୁଦାରେ ପ୍ରସ୍ତାବିତ ବନ୍ଦରଗୁଡ଼ିକ ସହିତ ଆମେ ଆମର ମୋଟ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ। ପୁରୀ କ୍ରୁଜ ଟର୍ମିନାଲ ସହିତ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ୨୪୭୦୦୦ କୋଟି ଟଙ୍କା ଏବଂ ବାହୁଦା ବନ୍ଦରରେ ୨୧୫୦୦ କୋଟି ଟଙ୍କା ବିନିଯୋଗ ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟ ସଂଯୋଗକୁ ଏକ ନୂଆ ଦିଗ ପ୍ରଦାନ କରିବ। ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶବିଶେଷ ହେବାକୁ ମୁଁ ନିବେଶକମାନଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଥିଲେ। ଉଦଘାଟନୀ ଅଧିବେଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ସହିତ ଏକ ସ୍ୱତନ୍ତ୍ର ଓଡ଼ିଶା ଅଧିବେଶନ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର ବନ୍ଦର ଭିତ୍ତିକ ବିକାଶ ୨୦୨୪ ପାଇଁ ଏକ ଦୃଷ୍ଟିକୋଣ ଯୋଜନା' ଶୀର୍ଷକ ଏହି ଅଧିବେଶନରେ ଓଡ଼ିଶାର ବନ୍ଦର ଭିତ୍ତିକ ଶିଳ୍ପ ଭିତ୍ତିଭୂମିରେ ନିବେଶ ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।


**THE ODISHA AGRO INDUSTRIES CORPORATION LIMITED**
**(A Government of Odisha Undertaking)**
**95, SATYA NAGAR, BHUBANESWAR -751 007.**

CAD-2108

**TENDER CALL NOTICE**

e-Tender quotation in conformity with technical specification, terms & conditions in bid documents are invited from manufacturers for **"Procurement of sprinkler irrigation system (Micro Irrigation System" for the FY 2025-26 to 2026-27**. For details, please visit website https://tendersodisha.gov.in. or https://odishaagro.nic.in/ from **dt 27.10.2025 to dt.21.11.2025 (5.00 pm.)**.

Sd/-
**MANAGING DIRECTOR**

OIPR-01047/11/0061/2526

**ନୋଟିସ୍**

(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**

**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. ୯/୨୦୨୩**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)

... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଲନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋରଧା, ପିନ୍-୭୫୧୦୨୧।

ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.- ୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩

...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି। ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ। ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତ ରେ ମୋର ମୁଦ୍ରେ ଦିଆଗଲା।

ସ୍ୱା/- ବିଚାରପତି

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/07/2025, I Sri Krushna Gurumai, S/o- Sindhy Gurumai, Vill.- Hatimunda, PO.- Subai, Ps.- Similiguda, District- Koraput declare that, I have changed my name from **Kustha Gurumain** to **Krushna Gurumai**. Henceforth, I shall be known as **Krushna Gurumai** for all purposes.

Sd/- Krushna Gurumai

**AFFIDAVIT**

I Sunil Kumar Bhanja, S/o- Paresh Chandra Bhanja of village- Kasaba Kamarda /Po/Ps- Kamarda, Dist- Balasore, Odisha, declared by affidavit before Executive Magistrate, Bhograi No.5108/25 dtd-14/10/2025 that my son Ayush Kumar Bhanja's correct birth date is 04/01/2008 in birth certificate. that it unfortunately mentioned as 04/01/2007 in his educational certificate. Hence my son's actual & correct date of birth is as **04.01.2008** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 14/10/2025. I, Sorisa Nayak W/o Jayram Nayak, At- Baliberana, Po- Chadeyapalli, Ps-Chadeyapalli, Nayagarh, Odisha, Pin- 752089, declare that I have changed my owned name Surina Nayak to Sorisa Nayak. Henceforth, I shall be known as new name Sorisa Nayak for all purposes.

**Sd/- Sorisa Nayak**

**AFFIDAVIT**

By virtue of an affidavit sworn before Executive Magistrate Banapur on dated 23.10.2025, I Raja Kishore Rout resident village- Achyutrajpur, Po/Ps- Banapur, Dist- khordha, Odisha, PIN- 752031 declare that I have changed my name from Raj Kishore Rout to Raja Kishore Rout. Henceforth I shall be known as **RAJA KISHORE ROUT** for all purposes.

**Raja Kishore Rout**

**AFFIDAVIT**

By virtue of an affidavit, sworn before Executive Magistrate, Bhubaneswar dtd. 27.10.2025 I, **Pragnyasini Bej**, Address: At- Nuasasan, Po- Gopei, Ps- Kudanagari, Dist- Kendrapara, Pin- 754223, Odisha, declare that I have changed my name from **Pragyanswani Bej to Pragnyasini Bej.** Henceforth, I shall be known as **Pragnyasini Bej** (new name) for all purpose.

**Pragnyasini Bej**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated- 27/10/2025. I, **Shree Gopal Samal,** S/o Vijay Kumar Samal, Address: Hakimpada, House No. 032, PO- Hakimpada, Near Old Bambo Office, Near Vijay Food Products, Angul, PIN- 759143, Odisha declare that I have changed my name from **Gopal Samal to Shree Gopal Samal.** Henceforth, I shall be known as **Shree Gopal Samal** (new name) for all purposes.

**Shree Gopal Samal**

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, bearing affidavit no.-1098, dated 27.10.2025 I, Bhajan Nayak, S/o- Late Jitendra Nayak, resident of Dhoba Sahi, Po./Ps./Dist.- Nabarangpur, Odisha, Pin- 764059 declare that, I have changed my son's name from **Akhyansri Nayak** to **Arashi Nayak**. Henceforth, she shall be known as **Arashi Nayak** for all future purposes.

Sd/- Bhajan Nayak

**AFFIDAVIT**

I, Manju Agarwalla, aged about 55 years, W/o- Sunil Kumar Agrawal, resident of Hemgir, Po- Hemgir, Ps- Hemgiri, Dist- Sundergarh, Odisha, PIN- 770013 declare by this affidavit No. 2191, dtd. 27/10/2025, that now onwards I shall be known as **MANJU AGRAWAL** for all future purposes.

**OFFICE OF THE PRINCIPAL-CUM-SECRETARY**
**MAA MARKAMA +3 COLLEGE, BISSAM CUTTACK, DIST: RAYAGADA.**
mmdegreecollege@gmail.com

**CORRIGENDUM**
**WALK-IN-INTERVIEW**

In pursuance to the advertisement published in Page No – 09 dated- 18.10.2025 the revised scheduled time of interview is as follows.

| Sl. No | Name of the Post | No of Post | Previous Date & Time | Age | Revise Date and Time |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Peon (ST Category) | 01 | 02.11.2025 11 A.M. | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | 09.11.2025 11 A.M. | As per Govt. norms | 11.11.2025 11 A.M. |

-sd-
Principal-cum-Secretary
Maa Markama +3 College, Bissamcuttack
https://mmplus3college.in/

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: **www.birdgroup.co.in**

**NOTICE OF 98TH ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 98th Annual General Meeting of Eastern Investments Limited through video conferencing/ other audio visual means.

In this regards Notice is hereby given that the 98th Annual General Meeting (AGM) of Eastern Investments Limited (the 'Company') will be held on Tuesday, 18th November, 2025 at 12:30 p.m. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 98th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. **www.birdgroup.co.in** websites of stock exchanges i.e. **www.cse-india.com** and on the website of NSDL at **www.evoting.nsdl.com**.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 98th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: **rta@cbmsl.com**. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. **www.evoting.nsdl.com** or refer to the instructions as mentioned in the Notice of 98th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 98th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 98th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com**.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

ବାତ୍ୟା 'ମୋନ୍ଥା'ର ପ୍ରଭାବ

# ଅଶାନ୍ତ ସମୁଦ୍ର; ଆସୁଛି ଉଚ୍ଚ ଜୁଆର





ବ୍ରହ୍ମପୁର,୨୭ ।୧୦(ସମିସ): ବାତ୍ୟା ମୋନ୍ଥା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ସମୁଦ୍ର ଅଶାନ୍ତ ହୋଇପଡ଼ିଛି । ସମୁଦ୍ରର ଉଚ୍ଚ ଜୁଆର କୂଳ ପର୍ଯ୍ୟନ୍ତ ମାଡ଼ି ଆସୁଛି । ଏହି କ୍ରମରେ ଗୋପାଳପୁର ଅଞ୍ଚଳରେ ବର୍ଷା ଓ ପବନ ଜାରି ରହିଛି । ପ୍ରଶାସନ ନିଜକୁ ବେଶ୍ ସଜାଗ କରିବା ସହ ଲୋକଙ୍କ ଧନଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ସୋମବାର ପୂର୍ବାହ୍ନରେ ଗୋପାଳପୁର ପହଞ୍ଚି ବେଳାଭୂମି ପରିଦର୍ଶନ କରିବା ସହ ସ୍ଥିତି ତଦାରଖ କରିଥିଲେ । ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ସମସ୍ତ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ । ସେହିଭଳି ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବେଳାଭୂମିକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ଏଣୁ ବେଳାଭୂମି

## ଖୋଲିଲା ବିଭିନ୍ନ ଜଳଭଣ୍ଡାର ଗେଟ୍, ସ୍ଥାନାନ୍ତରକୁ ଗୁରୁତ୍ୱ

ଖାଁ ଖାଁ ରହିଛି । ବାତ୍ୟା ପ୍ରଭାବରେ ଗୋପାଳପୁରରେ ମେଘୁଆ ପାଗ ସହ ସାମାନ୍ୟ ବର୍ଷା ଦେଖାଦେଇଛି । ଏହା ପ୍ରଭାବରେ ଗୋପାଳପୁର ସମୁଦ୍ର ଅଶାନ୍ତ ରହିଥିବାରୁ ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି ।

ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାର ବାଘଲଟି, ଘୋଡ଼ାହାଡ଼ ସମେତ ବିଭିନ୍ନ ଜଳଭଣ୍ଡାର ଗେଟ୍ ଖୋଲିଥିବା ସୂଚନା ମିଳିଛି । ଏଣୁ ନଦୀ ଓ କେନାଲ ତଟବର୍ତ୍ତୀ ତଳି ଗାଁଗୁଡ଼ିକୁ ସଚେତନ କରାଯାଇଛି । ଏଥିସହ ରଙ୍ଗେଇଲୁଣ୍ଡା, ଛତ୍ରପୁର, ସୋରଡ଼ା ଓ ପାତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳ ବାସିନ୍ଦାଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଅଥବା ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବିଶେଷକରି, ପାତ୍ରପୁର ଓ ସୋରଡ଼ା ବ୍ଲକରେ ପାହାଡ଼ୀ ଇଲାକାରେ ରହୁଥିବା ଜନସାଧାରଣଙ୍କ ସ୍ଥାନାନ୍ତରକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ।

# ଆଜିଠୁ ୩ ଦିନ ଭସାପୋଲ ବନ୍ଦ



ବ୍ରହ୍ମଗିରି, ୨୭।୧୦(ସମିସ): ମାଡ଼ିଆସୁଛି ବାତ୍ୟା 'ମୋନ୍ଥା' । ଏହାର ପ୍ରଭାବରେ ସୋମବାର ଅପରାହ୍ଣ ୨ଟା ପରଠାରୁ କୃଷ୍ଣପ୍ରସାଦ ଓ ଆଖପାଖ ଅଞ୍ଚଳରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି । ବାତ୍ୟାକୁ ଦୃଷ୍ଟିରେ ରଖି ସାତପଡ଼ାଠାରୁ ଜହ୍ନିକୁଦ ଯାଉଥିବା ଭସାପୋଲକୁ ଆସନ୍ତା ୩ ଦିନ ପାଇଁ ବନ୍ଦ କରିଦିଆଯାଇଛି । ସେହିପରି ଚିଲିକାକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ଫଳରେ ଚିଲିକା କୂଳରେ ଶହଶହ ଡଙ୍ଗା ଆସି ପହଞ୍ଚିଛି । ସେପଟେ, ବର୍ଷା ଯୋଗୁଁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି । ସେହିପରି ବର୍ଷା ଯୋଗୁଁ ଏକରଏକର

## ଆରମ୍ଭ ହେଲାଣି ବର୍ଷା; ଚିନ୍ତାରେ ଚାଷୀ

ଚାଷ ଜମିରେ ଧାନ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଶହଶହ ଚାଷୀ ପରିବାର ଏବେ ଚିନ୍ତାରେ ପଡ଼ିଛନ୍ତି । ଆସନ୍ତା ୨୮ ତାରିଖରେ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବା ବେଳେ ଭୀଷଣ ବର୍ଷା ହେବାର ସମ୍ଭାବନା ଥିବା ନେଇ ସାଧାରଣରେ ପ୍ରଚାର ହେଉଥିବାରୁ କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳର ଚାଷୀ ପରିବାରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଛନ୍ତି । ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ସମୁଦ୍ର ମଝିରେ ଫସିଲା ୪୦ରୁ ଊର୍ଦ୍ଧ୍ୱ ଟ୍ରଲର୍

ଛତ୍ରପୁର,୨୭ ।୧୦(ସମିସ): ସୋମବାର ଅପରାହ୍ଣରେ ଛତ୍ରପୁର ଉପକଣ୍ଠ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ୪୦ରୁ ଅଧିକ ଟ୍ରଲର୍ ଫସି ରହିଛି । ଏହା ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ କାକିନଡ଼ା ଅଞ୍ଚଳର ବୋଲି ସୂଚନା ମିଳିଛି । ତୁରନ୍ତ ଏହି ସବୁ ଟ୍ରଲରଗୁଡ଼ିକୁ ବନ୍ଦର ବର୍ଥକୁ ସୁରକ୍ଷିତ ଭାବେ ଅଣାଯାଇଥିଲା । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ନେଇ ସେମାନଙ୍କୁ ସୁରକ୍ଷିତ ଭାବେ ବର୍ଥ ନିକଟକୁ ଅଣାଯାଇଥିଲା । ସମ୍ଭାବ୍ୟ ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ଆଗକୁ ଯାଇପାରି ନଥିଲେ । ଶେଷରେ ସେମାନେ ଆର୍ଯ୍ୟପଲ୍ଲୀ ନିକଟରେ ଫସି ରହିଥିଲେ । ସେମାନଙ୍କ ନିକଟକୁ କୋଷ୍ଟଗାର୍ଡ ଯାଇ ସେମାନଙ୍କୁ ଗୋପାଳପୁର ବର୍ଥଠାରେ ଲଙ୍ଗର ପକାଇଥିଲେ । ସେମାନଙ୍କୁ ଗଞ୍ଜାମ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି । ଏହି ଟ୍ରଲର୍ ସଂଖ୍ୟା ଆଗକୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି ।

# ଗୋପାଳପୁର ବନ୍ଦରକୁ ୨ ନମ୍ବର ବିପଦ ସଂକେତ

ବ୍ରହ୍ମପୁର, ୨୭ ।୧୦(ସମିସ): ବାତ୍ୟା 'ମୋନ୍ଥା' ପାଇଁ ଗୋପାଳପୁର ବନ୍ଦରକୁ ୨ନମ୍ବର ବିପଦ ସଂକେତ ଜାରି ହୋଇଛି । ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ, ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ, ବୁଧବାର ସକାଳ ସାଢ଼େ ୮ଟାରୁ ଗୁରୁବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଆଜି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗୋପାଳପୁରରେ ୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଆଜି ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୧୨.୬ମିମି ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି ।

■ ଆନ୍ଧ୍ରରେ ପ୍ରବଳ ବର୍ଷା

# ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ଖୋଲିଲା ୬ଟି ଗେଟ୍



କୋରାପୁଟ/ଲମତାପୁଟ,୨୭।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ରବିବାର ଅପରାହ୍ନଠାରୁ ଉତ୍ତର ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହି ଥିବାରୁ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷ ସଜାଗ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଜଳାପୁଟ ଓ ଡି - ଡ୍ୟାମର ୬ଟି ଗେଟ୍ ଖୋଲି ଜଳ ନିଷ୍କାସନ ଆରମ୍ଭ କରିଛନ୍ତି । ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାର ଜଳାପୁଟର ୪ଟି ଗେଟ୍ ଖୋଲାଯାଇ ୧୬ହଜାର କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି ।

ଜଳାପୁଟ ଜଳ ଭଣ୍ଡାରର ବିପଦ ସଂକେତ ୨୭୫୦ ଫୁଟ୍ ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ୨୭୪୭.୭୫ ଫୁଟ୍‌ରେ ରହିଛି । ବିପଦ ସଂକେତର ଅତି ନିକଟରେ ଜଳସ୍ତର ଥିବାରୁ ଗେଟ୍ ଖୋଲାଯାଇଥିବା ଜଣାଯାଇଛି । ସେହିପରି ମାଛକୁଣ୍ଡ ଡି.ଡ୍ୟାମରୁ ମଧ୍ୟ ୨ଟି ଗେଟ୍ ଖୋଲାଯାଇ ପ୍ରତି ସେକେଣ୍ଡରେ ୧୨ ହଜାର କ୍ୟୁସେକ ଜଳ ଛଡ଼ାଯାଉଛି । ଡି.ଡ୍ୟାମ୍‌ର ବିପଦସଂକେତ ୨୫୯୦ ଫୁଟ ରହିଥିବା ବେଳେ ବର୍ତ୍ତମାନ ତାହା ୨୫୮୩ ଫୁଟ୍ ରହିଛି । ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଉପରମୁଣ୍ଡରେ ଲଗାଣ ବର୍ଷା ହେଲେ ଜଳାପୁଟ ଜଳଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଇଥାଏ । ୨ ଦିନ ଧରି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଯୋଗୁଁ ଜଳସ୍ତର ବୃଦ୍ଧି କାରଣରୁ ୨ଟି ଜଳ ଭଣ୍ଡାରର ୬ଟି ଗେଟ୍ ଖଲା ଯାଇ ପ୍ରତି ସେକେଣ୍ଡରେ ୨୮ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଅଭିଯୁକ୍ତ ଫେରାର୍ ହୋଇଥିବା ଗାଡ଼ି ଖଣ୍ଡଗିରିରୁ ଜବତ!

■ ପୁଲିସ କବ୍‌ଜାରେ ଫେରାର୍ ଉମାର ଭାଇ ବଂଶୀର କାର୍
■ କାଳିଆ ଜେନା ହତ୍ୟା ଉଦ୍ୟମ ମାମଲାରେ 'ବଂଶୀ' ଜେଲ୍‌ରେ
■ ଆଉ ଜଣେ ଅଟକକୁ ପଚରାଉଚରା



ବ୍ରହ୍ମପୁର, ୨୭ ।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସକୁ ଆଉ ଏକ ସଫଳତା ମିଳିଛି । ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ତଥା ଫେରାର୍ ଉମା ବିଶୋୟୀର ଭାଇ ବଂଶୀ ବିଶୋୟୀ ନାମରେ ଥିବା ଏକ ଏର୍ଟିଗା କାର୍‌କୁ ପୁଲିସ ଜବତ କରିଛି । (ଓଡି୦୨ଡିଇ୩୪୭୯) ନମ୍ବର ବିଶିଷ୍ଟ ଏହି କାର୍‌ଟିକୁ ପୁଲିସ ଖଣ୍ଡଗିରି ଅଞ୍ଚଳରୁ ଜବତ କରିଥିବା ଜଣାଯାଇଛି । ଗାଡ଼ିଟି ହତ୍ୟାକାଣ୍ଡରେ ଅଥବା ହତ୍ୟାକାଣ୍ଡ ପରେ ଉମା ଓ କୁରୁପତିଙ୍କ ଫେରାର୍ ହେବାରେ ନିୟୋଜିତ ହୋଇଥିବା ପୁଲିସ ସନ୍ଦେହ କରୁଛି । ସେପଟେ ଗାଡ଼ି ମାଲିକ ବଂଶୀ ବିଶୋୟୀ ଗତ ଜୁଲାଇ ୨୫ ତାରିଖରେ ଶେରଗଡ଼ ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ କାଳିଆ ଜେନା ନାମକ ଜଣେ ବ୍ୟକ୍ତିଙ୍କ ଉପରେ ହୋଇଥିବା ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇ ବର୍ତ୍ତମାନ ଆସିକା ଜେଲରେ ଥିବା ଜଣାପଡ଼ିଛି । ଫଳରେ ପୀତବାସଙ୍କୁ ହତ୍ୟା କରିବା ପରେ ବଂଶୀର ଗାଡ଼ିକୁ ଉମା ବ୍ୟବହାର କରିଥିବା ନେଇ ପୁଲିସର ସନ୍ଦେହ ଘନୀଭୂତ ହୋଇଛି । ଜବତ ଗାଡ଼ିର ନମ୍ବରକୁ ନେଇ ପୁଲିସ ବିଭିନ୍ନ ଟୋଲଗେଟ୍ ଓ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରିଛି ।

ଅନ୍ୟପକ୍ଷରେ, ବ୍ରହ୍ମପୁରରେ ମଧ୍ୟ ପୁଲିସ ଜଣେ ବ୍ୟକ୍ତିଙ୍କୁ ଏକ ଗୁପ୍ତ ସ୍ଥାନରେ ଅଟକ ରଖି ଜେରା କରୁଥିବା ବେଳେ ପୁଲିସର ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ ଜାରି ରହିଛି । ଅଭିଯୁକ୍ତଙ୍କ ମୋବାଇଲ ସିଡିଆର୍ ଆଧାରରେ ବହୁ ବ୍ୟକ୍ତିଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଛାଡ଼ି ଦେଇଥିବା ବେଳେ ଆଗକୁ ଅନେକଙ୍କୁ ଡାକି ପଚରାଉଚରା କରିବ ବୋଲି ସୂଚନା ମିଳିଛି ।

● ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

# ଆଜି ସିଡି ଦାଖଲ କରିବ କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, ୨୭ ।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ଆସନ୍ତାକାଲି(ମଙ୍ଗଳବାର) କେସ୍ ଡାଏରୀ (ସିଡି) ଦାଖଲ କରିବ । ଗିରଫ ୧୨୩ ଜଣଙ୍କ ମଧ୍ୟରୁ ୧୧୩ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଜାମିନ ଆବେଦନ କରିଥିବା ବେଳେ ମଙ୍ଗଳବାର ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏହି ମାମଲାରେ ମୁଖ୍ୟ ଦଲାଲ ମୁନା ମହାନ୍ତିଙ୍କ ସମେତ ମୋଟ ୧୨୩ଜଣ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି । ତେବେ କେଳେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ତାଙ୍କ ପତ୍ନୀ ଦୀପ୍ତିମୟୀ ସାହୁ ଏଯାବତ୍ ଫେରାର୍ ଅଛନ୍ତି । ଉଭୟଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଫଳ ହୋଇଛି । ସେପଟେ ଶଙ୍କର ଓ ତାର ପତ୍ନୀ ଦୀପ୍ତିମୟୀ ସାହୁ ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଏହି ମାମଲାର ତଦନ୍ତ ସିବିଆଇ କରିବ ବୋଲି ଜଣାପଡ଼ିଛି । ତେବେ ସିବିଆଇ ଜାଲରେ ଫେରାର୍ ଶଙ୍କର ପଡୁଛି ଅଥବା ନାହିଁ, ତାହା ଆଗାମୀ ଦିନରେ ଜଣାପଡ଼ିବ ।

# ବିନା ପୋଖରୀରେ ପୁନରୁଦ୍ଧାର କାର୍ଯ୍ୟ

■ ଖୋଜିଲେ ମିଳୁନି ଦାଣ୍ଡି କିଆରୀ
■ ବିପୁଳ ଅର୍ଥ ତୋଷରପାତ ଅଭିଯୋଗ



କଙ୍କଡ଼ାହାଡ଼,୨୭।୧୦(ସମିସ): ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକକୁ ଆକାଂକ୍ଷୀ ବ୍ଲକ ଭାବେ ମନୋନୀତ କରାଯାଇ ଅନ୍ୟ ବିକଶିତ ଅଞ୍ଚଳ ଭଳି ବିକାଶ କ୍ଷେତ୍ରରେ ଆଗେଇ ନେବାପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି । ମାତ୍ର ଏହାର ସୁଯୋଗ ନେଇ କିଛି ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ସରକାରୀ ଅଧିକାରୀଙ୍କ ମିଶି ଯାବତୀୟ ଅନିୟମିତତାରେ ଲିପ୍ତ ଅଛନ୍ତି । ଏହାର ଉଦାହରଣ ଦେଖିବାକୁ ମିଳିଛି ଗଡ଼ପଳାଶୁଣି ପଞ୍ଚାୟତରେ । ଜଙ୍ଗଲ ମଧ୍ୟରେ ପୋଖରୀ ଥିବା ଦର୍ଶାଇ ଏହାର ପୁନରୁଦ୍ଧାର ବାବଦରେ ବିପୁଳ ଅର୍ଥ ବ୍ୟୟ ହୋଇଥିବା ଅଭିଯୋଗ ହୋଇଛି ।

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ଜରଡ଼ା ଗାଁ ରେ କୌଣସି ପୋଖରୀ ନ ଥାଇ ସୁଦ୍ଧା ମନରେଗା ଯୋଜନାରେ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ଜରଡ଼ା ଗ୍ରାମ ସନ୍ନିକଟ ଏକ ପାହାଡ ପାଦ ଦେଶରେ ଏକ ଜାଗାକୁ ସାମାନ୍ୟ ହୁଡ଼ା ଟେକି ଦେଇ ଦାଣ୍ଡି କିଆରୀ ପୋଖରୀର ପୁନଃରୁଦ୍ଧାର ଦର୍ଶାଇ ମିଥ୍ୟା ବିଲ କରାଯାଇଥିବା ସୂଚନା ମିଳିଛି । ୱାର୍କ କୋଡ଼ -୨୪୦୭୦୦୫୦୦୮/ ଡ଼ବ୍ଲ୍ୟୁଏଚ୍ /୧୦୯୫୦୭୮୭)ରେ ଏ ବାବଦରେ କେତେ ଟଙ୍କା ବ୍ୟୟ ହୋଇଛି ତାହା ଅନୁସନ୍ଧାନସାପେକ୍ଷ । ସରକାରୀ ବ୍ୟବସ୍ଥା ଅନୁସାରେ ଗାଁ ସାଥୀ ସମସ୍ତ ଶ୍ରମିକମାନଙ୍କର ଏନଏମ୍‌ଏମ୍‌ଏସ ଆପ ଜରିଆରେ ଫଟୋ ଉଠାଯାଇ ଉପସ୍ଥାନ ନିଆଯିବା କଥା । ଏହାପରେ ମଷ୍ଟରୋଲ ବାହାରିବା ପରେ ଦେୟ ପ୍ରଦାନ କରାଯିବାର ନିୟମ ରହିଛି । ମାତ୍ର ପୋଖରୀ ନ ଥାଇ କିପରି ପୋଖରୀ ପୁନରୁଦ୍ଧାର ହେଲା ତାହା ଏବେ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ଏପରିକି ଏହି ଅନିୟମିତତାରେ ଗାଁ ସାଥୀ ଓ ଜିଆର୍‌ଏସ୍‌ଙ୍କ ଭୂମିକା ଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ଜିଆର୍‌ଏସ୍ ଏ ସମ୍ପର୍କରେ ଅଭିଯୋଗକୁ ହାଲୁକା ଭାବରେ ନେଇ କମ୍ ଟଙ୍କା ଦିଆଯାଇଥିବା କହିବା ଘଟଣାକୁ ରହସ୍ୟାବୃତ୍ତ କରିଛି । ଅନ୍ୟପକ୍ଷରେ ଦୁର୍ନୀତିମୁକ୍ତ କଙ୍କଡ଼ାହାଡ଼ ସ୍ଲୋଗାନ ଦେଉଥିବା ଶାସକ ଦଳର ସ୍ଥାନୀୟ ରାଜନେତାଙ୍କ ଜ୍ଞାତସାରରେ ଏପରି ଅନିୟମିତତା ହୋଇଥିବା କିଛି ଗ୍ରାମବାସୀ ମଧ୍ୟ ଅଭିଯୋଗ କରିଛନ୍ତି ।

# ମହୁମାଛି ଆକ୍ରମଣରେ ବ୍ୟବସାୟୀଙ୍କ ମୃତ୍ୟୁ

ଜୟପୁର, ୨୭ ।୧୦(ସମିସ): ମହୁମାଛି ଆକ୍ରମଣରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ଜୟପୁର ପାରାବେଡ଼ାର ବାସିନ୍ଦା ବ୍ୟବସାୟୀ ପ୍ରଦୀପ ସାହୁ(୬୨) । ଆଜି ମଧ୍ୟାହ୍ନରେ ସେ ପଲକାପୁଟ ଗ୍ରାମ ନିକଟସ୍ଥ ନୂଆଗୁଡ଼ାଠାରେ ଥିବା ଇଟା କାରଖାନାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣର ଶିକାର



ହୋଇଥିଲେ । କାରଖାନା ପରିସରରେ ଥିବା ଏକ ମହୁମାଛି ବସାରୁ ହଠାତ୍ ପୁଳାପୁଳା ମହୁମାଛି ବାହାରି ପ୍ରଦୀପ, ତାଙ୍କର ଜଣେ ସହଯୋଗୀ ଏବଂ କାରାଖାନାର ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଜୀବନ ବିକଳରେ ପ୍ରଦୀପ ନିଜ କାର୍‌ରେ ବସି ପଲକାପୁଟ ଗ୍ରାମ ନିକଟକୁ ଆସିଥିଲେ । ସେତେବେଳକୁ ତାଙ୍କ ଅବସ୍ଥା ଅଧିକ ବିଗିଡ଼ି ଯାଇଥିଲା । ପରିବାରଲୋକେ ତାଙ୍କୁ ଏକ ଅଟୋରେ ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ତାଙ୍କ ମୃତ୍ୟୁ ହୃଦ୍‌ଘାତଜନିତ ବୋଲି କୁହାଯାଉଛି । ତାଙ୍କ ପିଠିସାରା ମହୁମାଛି କାମୁଡ଼ା ଚିହ୍ନ ରହିଛି । ସେହିପରି ତାଙ୍କର ସହଯୋଗୀଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ପିଣ୍ଟୁ ପାଇଁ ଜିଲ୍ଲାର ସବୁ ଜେଲ୍ ଅସୁରକ୍ଷିତ!

ବ୍ରହ୍ମପୁର, ୨୭ ।୧୦ (ସମିସ): ଜେଲ୍ ଆଉ ସୁରକ୍ଷିତ ନୁହେଁ । ଅଭିଯୁକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିପାରୁନାହାନ୍ତି କର୍ତ୍ତୃପକ୍ଷ । ତେଣୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରୁଛନ୍ତି । ଏଭଳି ଘଟଣା ଏବେ ଦେଖିବାକୁ ମିଳିଛି ବ୍ରହ୍ମପୁରରେ । ବିଭିନ୍ନ କାରଣ ଦର୍ଶାଇ ଜେଲ କର୍ତ୍ତୃପକ୍ଷ ନିଜଆଡୁ ପିଣ୍ଟୁ ଦାଶଙ୍କ ଭଳି ଜଣେ ଅଭିଯୁକ୍ତଙ୍କୁ ଜେଲ୍‌ରେ ରଖିବାକୁ ମନା କରିବା ପରେ ଏହା ସ୍ପଷ୍ଟ ବାରି ହୋଇପଡ଼ିଛି । ନିକଟରେ ଚୌଦ୍ୱାର ଜେଲରୁ ଦୁଇଜଣ ଦୁର୍ଦ୍ଦାନ୍ତ ଅପରାଧୀ ଚମ୍ପଟ ମାରିଥିବା ବେଳେ ବ୍ରହ୍ମପୁର ବାଳିକା ପର୍ଯ୍ୟବେକ୍ଷଣ ଆବାସରୁ ଦୁଇଜଣ ନାବାଳିକା ଚମ୍ପଟ ମାରିଥିଲେ । ଉଭୟ ଘଟଣାରେ କାହାରିକୁ ଏପର୍ଯ୍ୟନ୍ତ କାବୁ କରାଯାଇପାରିନାହିଁ । ଏହା ଦୁର୍ବଳ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି । ଏଭଳି ସ୍ଥିତିରେ ବର୍ତ୍ତମାନ ଜେଲ୍ କର୍ତ୍ତୃପକ୍ଷ ନିଜଆଡୁ ଜଣେ ଅପରାଧୀଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଆରମ୍ଭରୁ ହିଁ ନିଜର ଅସହାୟତା ପ୍ରକାଶ କରି ହାତ ଟେକିଦେବା ଘଟଣା ଜେଲର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରଖାଯାଇଛି । କିନ୍ତୁ ସେଠାରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବ୍ରହ୍ମପୁର ଜେଲ୍ କର୍ତ୍ତୃପକ୍ଷ କୋର୍ଟକୁ ଅବଗତ କରାଇଥିଲେ । ପିଣ୍ଟୁଙ୍କୁ ଜିଲ୍ଲା ବାହାରକୁ ଅର୍ଥାତ୍ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ଫୁଲବାଣୀ ଜେଲ୍‌କୁ ପିଣ୍ଟୁଙ୍କୁ ସ୍ଥାନାନ୍ତର କଥା ଜାଣି ପିଣ୍ଟୁଙ୍କ ପରିବାର ପକ୍ଷରୁ ପ୍ରତିବାଦ କରାଯାଇଥିଲା । ତାଙ୍କୁ ଫୁଲବାଣୀ ପରିବର୍ତ୍ତେ ବ୍ରହ୍ମପୁର ଆଖପାଖର କୌଣସି ଜେଲକୁ ସ୍ଥାନାନ୍ତର କରାଯାଉ ବୋଲି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ନିବେଦନ କରିଥିଲେ । ପିଣ୍ଟୁଙ୍କ ଓକିଲ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ହିଁ ରଖିବାକୁ ଯୁକ୍ତି ବାଢ଼ିଥିଲେ । ପିଣ୍ଟୁ ଦାଶ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଭଳି ସଙ୍ଗୀନ ମାମଲାରେ ଗିରଫ ହୋଇଥିବାରୁ ତାଙ୍କୁ ଛତ୍ରପୁର, କୋଦଳା କିମ୍ବା ଦିଗପହଣ୍ଡି ଭଳି କୌଣସି ଉପକାରାଗାର ବା ସବ୍ ଜେଲରେ ରଖାଯାଇପାରିବ ନାହିଁ । ତାଙ୍କୁ ନିୟମ ପ୍ରକାରେ



■ ବ୍ରହ୍ମପୁର, ଭଞ୍ଜନଗର ଜେଲ୍ କର୍ତ୍ତୃପକ୍ଷଙ୍କ ଅସହାୟତା
■ ବ୍ରହ୍ମପୁର ଜେଲ୍‌ରେ ରଖିବାକୁ ଯୁକ୍ତିକଲେ ପିଣ୍ଟୁଙ୍କ ଓକିଲ
■ ୨୯ ରେ କଡ଼ା ସୁରକ୍ଷାରେ ଯିବେ ଫୁଲବାଣୀ ଜେଲ୍

ପିଣ୍ଟୁଙ୍କ ନାମରେ ପୂର୍ବରୁ ୩୮ଟି ଅପରାଧିକ ମାମଲା ରହିଥିବା ବେଳେ ସେଗୁଡ଼ିକର ବିଚାରଣା ବ୍ରହ୍ମପୁରର ବିଭିନ୍ନ କୋର୍ଟରେ ଜାରି ରହିଛି । ସେହିଭଳି ତାଙ୍କର ସ୍ୱାସ୍ଥ୍ୟଗତ କାରଣ ଥିବା ଦର୍ଶାଇଥିଲେ । ଫଳରେ ପିଣ୍ଟୁଙ୍କୁ ଭଞ୍ଜନଗର କିମ୍ବା ଆସିକା ସ୍ୱତନ୍ତ୍ର ଜେଲକୁ ସ୍ଥାନାନ୍ତର ପାଇଁ ଚିନ୍ତା କରାଯାଇଥିଲା । ତେବେ ସୋମବାର ଭଞ୍ଜନଗର ଜେଲ କର୍ତ୍ତୃପକ୍ଷ ପିଣ୍ଟୁଙ୍କୁ ରଖିବାକୁ ଅସହାୟତା ପ୍ରକାଶ କରିଥିଲେ । ଫଳରେ ଉଭୟ ବ୍ରହ୍ମପୁର ଓ ଭଞ୍ଜନଗର ଜେଲରେ ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ଥିବା ଓ ତାଙ୍କୁ ସୁରକ୍ଷା ଦେବାରେ କର୍ତ୍ତୃପକ୍ଷ ଅସହାୟତା ପ୍ରକାଶ କରିଥିବା ପିଣ୍ଟୁଙ୍କ ଓକିଲ ଶିବନାରାୟଣ ସାହୁଙ୍କଠାରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ, ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଣ୍ଡଳ କାରାଗାର ଅଥବା ସ୍ୱତନ୍ତ୍ର କାରାଗାରରେ ହିଁ ରଖାଯାଇପାରିବ । ସେପଟେ ଜିଲ୍ଲାରେ ବ୍ରହ୍ମପୁରରେ କେବଳ ଗୋଟିଏ ମଣ୍ଡଳ କାରାଗାର ଥିବା ବେଳେ ଆସିକା ଓ ଭଞ୍ଜନଗରରେ ଦୁଇଟି ସ୍ୱତନ୍ତ୍ର କାରାଗାର ରହିଛି । ହେଲେ ଭଞ୍ଜନଗର ଜେଲରେ ଦୁର୍ଦ୍ଦାନ୍ତ ତଥା ପିଣ୍ଟୁଙ୍କ ଶତ୍ରୁ ଗୋଷ୍ଠୀର ଅପରାଧୀ ଥିବାରୁ ପିଣ୍ଟୁଙ୍କୁ ସୁରକ୍ଷା ଯୋଗାଇବା ସମ୍ଭବପର ନୁହେଁ ବୋଲି ଜେଲ କର୍ତ୍ତୃପକ୍ଷ ଦର୍ଶାଇଥିବା ଆଇନଜୀବୀ ଶିବ ନାରାୟଣ ସାହୁଙ୍କଠାରୁ ସୂଚନା ମିଳିଛି । ସେହିଭଳି ଆସିକା ଜେଲରେ ମଧ୍ୟ କଏଦୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ସେଠାରେ ମଧ୍ୟ ସମାନ ସ୍ଥିତି । ଏଭଳି ସ୍ଥିତିରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଆସନ୍ତା ୨୯ ତାରିଖରେ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: **omdc.sec.dept@gmail.com**

**NOTICE OF 114 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 114th Annual General Meeting of The Bisra Stone Lime Company Limited through video conferencing/ other audio visual means.

In this regards Notice is hereby given that the 114th Annual General Meeting (AGM) of The Bisra Stone Lime Company Limited (the 'Company') will be held on Tuesday, 18th November, 2025 at 12:00 Noon IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 114th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. **www.birdgroup.co.in** websites of stock exchanges i.e. **www.cse-india.com** and on the website of NSDL at **www.evoting.nsdl.com**.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 114th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: **rta@cbmsl.com**. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. **www.evoting.nsdl.com** or refer to the instructions as mentioned in the Notice of 114th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 114th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 114th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com**.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୧- ବଙ୍ଗଳାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୮୬୭- ଭଗିନୀ ନିବେଦିତାଙ୍କ ଜନ୍ମ।
- ୧୮୯୧- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୭୩୦୦ ଲୋକଙ୍କ ମୃତ୍ୟୁ।
- ୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ ଗ୍ରୀସ୍ ଉପରେ ଆକ୍ରମଣ କଲା।
- ୨୦୦୯- ପାକିସ୍ତାନର ପେଶୱାର ସହରରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୧୭ ଲୋକଙ୍କ ମୃତ ଓ ୨୦୦ରୁ ଅଧିକ ଆହତ।

## ବାରମ୍ବାର ଖାଦ୍ୟ ଗରମ
# ବଢ଼ାଏ କର୍କଟ ଆଶଙ୍କା



ଗରମ ଗରମ ଖାଦ୍ୟ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହି କାରଣରୁ ଅନେକ ଖାଦ୍ୟ ଥଣ୍ଡା ହୋଇଗଲା ପରେ ବି ଗରମ କରି ଖାଆନ୍ତି। ହେଲେ ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ଦ୍ୱାରା ପୋଷକତତ୍ତ୍ୱ ନଷ୍ଟ ହୋଇଯିବା ସହ ଏହା ବିଷାକ୍ତ ହୋଇଯାଇଥାଏ। ଏହି ଅଭ୍ୟାସ କେବଳ ପାଚନତନ୍ତ୍ର ଉପରେ ପ୍ରଭାବ ପକାଏ ତାହା ନୁହେଁ, ବରଂ ଶରୀରରେ ବିଷାକ୍ତ ପଦାର୍ଥ ଜମା କରି ଗମ୍ଭୀର ରୋଗର କାରଣ ସାଜେ। ଆୟୁର୍ବେଦ ଅନୁସାରେ, ବାରମ୍ବାର ଗରମ କରାଯାଉଥିବା ଖାଦ୍ୟ ଖାଇଲେ ଶରୀରକୁ ଶକ୍ତି ମିଳେନାହିଁ। ଏଭଳି ଖାଦ୍ୟ ଭଲ ଭାବେ ହଜମ ମଧ୍ୟ ହୋଇ ନ ଥାଏ। ଶରୀରକୁ ଧୀରେ ଧୀରେ ଦୁର୍ବଳ କରିବା ସହ ଏହା ରୋଗ ମଧ୍ୟ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ରନ୍ଧା ଖାଦ୍ୟକୁ ଆଉଥରେ ଗରମ କରିବା ସମୟରେ ଏହାର ତାପମାତ୍ରା ପାଖାପାଖି ୭୦ ଡିଗ୍ରୀ ସେଲିସିୟସ୍ ଥିବା ଦରକାର, ଯଦ୍ୱାରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ତେବେ ଖାଦ୍ୟକୁ ମାତ୍ର ଥରେ ଗରମ କରିବା ଆବଶ୍ୟକ। ବାରମ୍ବାର ଖାଦ୍ୟ ଗରମ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହେବା ସହ କିଛି ଖାଦ୍ୟ ପଦାର୍ଥରେ କର୍କଟକାରକ ରସାୟନ ସୃଷ୍ଟି ହୋଇଥାଏ। ଅଣ୍ଡା ଓ ଚିକେନ୍‌କୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ପ୍ରୋଟିନ୍ ସନ୍ତୁଳନ ବିଗିଡ଼ିଯାଏ, ଫଳରେ ଏହା ହଜମ ହେବା କଷ୍ଟକର ହୋଇ ପଡ଼େ। ସେହିଭଳି ରନ୍ଧା ଯାଇଥିବା ଭାତ ଓ ପାସ୍ତାରେ ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଏହାକୁ ଦ୍ୱିତୀୟ ଥର ଗରମ କରିଲେ ବି ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିଯୋଗୁଁ ଫୁଡ୍ ପଏଜନିଂ ହେବା ଆଶଙ୍କା ବୃଦ୍ଧି ପାଏ। ଆଳୁ, ବ୍ରେଡ୍, ଛଣାଛଣି ଖାଦ୍ୟଗୁଡ଼ିକୁ ଗରମ କରିବା ଦ୍ୱାରା ଏକ୍ରିଲାମାଇଡ୍ ନାମକ ରସାୟନ ସୃଷ୍ଟି ହୋଇଥାଏ, ଯାହା କାର୍ସିନୋଜେନିକ ରସାୟନ ଅଟେ। ଏଭଳି ଖାଦ୍ୟ ଦୀର୍ଘଦିନ ଧରି ସେବନ କରିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଯାଏ। ସବୁବେଳେ ତାଜା ଓ ସୀମିତ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ ପାଇଁ ଉଭୟ ଆୟୁର୍ବେଦ ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି।

## ୧୨ ଡିସେମ୍ବରରେ
# 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'



କମେଡି କିଙ୍ଗ୍ କପିଲ ଶର୍ମାଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ର ରିଲିଜ୍ ଡେଟ୍ ଘୋଷଣା ହୋଇଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ କପିଲଙ୍କ ପତ୍ନୀ ଭୂମିକାରେ ଦେଖାଯାଇଥିବା ଚାରିଜଣ ହିରୋଇନ୍‌ଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ୨୦୧୫ରେ ଆସିଥିବା କପିଲଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର କରୁଁ' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ ୧୦ ବର୍ଷ ପରେ ଏହାର ସିକ୍ୱେଲ ଆସିବ। କିଛି ଦିନ ପୂର୍ବରୁ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍ ଜାରି କରିଥିଲେ। ଆଉ ଏବେ କପିଲ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମୋସନ୍ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ପୋଷ୍ଟର୍‌ରେ ଚାରିଜଣ କନିଆ ତାଙ୍କୁ ପାଲିଙ୍କିରେ ଉଠାଇଥିବାର ଦେଖାଯାଇଛନ୍ତି। ଏହା ଡିସେମ୍ବର ୧୨ରେ ପରଦାକୁ ଆସିବ। ଫିଲ୍ମରେ କପିଲଙ୍କ ସହ 'ଫୁକ୍‌ରେ' ଫେମ୍ ମନଜୋତ ସିଂହ, ଆଏଶା ଖାନ, ହୀରା ବରିନା, ପାରୁଲ ଗୁଲାଟି, ତ୍ରିଧା ଚୌଧୁରୀ ନଜର ଆସିବେ। ଏଥିରେ କପିଲ୍ ବିଭିନ୍ନ ଧର୍ମର ଚାରିଜଣ ମହିଳାଙ୍କୁ ବିବାହ କରିଥିବାର ଦେଖାଯିବେ।

## ସପ୍ତାହରେ ୫ ଗ୍ରାମ ପ୍ଲାଷ୍ଟିକ୍ ଖାଉଛନ୍ତି

ବର୍ତ୍ତମାନ ପରିବେଶ ଲାଗି ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା ପାଲଟିଛି। ୱାଲ୍ଡ ୱାଇଡ୍ ଫର୍ ନେଚର୍‌ର ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ୫ ଗ୍ରାମ୍ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ଖାଇଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ଏକ କ୍ରେଡିଟ୍ କାର୍ଡ ଆକୃତିର ପ୍ଲାଷ୍ଟିକ୍ ଖାଇଥାଏ। ଅନ୍ୟପଟେ ପ୍ଲାଷ୍ଟିକ୍ କଣିକା କେତେବେଳେ ପାଣିବୋତଲରେ ତ ଆଉ କେତେବେଳେ ଏହା ପ୍ରଦୂଷିତ ବାୟୁରେ ମିଳିଥାଏ। ସେହିପରି ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ୍ ପ୍ଲାଷ୍ଟିକ୍ ଏବଂ ବର୍ଷକରେ ୨୫୦ ଗ୍ରାମ୍ ପ୍ଲାଷ୍ଟିକ୍ ଜମା ହୁଏ। ଫଳରେ ସମୟ ସହିତ ଏବଂ ଟେକ୍ନୋଲୋଜିର ବିକାଶ ଘଟିବାରୁ ଏହାର ପରିମାଣ ବି ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଯୋଗୁଁ କେବଳ ସ୍ୱାସ୍ଥ୍ୟ ଖରାପ ହୁଏ ତାହା ନୁହେଁ, ବରଂ କର୍କଟ ଭଳି ମାରାତ୍ମକ ରୋଗ ହେବା ଆଶଙ୍କା ବୃଦ୍ଧି ପାଏ। ଯଦି



ପ୍ଲାଷ୍ଟିକ୍ ପରିବେଶ ବା ମାଟିରେ ବିଘଟନ ହେଉ ନାହିଁ, ତେବେ ଶରୀରରେ ଏହା କିଭଳି ବିଘଟନ ହେବ ସେକଥା ଚିନ୍ତା କରିବା ଦରକାର। ତେଣୁ ମାରାତ୍ମକ ରସାୟନ ଏବଂ ପାର୍ଟିକଲରେ ତିଆରି ପ୍ଲାଷ୍ଟିକ୍ କେଉଁ ଭଳି ଭାବେ କ୍ଷତି ପହଞ୍ଚାଇପାରେ ଏଥିରୁ ଅନୁମାନ କରି ହେଉଛି। ଏହାବାଦ୍ ପ୍ଲାଷ୍ଟିକ୍‌ରେ ସୀସା ଏବଂ ଆର୍ସେନିକର ବ୍ୟବହାର ହୁଏ। ଯାହାକି ଅତ୍ୟନ୍ତ ବିଷାକ୍ତ। ରକ୍ତହୀନତା, ଲିମ୍ଫୋମା, ମସ୍ତିଷ୍କ କର୍କଟ, ସ୍ତନ କର୍କଟ ଭଳି ଅନ୍ୟାନ୍ୟ ବଡ଼ ବଡ଼ ରୋଗ ପ୍ଲାଷ୍ଟିକ୍ ଯୋଗୁଁ ହୋଇପାରେ। ଅନ୍ୟପଟେ ଏହି ରୋଗ ମଣିଷ ଶରୀରକୁ ପୂରା ଖରାପ କରିପାରେ। ଏପରିକି ଏହା ଯୋଗୁଁ ଜୀବନ ଯିବା ଆଶଙ୍କା ଅଛି।

## ଅର୍ଥନୈତିକ ବିକାଶ ପଥେ
# ଆଖଣ୍ଡଳମଣି ଏଫ୍‌ପିଓ

**କୃଷକଙ୍କ ଆୟ ବୃଦ୍ଧି, ବଜାର ପ୍ରବେଶକୁ ସୁଦୃଢ଼, ସାମୂହିକ କାର୍ଯ୍ୟ ମାଧ୍ୟମରେ ସଶକ୍ତ କରିବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ପଥ ଦେବାର ଅନନ୍ୟ ଭୂମିକା ତୁଲାଉଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି କୃଷକ ଉତ୍ପାଦକ ସଂଗଠନ। ୫୦୦ ଜଣ ସଦସ୍ୟଙ୍କୁ ନେଇ ୨୦୨୧ ମସିହାରେ ଏହି କୃଷକ ସଂଗଠନ ପଞ୍ଜୀକୃତ ହୋଇଥିଲା। ସଂଗଠନଟି ବାଣିଜ୍ୟିକ ଅଭିବୃଦ୍ଧି ସମେତ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଧ୍ୟମ। ଏହା ସ୍ଥାନୀୟ ଚାଷୀମାନଙ୍କୁ ନିଜ ଉତ୍ପାଦ ବିକ୍ରୟ କରିବା, ସ୍ଥାୟୀ ଆୟ, ଆର୍ଥିକ ସ୍ଥିରତା ଏବଂ ଜୀବନର ଉନ୍ନତ ଗୁଣବତ୍ତା ପ୍ରଦାନ କରିଥାଏ।**



ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ନୂତନ ଜ୍ଞାନକୌଶଳ ପ୍ରୟୋଗ ବ୍ୟବସାୟରେ ଲାଭ କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ। ଏହି ସଂଗଠନଟି ଡାଲି, ପନିପରିବା, କୁକୁଡ଼ା ପାଳନ ଭଳି ପ୍ରମୁଖ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦକ୍ଷତା ବିକାଶ ସହିତ ସଦସ୍ୟଙ୍କ ଜୀବନକୁ ପରିବର୍ତ୍ତିତ କରିବାରେ ସହାୟକ ହୋଇପାରିଛି। କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ, ଏନ୍‌ଏଫ୍‌ଏସ୍‌ଏମ୍, ସେଲକୋ ଫାଉଣ୍ଡେସନ୍ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସାହାଯ୍ୟ ମିଳିଛି। ସଂଗଠନଟି ଏକତ୍ରୀକରଣ, ବିପଣନ, ବିହନ, ସାର, କୀଟନାଶକ, ଜୈବିକ ସାର ପ୍ରଭୃତିର ବଣ୍ଟନ, ସ୍ଥାନୀୟ ଡାଲିର ମୂଲ୍ୟବୃଦ୍ଧି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାରେ ଆଗଭର ହୋଇପଡ଼ିଛି। ତା ସହିତ ସଂଗଠନଟି ଚାଷୀଙ୍କୁ ବଜାର ସହିତ ସିଧାସଳଖ ଯୋଡିହେବାକୁ ସୁଯୋଗ ଦିଏ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଫଳରେ ଚାଷୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି। ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି ସଂଗଠନ ଚାଷରେ ରୋଗ ପୋକ, ଉଚିତ ମୂଲ୍ୟର ଅଭାବ ଆଦି ଅନେକ ସମସ୍ୟା ଦେଇ ଗତି କରିଛି। ଏହାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ, ଆଧୁନିକ ଜ୍ଞାନ ଓ କୌଶଳ ଜନିତ କର୍ମଶାଳା, ଶିକ୍ଷାମୂଳକ ପରିଭ୍ରମଣ, କୁକୁଡା ପାଳନ ପାଇଁ ପଶୁ ଚିକିତ୍ସା ସହାୟତା ଓ ଟିକାକରଣ ପ୍ରଦାନ, ଫସଲ ବିବିଧିକରଣ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଯୋଜନା ଏବଂ ଋଣ ସୁବିଧା ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଦିଗରେ ପଦକ୍ଷେପ, ପ୍ରକ୍ରିୟାକରଣ ୟୁନିଟ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗୀକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।

# ସୁବର୍ଣ୍ଣା




## ଆଳୁଲଗା ଯନ୍ତ୍ର

ଆମ ରାଜ୍ୟରେ ହାତଗଣତି ଚାଷୀ ଆଳୁ ଚାଷ କରନ୍ତି। ଅଧିକ ଉର୍ବରଯୁକ୍ତ ମାଟିରେ ଆଳୁ ଚାଷ ଭଲ ହୋଇଥାଏ। ଆଳୁ ଚାଷ ମୁଖ୍ୟତଃ ରବିଋତୁରେ ହୋଇଥାଏ। ଚାଷୀମାନେ ପାରମ୍ପରିକ ପ୍ରଣାଳୀରେ ମାଟି ପ୍ରସ୍ତୁତଠୁ ନେଇ ବିହନ ଲଗାଇଥାନ୍ତି। ଏକର ଜମିରେ ଆଳୁ ଲଗାଇବାକୁ ୪ରୁ ୫ ଜଣ ଲୋକ ନିୟୋଜିତ ହୋଇଥାନ୍ତି। ଏଥିପାଇଁ ଘଣ୍ଟା ଘଣ୍ଟା ସମୟ ଲାଗେ। ଖର୍ଚ୍ଚ ବଢ଼େ। ହେଲେ ଏବେ ବଜାରରେ ଏକ ଅତ୍ୟାଧୁନିକ ମେସିନ୍ ଉପଲବ୍ଧ ରହିଛି। ଯେଉଁଥିରେ ଆଳୁ ବିହନ ଲଗାଇବା ସହଜ ହେବ। ପଟାଟୋ ପ୍ଲାଣ୍ଟର ନାମକ ଏହି ମେସିନ୍‌ଟି କିଛି ଘଣ୍ଟାରେ ଆଳୁ ବିହନ ଲଗାଇଥାଏ। ଯନ୍ତ୍ରଟି ଏକର ଜମିରେ ମାତ୍ର ୨୦ରୁ ୩୦ ମିନିଟ୍‌ରେ ବିହନ ବୁଣିପାରେ। ଏହି ଯନ୍ତ୍ର ବିହନ ଲଗାଇବା ସହ ସଠିକ୍ ଦୂରତ୍ୱରେ ବିହନ ପୋତିଥାଏ। ଖତ ଏବଂ ମାଟି ପ୍ରୟୋଗ କରିବାରେ ସକ୍ଷମ ହୁଏ। ଏହି ଯନ୍ତ୍ରଟି ଟ୍ରାକ୍ଟର ସାହାଯ୍ୟରେ ଚାଲିଥାଏ। ଆଳୁ ଲଗାଯନ୍ତ୍ରରେ ଆଳୁ ବିହନକୁ ଟାଙ୍କିରେ ରଖିବାକୁ ହୁଏ। ତଳପାର୍ଶ୍ୱରୁ ଗୋଟିଏ ଗୋଟିଏ ଗଜାକୁ ସଠିକ୍ ଦୂରତ୍ୱରେ ପକାଇବାକୁ ଯନ୍ତ୍ରଟି ଗାତ ଖୋଳିଥାଏ। ଏଥିପାଇଁ ଯନ୍ତ୍ରରେ ବ୍ଲେଡ ରହିଛି। ତେବେ ଯନ୍ତ୍ରଟି ଖତ ପ୍ରୟୋଗ କରୁପାରୁ ଥିବାରୁ ଫସଲ ସମାନ ଭାବେ ବଢ଼ିଥାଏ।




## ରୋଷେଇ ବର୍ଜ୍ୟରୁ ତରଳ ଔଷଧ

**ଗଛକୁ ପ୍ରାକୃତିକ ଖତ ଦେବାକୁ ଚାହୁଁଥିଲେ ରୋଷେଇଘରୁ ତରଳ ଜୈବିକ ଘୋଳ ପ୍ରସ୍ତୁତ କରିପାରିବେ। ଏହି ଜୈବିକ ଘୋଳରେ ସୂକ୍ଷ୍ମ ତତ୍ତ୍ୱ, ଖଣିଜ, ଭିଟାମିନ୍ ଥାଏ। ଏହା ଫସଲକୁ ପୋଷକତତ୍ତ୍ୱ ପ୍ରଦାନ କରିବା ସହ ମାଟିର ଗୁଣବତ୍ତାକୁ ବଜାୟ ରଖି ଗଛ ବୃଦ୍ଧିରେ ସହାୟ ହୁଏ।**



ପରିବା ଧୁଆ ପାଣିରେ ନାନା ପୋଷକତତ୍ତ୍ୱ ରହିଛି। ସେହି ପାଣିକୁ ଏକପାତ୍ରରେ ରଖି ସେଥିରେ ପରିବା ଓ ଫଳ ଚୋପା ପକାଇ ଅଳ୍ପ ମାଟି ଓ ଗୋବର ପକାଇଲେ ପାଣିରେ ଜୈବିକ ତତ୍ତ୍ୱ ସଢ଼ିଯାଏ। ପୋଷକତତ୍ତ୍ୱ ତରଳି ଯାଏ। ଏହି ପାଣିକୁ ଢାଙ୍କୁଣୀ ଦେଇ ୩ ରୁ ୫ ଦିନ ଘୋଡାଇ ଛାଇ ସ୍ଥାନରେ ରଖି ଦୈନିକ ଗୋଳାଯାଏ। ୪ରୁ ୫ ଦିନ ପରେ ଉକ୍ତ ଘୋଳକୁ ଛାଣି ଏକ ଲିଟର ତରଳ ଖତରେ ୫ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ ଦ୍ୱାରା ଗଛକୁ ପୋଷାକତତ୍ତ୍ୱ ମିଳିଥାଏ। ମାଟିର ଗୁଣବତ୍ତା ବୃଦ୍ଧି କରେ। ତେବେ ତରଳ ଖତକୁ ୭ ଦିନ ମଧ୍ୟରେ ଉପଯୋଗ କରିଦେବା ଭଲ।

## ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା



ଜମିରେ ବିହନ ବୁଣିବା ପୂର୍ବରୁ ଚାଷୀଭାଇ ମାଟିର ଉର୍ବରଶକ୍ତି ଓ ଆର୍ଦ୍ରତା ପରୀକ୍ଷା କରିଥାନ୍ତି। ଅବଶ୍ୟ ଏଥିପାଇଁ ମାଟିକୁ ଲ୍ୟାବ୍‌କୁ ନେବାକୁ ପଡ଼ିଥାଏ। ହେଲେ ଏବେ ଜଣେ ବ୍ୟକ୍ତି ନିଜ ହାତରେ ବି ମାଟିର ଆର୍ଦ୍ରତା ବିଷୟରେ ଜାଣିପାରିବେ। କୃଷି ବିଶେଷଜ୍ଞଙ୍କ ମତରେ ମାଟିରେ ସନ୍ତୁଳିତ ଆର୍ଦ୍ରତା ଥିଲେ ସୋରିଷ, ଚଣା, ମସୁର, ମଟର ଏବଂ ଗହମ ଆଦି ଚାଷ ପାଇଁ ବୁଣାବୁଣି କରିବାକୁ ଭଲ ସମୟ। ତେଣୁ ମାଟିର ଆର୍ଦ୍ରତା ପରୀକ୍ଷା କରିବାକୁ ପ୍ରଥମେ ମାଟିକୁ ହାତରେ ମୁଠା କରିବାକୁ ହୁଏ। ଯଦି ମାଟି ହାତ ପାପୁଲିରେ ଲାଗି ଯାଉଥାଏ, ମାଟିରୁ ପାଣି ନ ଗଡ଼େ ତେବେ ଏହା ଆର୍ଦ୍ରତା ଠିକ୍ ଥିବାକୁ ସୂଚାଏ। ସେହିପରି ଚାଷ ଜମିରେ ଚାଲିଲେ ଯଦି ପାଦ ଚିହ୍ନ ପଡୁଛି ହେଲେ ମାଟି ଆପଣଙ୍କ ଜୋତାରେ ଲାଖିଯାଉନାହିଁ, ତେବେ ବୁଣାବୁଣି କାର୍ଯ୍ୟ କରିପାରିବେ। ସଠିକ୍ ସମୟରେ ଫସଲ ବୁଣିଲେ ଉତ୍ପାଦନ ଭଲ ହୁଏ। ଯଦି ଚାହିଁବେ ବଜାରରେ ମାଟିର ଆର୍ଦ୍ରତା ମାପିବା ପାଇଁ ମିଟର ମିଳୁଛି ତାହାକୁ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ
### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନ୍ ଦ୍ୱାରା ଘୋଡାଇ ସୁରକ୍ଷିତ ରଖନ୍ତୁ। ଜମିରୁ ବଳକା ପାଣି ନିଷ୍କାସନ କରିବାକୁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ।
- ଅମଳ ଉପଯୋଗୀ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଶୀତଦିନିଆ ପରିବା ଓ ଡାଲିଜାତୀୟ ଫସଲକୁ ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ। କୀଟନାଶକ ଓ ସାର ପ୍ରୟୋଗ ମଧ୍ୟ ସାମୟିକ ବନ୍ଦ ରଖନ୍ତୁ।
- ଭାରି ବର୍ଷା ଯୋଗୁ ନଇଁ ପଡ଼ିଥିବା ବା ଦୁର୍ବଳ ହୋଇଥିବା କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ବାଉଁଶ ବାନ୍ଧି ଢେରା ଦିଅନ୍ତୁ।
- ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖୁଆଇବା ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟିକାକରଣ କରାନ୍ତୁ।
- ଅଧିକ ବର୍ଷା ଯୋଗୁ ପୋଖରୀରୁ ମାଛ ବାହାରି ନ ଯିବା ପାଇଁ ପୋଖରୀ ହୁଡ଼ାରେ ଜାଲ ଲଗାନ୍ତୁ। ବର୍ଷା ସମୟରେ ପ୍ରାଣୀଙ୍କୁ ଘର ଭିତରେ ରଖନ୍ତୁ। ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।

## ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ବଭୁମା ଦ. ଆଫ୍ରିକା ଅଧିନାୟକ

ଜୋହାନ୍ସବର୍ଗ,୨୭।୧୦(ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ପାକିସ୍ତାନ ସହ ୧-୧ରେ ସିରିଜ୍ ଡ୍ର ରଖିଥିବା ଦକ୍ଷିଣ ଆଫ୍ରିକା ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯାଇଛି। ଟେମ୍ବା ବଭୁମା ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଏହା ଛଡ଼ା ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସିରିଜ୍ ଲାଗି ଦଳରେ ୩ଜଣ ପ୍ରମୁଖ ସ୍ପିନରଙ୍କୁ ସାମିଲ କରାଯାଇଛି। ବାମହାତୀ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରନ ମୁଥୁସ୍ୱାମୀଙ୍କୁ ଦଳରେ ସାମିଲ କରିଛି। ଫାଷ୍ଟ ବୋଲର କାଗିସୋ ରାବାଡା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ ରହିଛନ୍ତି।ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କୋଲକାତାରେ ନଭେମ୍ବର ୧୪ରୁ ଆରମ୍ଭ ହେବ। ଏହା ପରେ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳାଯିବ। ଏହା ପରେ ଭାରତ ସହ ନଭେମ୍ବର ୩୦ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଡିସେମ୍ବର ୯ରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଘୋଷିତ ଦଳ: ଟେମ୍ବା ବଭୁମା (ଅଧିନାୟକ), ଆଇଡେନ୍ ମାର୍କରମ, ରିୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଏଲ ଭେରିନ୍, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟୋନି ଡି ଜୋର୍ଜି, କର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନ୍‌ସେନ, କାଗିସୋ ରାବାଡା, କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି**

## ରୌପ୍ୟ ବିଜୟୀ ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୨୭ ।୧୦ (ସମିସ): ଓମାନର ରାଜଧାନୀ ମସ୍କଟରେ ଉଦ୍‌ଯାପିତ ହୋଇଯାଇଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସଅପ୍ ହୋଇଛି। ଫାଇନାଲରେ କାଜାଖସ୍ତାନ ୨୭-୦ ସ୍କୋରରେ ଭାରତକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ଏଥିସହ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜର



ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଯାହାକି ଏସିଆ ରଗ୍‌ବୀରେ ଶୀର୍ଷସ୍ତରୀୟ ଟୁର୍ଣ୍ଣାମେଣ୍ଟ। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ରୌପ୍ୟ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

**ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ**

## ନିତା ଫୁଟବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର,୨୭।୧୦(ସମିସ): ଭୁବନେଶ୍ୱରର ନିତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲ ଏକାଡେମୀକୁ ପରାସ୍ତ କରି ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳର ସୋନାଲି ସୋରେନ୍ ଓ ଇପ୍ସିତା ରାଉତ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ମନୀଷା ପାନ୍ନା ଅତିଥିଭାବେ ଯୋଗ ଦେଇ ସୋନାଲିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ମହମ୍ମଦ୍ ସାହିଦ ଜବାର, ଅଶୋକ ମହାନ୍ତି ଓ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ସେମି ପୂର୍ବରୁ ଭାରତକୁ ଝଟ୍‌କା; ପ୍ରତୀକା ବାଦ୍

ନଭି ମୁମ୍ବଇ, ୨୭ ।୧୦ (ଏଜେନ୍ସି)



ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ (୧୩ ପଏଣ୍ଟ), ଇଂଲଣ୍ଡ (୧୧), ଦକ୍ଷିଣ ଆଫ୍ରିକା (୧୦) ଓ ଭାରତ (୭) ଯଥାକ୍ରମେ ପଏଣ୍ଟ ଟେବଲର ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଏବଂ ଗୁରୁବାର ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ତେବେ ଦ୍ୱିତୀୟ ସେମିଫାଇନାଲ ପୂର୍ବରୁ ଆୟୋଜକ ଭାରତୀୟ ଦଳକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇନଫର୍ମ ଓପନର୍ ପ୍ରତୀକା ରାୱଲ ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ପ୍ରତୀକାଙ୍କ ଗୋଇଠି ମୋଡ଼ି ହୋଇଯାଇଥିଲା। ଫଳରେ ସେ ଗୁରୁତର ଆଘାତ ପାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏପରିକି ଭାରତୀୟ ଇନିଂସରେ ସେ ଆଉ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପ୍ରତୀକା ନ ଖେଳିବା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ପ୍ରତୀକା ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ଫର୍ମରେ ରହିଥିଲେ। ୭ଟି ଇନିଂସରେ ସେ ୫୧.୩୩ ହାରରେ ୩୦୮ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨୨ ରନର ଦମ୍‌ଦାର ଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ ପ୍ରତୀକା ସାଥୀ ଖେଳାଳି ସ୍ମୃତି ମନ୍ଧାନା (୩୬୫)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ସହ ପ୍ରତୀକା ବିଶ୍ୱକପ୍‌ରେ ଭାରତକୁ ଏକାଧିକ ମ୍ୟାଚରେ ଉଲ୍ଲେଖନୀୟ ପ୍ରାରମ୍ଭ ଦେଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ଭଳି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରେ ସେ ନ ଖେଳିବା ଭାରତ ପାଇଁ ନିଶ୍ଚିତ ମହଙ୍ଗା ସାବ୍ୟସ୍ତ ହେବ। ତାଙ୍କ ସ୍ଥାନର ଶେଫାଳି ବର୍ମାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

## ଆଇସିୟୁରୁ ବାହାରିଲେ ଶ୍ରେୟସ୍

ସିଡନୀ,୨୭।୧୦(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଆହତ ହେବା ପରେ ଏବେ ଅଷ୍ଟ୍ରେଲିଆରେ ଚିକିତ୍ସିତ ହେଉଛନ୍ତି। ଦୁଇଦିନ ଧରି ଆଇସିୟୁରେ ରହିବା ପରେ ଆଜି ତାଙ୍କୁ ବାହାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହୋଇଛି ଖୁବ୍ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ଶ୍ରେୟସଙ୍କ ପରିବାର ସଦସ୍ୟଙ୍କୁ ଖୁବ୍ ଶୀଘ୍ର ସିଡନୀ ପଠାଇବାର ବ୍ୟବସ୍ଥା ହୋଇଛି। କ୍ୟାଚ୍ ଧରିବାକୁ ଯାଇ ଆଘାତ ପାଇବା ପରେ ତାଙ୍କ ପ୍ଲୀହାରେ କ୍ଷତ ହୋଇଥିବାରୁ ସେ ହସ୍ପିଟାଲରୁ କେବେ ଛାଡ଼ ପାଇବେ କିମ୍ବା ସୁସ୍ଥ ହେବାକୁ କେତେଦିନ ଲାଗିବ ତାହା କହିବା କଷ୍ଟକର। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ପାଖରେ ରହି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି।



ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ସହ ସିଡ୍‌ନୀରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କ ଏକ କ୍ୟାଚ୍ ଧରିବା ବେଳେ ଅଡୁଆ ସ୍ଥିତିରେ ଶ୍ରେୟସ ପଡ଼ିଯାଇଥିଲେ। କ୍ୟାଚ୍ ଧରିବା ପରେ ପଡ଼ିଆରେ ଯନ୍ତ୍ରଣା ଅନୁଭବ କରିବାକୁ ତାଙ୍କୁ ବାହାରକୁ ନିଆଯାଇଥିଲା। ପ୍ରାଥମିକ ଅବସ୍ଥାରେ ତାଙ୍କ ପଞ୍ଜରା ହାଡ଼ରେ ଆଘାତ ଲାଗିଛି ବୋଲି ଆଶଙ୍କା କରାଯାଉଥିଲା। ବିସିସିଆଇ ମେଡିକାଲ ଟିମ୍ କୌଣସି ରିସ୍କ ନ ନେଇ ତାଙ୍କୁ ଶ୍ରୀଘ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍କାନ୍‌ରୁ ଦେହ ଭିତ (ପ୍ଲୀହା)ରେ ରକ୍ତସ୍ରାବ ହେଉଥିବା ଜଣାଯାଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ ଆଇସିୟୁରେ ରଖାଯାଇଥିଲା। ତୃତୀୟ ଦିନିକିଆରେ ରୋହିତ ଶର୍ମା- ବିରାଟ କୋହଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଏହା ପରେ ଭାରତୀୟ ଦଳ ବୁଧବାର ଟି-୨୦ ମ୍ୟାଚ୍ ଖେଳିବାକୁ କାନବେରା ଯାଇଛନ୍ତି। କିନ୍ତୁ ଆୟର ମେଡିକାଲରେ ଅଛନ୍ତି। ସେ କେବଳ ଦିନିକିଆ ଫର୍ମାଟ ଲାଗି ମନୋନୀତ ହେଉଥିବାରୁ ଦକ୍ଷିଣ ଆଫ୍ରିକା ସିରିଜ୍ ତାଙ୍କ ଲାଗି ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ହେବ। ରାଞ୍ଚିରେ ନଭେମ୍ବର ୩୦ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। କିନ୍ତୁ ଏହି ସିରିଜ୍‌ରେ ତାଙ୍କର ଖେଳିବା ଆଶା କମ୍ ବୋଲି କୁହାଯାଉଛି।

**ଦିନକ ପରେ ଟି-୨୦ ସିରିଜ୍**

## ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ଗମ୍ଭୀର

କାନବେରା,୨୭।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। କାନବେରାରେ ବୁଧବାରଠାରୁ ଏହି ସିରିଜ୍ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତ ହେଉଥିଲା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନାହାନ୍ତି। ସେ ଖେଳିଥିବା ଗତ ୭ଟି ମ୍ୟାଚ୍‌ରେ ମାତ୍ର ୭୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ସେମାନଙ୍କ ଘରୋଇ ମାଟିରେ ଖେଳିବା ବିଶ୍ୱ ଚାମ୍ପିଅନ ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡା ହୋଇଛି। କିନ୍ତୁ ଏହି ଚ୍ୟାଲେଞ୍ଜ କିମ୍ବା ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ହେଡ୍ କୋଚ୍ ଗୌତମ ଗମ୍ଭୀର। ତାଙ୍କ ମତରେ ଭାରତ ଏବେ ଆକ୍ରମଣାତ୍ମକ



ବ୍ରାଣ୍ଡ (ଅଲଟ୍ରା ଆଗ୍ରେସିଭ୍)ର କ୍ରିକେଟ ଖେଳୁଛି। ଏହା ଆମ ଯୋଜନାରେ ରହିଛି। ଏଥିରେ ଜଣେ ବ୍ୟାଟର ଫେଲ ହେଲେ କିଛି ଫରକ ପଡ଼ିବ ନାହିଁ। ଯୁବ ଖେଳାଳି ଅଭିଷେକ ଶର୍ମା ଓ ତିଳକ ବର୍ମା ଭଲ ଫର୍ମରେ ଅଛନ୍ତି। ଦଳର ରଣନୀତି ଅନୁଯାୟୀ ସମସ୍ତେ ଖେଳୁଛନ୍ତି। ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ଏସିଆ କପ୍ ଚାମ୍ପିଅନ ହୋଇଛି। ଏଣୁ ଦଳର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ବଦ୍ଧ ପରିକର ଅଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟକୁମାରଙ୍କ ଫର୍ମ ହରାଇବା ଆମକୁ ଅଡୁଆ ସ୍ଥିତିରେ ପକାଇବ ନାହିଁ ବୋଲି ଗମ୍ଭୀର ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏପରି ଖେଳିବାବେଳେ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ଜଣେ ଖେଳାଳି ଫେଲ୍ ମାରିଲେ, ତାହା କିଛି ପ୍ରଭାବ ପକାଇବ ନାହିଁ। ସୂର୍ଯ୍ୟ ଯଦି ୩୦ ବଲ୍‌ରେ ୪୦ ରନ୍ କରି ଆଉଟ ହୁଅନ୍ତି ଏବଂ ଭାରତ ପରାଜିତ ହୋଇଯାଏ, ତେବେ ତାହା ଦଳର ରଣନୀତି ବିଫଳ ହେଲା ବୋଲି କୁହାଯିବ। ଖେଳାଳିମାନେ ଯେପରି ସାହସିକ କ୍ରିକେଟ ଖେଳୁଛନ୍ତି ତାହା ବେଶ ଉତ୍ସାହଜନକ। ସୂର୍ଯ୍ୟ ରିଦିମକୁ ଫେରିବା ଲାଗି ଗୋଟିଏ ବଡ଼ ଇନିଂସର ଆବଶ୍ୟକତା ରହିଛି। ମୁଁ ଆଶା କରୁଛି ଅଷ୍ଟ୍ରେଲିଆରେ ସେ ଏପରି ଏକ ବଡ଼ ଇନିଂସ ଖେଳିବେ ବୋଲି ଗମ୍ଭୀର କହିଛନ୍ତି।



## ଆହତ ଲାଗି ୨୦୨୫ରେ ଆଉ ଖେଳିବେନି ସିନ୍ଧୁ

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଆଘାତଜନିତ ସମସ୍ୟା ଲାଗି ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ସିଜନର ବଳକା ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ୟୁରୋପିଆନ୍ ଲେଗ୍ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ସିନ୍ଧୁଙ୍କୁ ପାଦରେ ଆଘାତ ଲାଗିଥିଲା। ଡାକ୍ତରଙ୍କ ପରାମର୍ଶ ପରେ ୩୦ ବର୍ଷୀୟା ଏହି ତାରକା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଚଳିତ ସିଜନରେ ଆଉ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁଙ୍କ ପାଇଁ ଚଳିତ ବର୍ଷ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ଗତବର୍ଷ ଡିସେମ୍ବରରେ ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାସନାଲ ସୁପର୍ ୩୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ। ଯାହାକି ତାଙ୍କର ଶେଷ ଅନ୍ତର୍ଜାତୀୟ ଟ୍ରଫି ଥିଲା।

**ରାଜ୍ୟ ପାରା ସନ୍ତରଣ ଉଦ୍‌ଯାପିତ**

## ମୋନାଲି, କବିତାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୦(ସମିସ): ଓଡ଼ିଶା ରାଜ୍ୟ ପାରା ସନ୍ତରଣ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍‌ସେଣ୍ଟରପରିସରରେସୋମବାରଉଦ୍‌ଯାପିତ ହୋଇଯାଇଛି।ଅକ୍ଟୋବର୨୫ଓ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୪୦ ଜଣ ପାରାସନ୍ତରଣକାରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରୁ ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ୧୮ ତାରିଖଯାଏ ହେବାକୁ ଥିବା ଜାତୀୟ ପାରାସନ୍ତରଣ



ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ। ପୁରୁଷ ବିଭାଗରେ ବଲାଙ୍ଗିରର ମୋହନ ମାଝୀ ଓ ନୂଆପଡ଼ାର ଆକାଶ ବନଛୋର ୩ଟି ଲେଖାଏଁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ାର ମୋନାଲି ସ୍ୱାଇଁ ଓ ଗଞ୍ଜାମର କବିତା ଦଳାଇ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ମୁଖ୍ୟ ଅତିଥି ଓ ଆୟୋଜକ ଓଡ଼ିଶା ପାରା ଆଥଲେଟିକ ଆସୋସିଏସନ ସଭାପତି କମଳାକାନ୍ତ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ସବ୍‌ଜୁନିୟର ବାଳକ ଫୁଟବଲ**

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୨୭।୧୦(ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ପ୍ରଥମ ମ୍ୟାଚରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ମିଜୋରାମ ୧୩-୦ ଗୋଲରେ ଓଡ଼ିଶାକୁ ହରାଇଛି। ପ୍ରଥମାର୍ଦ୍ଧରେ ୬ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ସ୍କୋର କରି ମିଜୋରାମ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳର ଏଲ ଜାସନ ୪ଟି, ଅଧିନାୟକ ଏଲ ବର୍ଣ୍ଣାଡ ୩ଟି ଗୋଲ ଦେଇଥିଲେ। ସତ୍ୟଜିତ ସିଂହଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଦଳ ଆସନ୍ତା ୨୯ରେ ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଚାମ୍ପିଅନ ଟାଇଟନ୍ସକୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର,୨୭।୧୦(ସମିସ): ରାଜଧାନୀ ଉପକଣ୍ଠସ୍ଥ ଘାଟିକିଆ ହାଇସ୍କୁଲ ପଡ଼ିଆରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଇଟନ୍ସ ଚାମ୍ପିଅନ ଓ ସିଡିଏ ଲାୟନ୍ସ ରନର୍ସ ଅପ୍ ହୋଇଛନ୍ତି। ଚାମ୍ପିଅନ ଦଳକୁ




ଦେଢ଼ (୧.୫) ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୮୦,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟଅତିଥି, ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ରନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

**ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି**

# ଭଲ ସ୍ଥିତିରେ ଉତ୍ତରପ୍ରଦେଶ

କଟକ,୨୭।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ଉତ୍ତରପ୍ରଦେଶ ଦଳ ଭଲ ସ୍ଥିତିରେ ରହିଛି। ପ୍ରଥମ ପାଳିରେ୧୩୭ ରନର ଅଗ୍ରଣୀ ହାସଲ କରି ସାରିଥିବା ଉତ୍ତରପ୍ରଦେଶ ହାତରେ ଆହୁରି ୪ଟି ୱିକେଟ ବାକି ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ। ଏଣୁ ପରାଜୟଆଶାକୁ ଏଡାଇ ମ୍ୟାଚ୍ ଡ୍ର ରଖି ୧ ପଏଣ୍ଟ ହାତେଇବାକୁ ଓଡ଼ିଶା ଉଦ୍ୟମ କରିବ ବୋଲି ଅନୁମାନ କରାଯାଉଛି।

**କରନ, ଆରାଧ୍ୟଙ୍କ ଶତକ**

ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଥିଲା। ଅଧିନାୟକ କରନ ଶର୍ମା ୮୩ରନ ଏବଂ ଆରାଧ ଯାଦବ ୮୦ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଏଠାରେ ଶତକୀୟ ପାଳି ଖେଳି ଦଳ ପାଇଁ ୩ ପଏଣ୍ଟ ନିଶ୍ଚିତ କରିଥିଲେ। କରନ ୧୨୧ରନ କରିଥିବା ବେଳେ ସ୍ପିନର ବାଦଲ ବିଶ୍ୱାଳଙ୍କ ଶିକାର ହୋଇଥିଲେ। ଆରାଧ୍ୟ ୧୦୧ରନରେ ରିଟାୟର୍ଡ ହର୍ଟ ହୋଇ କ୍ରିଜ ଛାଡ଼ିଥିଲେ। ପ୍ରଶାନ୍ତ ବୀର ୬ରନ କରିଥିବା ବେଳେ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ୩ୟ ଦିବସର ଅନ୍ତିମ ବଲରେ ପ୍ରିୟମ ଗର୍ଗଙ୍କୁ ୩୧ରନରେ ସୁମିତ ଶର୍ମା ଆଉଟ କରି ଦଳ ପାଇଁ ୬ଷ୍ଠ ସଫଳତା ଦେଇଥିଲେ। ବିପରାଜ ନିଗମ ୧୪ରନରେ ଅପରାଜିତ ରହିଛନ୍ତି। ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଛନ୍ତି। ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି। ତେବେ ଓଡ଼ିଶାର ପ୍ରମୁଖ ବୋଲରମାନେ ୱିକେଟ ହାସଲ ନକରି ପାରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ରାଜେଶ ମହାନ୍ତି ୧୮ ଓଭର, ସୁନୀଲ ରାଉଳ ୧୪ଓଭର, ଗୋବିନ୍ଦ ପୋଦ୍ଦାର ୧୩ ଓଭର ବୋଲିଂ କରିବା ସତ୍ତ୍ୱେ କୌଣସି ସଫଳତା ପାଇ ନାହାନ୍ତି।

## ରଣଜୀ ଟ୍ରଫି: ୧୪୧ ବଲରେ ପୃଥ୍ୱୀଙ୍କ ଦ୍ୱିଶତକ



ଚଣ୍ଡିଗଡ଼, ୨୭ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ମହାରାଷ୍ଟ୍ର ଓପନର୍ ପୃଥ୍ୱୀ ଶ’ ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ଘରୋଇ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ପାଳିରେ ପୃଥ୍ୱୀ ୧୫୬ ବଲରେ ଅପରାଜିତ ୨୨୨ ରନ କରିଥିଲେ। ଯେଉଁଥିରେ ୨୯ ଚୌକା ଓ ୫ ଛକା ସାମିଲ ରହିଥିଲା। ପୃଥ୍ୱୀ ୧୪୧ ବଲରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଫଳରେ ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ସେ ତୃତୀୟ ଦ୍ରୁତତମ ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ହାଇଦରାବାଦ୍ ଓପନର୍ ତନ୍ମୟ ଅଗ୍ରୱାଲଙ୍କ ନାମରେ ରହିଛି। ଗତବର୍ଷ ତନ୍ମୟ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲରେ ଦ୍ୱିଶତକ ପୂରଣ କରିଥିଲେ। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରବି ଶାସ୍ତ୍ରୀ ରହିଛନ୍ତି। ୧୯୮୫ରେ ବରୋଦା ବିପକ୍ଷ ମ୍ୟାଚରେ ମୁମ୍ବଇ ତାରକା ଶାସ୍ତ୍ରୀ ୧୨୩ ବଲରେ ଦ୍ୱିଶତକ ମାରିଥିଲେ।

## ଭୁବନେଶ୍ୱର-ବି’କୁ ଜିତାଇଲେ ମୃତ୍ୟୁଞ୍ଜୟ

କଟକ,୨୭।୧୦(ସମିସ): ୧୬ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଆଜି ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୮ ୱିକେଟରେ ସମ୍ବଲପୁର-ବିକୁ ପରାସ୍ତ କରିଛି। ଦଳର ପ୍ରମୁଖ ଅଲରାଉଣ୍ଡର



ମୃତ୍ୟୁଞ୍ଜୟ ରାୟ ଲେଗ୍‌ବ୍ରେକ୍ ସ୍ପିନ ଯାଦୁରେ ସମ୍ବଲପୁରର ୪ଟି ୱିକେଟ ଦଖଲ କରିଥିଲେ। ୨୨ରନ ବିନିମୟରେ ମୃତ୍ୟୁଞ୍ଜୟଙ୍କୁ ଏହି ସଫଳତା ମିଳିଥିଲା। ସମ୍ବଲପୁର-ବିର ଇନିଂସ୍ ମାତ୍ର ୬୬ରନରେ ସୀମିତ ରହିବା ପରେ ଦୁଇ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟୀ ହୋଇଥିଲା। ମୃତ୍ୟୁଞ୍ଜୟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସିକେ ନାଇଡୁ ଟ୍ରଫି**

## ବଡ଼ ଅଗ୍ରଣୀ ଲକ୍ଷ୍ୟରେ ଓଡ଼ିଶା

କଟକ,୨୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀର ନିକଟତର ହୋଇଛି। ଆସାମର ପାଳିକୁ ୨୧୬ ରନରେ ସୀମିତ ରଖିବା ପରେ ଘରୋଇ ଓଡ଼ିଶା ଦଳ ୩ ୱିକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଛି। ଓପନର ଓମ ଟି ମୁଣ୍ଡେ ୮୪ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା



ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଅସମାପ୍ତ ପ୍ରଥମ ପାଳି ୨୦୦/୯ରୁ ଆଜି ଆସାମ ବ୍ୟାଟିଂ ଆରମ୍ଭ କରିଥିଲା। ୯୪ରନରେ ଅପରାଜିତ ଥିବା ରାଜବୀର ସିଂହ ୧୦୫ରନ କରି ଆୟୁଷ ବାରିକଙ୍କ ୩ୟ ଶିକାର ପାଲଟିଥିଲେ। ଆସାମାର ଇନିଂସ୍ ୨୧୬ରନରେ ପରିସମାପ୍ତି ଘଟିଥିଲା। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଓମ୍ ଏବଂ ପାନକଲ ଶଶାଙ୍କ ଓପନିଂ ଯୋଡ଼ିରେ ୧୦୩ରନର ଭାଗିଦାରୀ ସୃଷ୍ଟି କରିଥିଲେ। ଶଶାଙ୍କ ୪୮ରନ, ଓମ୍ ୮୪ରନରେ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧ରନରେ ଆଉଟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS